RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ସେପ୍ଟେମ୍ବର ୨୦୧୮
ମୂଲ୍ୟ : ୨୫ ଟଙ୍କା

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE







*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

**ସମ୍ପାଦକ :**

**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଚତୁର୍ଥ ବର୍ଷର ଷଷ୍ଠ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ‘ପ୍ରାଚୀ’ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ଗ୍‌ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା’ର ସ୍ୱର୍ଗୀୟ ପ୍ରେମରେ । ତା’ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ ‘ପ୍ରାଚୀ’ ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା’ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।<br>କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । ‘ପାଗଳ’ ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ’ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା’, ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-4, September 2018, Issue No. VI
RNI No. : ODIODI/2015/64435
P.R. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର
ପରିଚାଳନା ସମ୍ପାଦିକା :
ପ୍ରଜ୍ଞା ପରିମିତା
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

Declaration
Edited, Published & Owned by :
Dr. Bibhudatta Khandayatray

Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଏଇ ସଂଖ୍ୟାରେ...

### ପ୍ରବନ୍ଧ

ଓଡ଼ିଶାରେ ଗାନ୍ଧୀଙ୍କ ହରିଜନ ପଦଯାତ୍ରା ଓ ଲୋକକ୍ଷେତ୍ରରୁ ଶିକ୍ଷା — ଅଶ୍ୱିନୀ କୁମାର ସେଠୀ — ୦୭
ନନ୍ଦରାଜାର ଟିକି ପିଲାଟି — ଗୀତାଞ୍ଜଳୀ ନାୟକ — ୦୯

### ଗଳ୍ପ

ଅଲୋଡ଼ା ମାତୃତ୍ୱ — ଲୀଳାବତୀ ମହାପାତ୍ର — ୧୧
ଦହନର ଅନ୍ୟ ନାଁ... — ଶ୍ରୀ ରାଜେଶ ପୂଜାରୀ — ୧୩
ଯବନିକା ପାତ — ସଦାଶିବ ପଣ୍ଡା — ୧୬
ଦୀକ୍ଷା — ଏଲିନା ପଣ୍ଡା — ୧୮
ଈଶ୍ୱର — ଲିଙ୍ଗରାଜ ଶତପଥୀ — ୧୯
ଅସମାହିତ ପ୍ରଶ୍ନ — କବିଅଂଶୁ ନିତ୍ୟାନନ୍ଦ ତ୍ରିପାଠୀ — ୨୧
ଗୁରୁ ଶିଷ୍ୟ ଲଢ଼େଇ ବନ୍ଦ ହେଲା କାହିଁକି ? — ପୁରୁଷୋତ୍ତମ ପୃଷ୍ଟି — ୨୩
ଗୁରୁଙ୍କ ଆବଶ୍ୟକତା — ରେଭ୍ ଡକ୍ଟର ରବିନ୍ ଚନ୍ଦ୍ର ସାହୁ — ୨୪
ବିବର୍ଣ୍ଣ ପୃଥିବୀ — ବିଭୂତି ଭୂଷଣ ସେନାପତି — ୨୫
ଉଷାର ପହିଲି ଆଲୋକ — ପ୍ରମିଳା ପ୍ରତାପ — ୨୮
କର୍ମଫଳ — ପ୍ରଦୀପ୍ତ କୁମାର ଦାଶ — ୩୧
ଉଲ୍‌କା — ସୁଧାମୟୀ ଦାସ — ୩୨
ଉଜୁଡ଼ା ସଂସାର ସଜାଡ଼ି ହେଲା — ବନଲତା ସିଂହ — ୩୪
ଆଜିର କଥା — ଡଃ ପଦ୍ମଲୋଚନ ମହାକୁଡ — ୩୬
ଶେଷ ଅଙ୍କ — ଧନେଶ୍ୱର ସାହୁ — ୩୭
ପାପ-ପୁଣ୍ୟ — ସ୍ମୃତି ପଟ୍ଟନାୟକ — ୩୮
ସୁଲୋଚନା — ପ୍ରତାପ ଚନ୍ଦ୍ର ରାଉତ — ୪୧
ଅଭିସାରିକା — ସୁଦେଷ୍ଣା ମିଶ୍ର — ୪୨
ଇନ୍ଦ୍ରଧନୁର ଭିନ୍ନ ରଙ୍ଗ — ସୁବ୍ରତ ରଥ — ୪୮

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **“ପ୍ରାଚୀ”** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ ‘ପ୍ରାଚୀ’ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ “ପ୍ରାଚୀ” ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..................................................................................................

ଠିକଣା ........................................................ ପିନ୍‌କୋର୍ଡ଼ .................................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ .........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ......................................

ବ୍ୟାଙ୍କ୍........................................ ସ୍ଥାନ..........................................................

ତାରିଖ........................................ ଦସ୍ତଖତ.......................................................

**ବାସ୍ତବତାର ପରିପ୍ରକାଶ “ପ୍ରାଚୀ”**
ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧
E-mail : pracheepatrika@rediffmail.com, Web. : www.pracheevoice.in

# ଓଡ଼ିଶାରେ ଗାନ୍ଧୀଙ୍କ ହରିଜନ ପଦଯାତ୍ରା ଓ ଲୋକକ୍ଷେତ୍ରରୁ ଶିକ୍ଷା

- ଅଶ୍ୱିନୀ କୁମାର ସେଠୀ

ସ୍ୱାଧୀନତା ସଂଗ୍ରାମ କାଳରେ ଗାନ୍ଧୀଙ୍କର ସମସ୍ତ ରାଜନୀତିକ ଓ ସାମାଜିକ କାର୍ଯ୍ୟକ୍ରମର ପୃଷ୍ଠଭୂମିରେ ରହିଥିଲା ଲୋକକ୍ଷେତ୍ରରୁ ସେ ଆହରଣ କରିଥିବା ଅନୁଭବ ଓ ଉପଲବ୍ଧି । ଅସ୍ପୃଶ୍ୟତା ନିବାରଣର ବାର୍ତ୍ତା ପ୍ରଚାର କରିବା ପାଇଁ ସେ ହରିଜନ ଯାତ୍ରା ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମର ଏକ ଅଂଶ ସ୍ୱରୂପ ୧୯୩୪ ମସିହା ମେ ମାସ ୫ ତାରିଖ ଗାନ୍ଧୀଜି ଜାମ୍‌ସେଦ୍‌ପୁରରୁ ଆସି ସମ୍ବଲପୁରରେ ଏକ ବିରାଟ ସାଧାରଣ ସଭାରେ ଭାଷଣ ଦେଇଥିଲେ । ବାମୁର ଠାରେ ରାତ୍ରି ଯାପନ କରି ୬ ତାରିଖ ଦିନ ଅନୁଗୁଳ ଠାରେ ଏକ ଜନସଭାକୁ ସମ୍ବୋଧିତ କରିଥିଲେ । ସେଠାରୁ ବାହାରି ବଅଁରପାଳ, ହିନ୍ଦୋଳ, ସଦାଶିବପୁର ଦେଇ କଟକରେ ପହଞ୍ଚିଲେ । ୮ ତାରିଖରେ ପୁରୀରେ ପହଞ୍ଚି ହରିଜନମାନଙ୍କ ପାଇଁ ପଦଯାତ୍ରା କରିବେ ବୋଲି ଘୋଷଣା କଲେ । ଏଠାରେ ଆୟୋଜିତ ସଭାରେ ସେ ଏହାକୁ ଏକ ତୀର୍ଥଯାତ୍ରା ବୋଲି ବର୍ଣ୍ଣନା କରି କୌଣସି ଯାନବାହନ ବ୍ୟବହାର ନକରି ପାଦରେ ଚାଲିଚାଲି ସମଗ୍ର ଯାତ୍ରାପଥ ଅତିକ୍ରମ କରିବେ ବୋଲ ସିଦ୍ଧାନ୍ତ ନେଲେ । ଏହା ତାଙ୍କ ପାଇଁ କେବଳ ଏକ ସାମାଜିକ ପ୍ରସଙ୍ଗ ନଥିଲା ବରଂ ଥିଲା ଏକ ଆଧାତ୍ମିକ ପ୍ରସଙ୍ଗ । ଶ୍ରୀଜଗନ୍ନାଥ ଥିଲେ ତାଙ୍କ ପାଇଁ ଏକତା ଓ ସାମ୍ୟର ପ୍ରତୀକ । ମେ ମାସ ୯ ତାରିଖ ଦିନ ଏହି ପଦଯାତ୍ରା ପୁରୀ ମନ୍ଦିର ସମ୍ମୁଖରୁ ଆରମ୍ଭ ହୋଇ ଜୁନ୍ ୮ ତାରିଖରେ ଭଦ୍ରକ ଠାରେ ଉଦ୍‌ଯାପିତ ହୋଇଥିଲା । ଏହା ପୂର୍ବରୁ ଗାନ୍ଧୀଜି ୧୯୩୪ ମସିହା ଏପ୍ରିଲ୍ ୨୫ ତାରିଖରେ ବିହାରରେ ହରିଜନମାନଙ୍କ ପାଇଁ ଯାତ୍ରା କରିଥିଲେ । ପ୍ରଥମେ ଗାନ୍ଧୀଜି ଆରାରେ ପହଞ୍ଚିଥିଲେ । କାରଣ ସେଠାକାର ଜମିଦାର ନିଜ ମନ୍ଦିରକୁ ହରିଜନମାନଙ୍କ ପାଇଁ ଉନ୍ମୁକ୍ତ କରିଦେଇଥିଲେ । ଗାନ୍ଧୀଜି ଜଶିଡିହରେ ଗାଡ଼ିରୁ ଓହ୍ଲାଇବା ବେଳେ ତାଙ୍କୁ କଳାପତାକା ପ୍ରଦର୍ଶନ କରାଯାଇଥିଲା ଓ ସଭାସ୍ଥଳରେ ପ୍ରବଳ ଗଣ୍ଡଗୋଳ ହୋଇଥିଲା । ସନାତନୀମାନଙ୍କର ଗୋଟିଏ ଦଳ 'ବର୍ଣ୍ଣାଶ୍ରମ ସ୍ୱରାଜ ସଂଘ' ଥିଲା ଏହି ବିକ୍ଷୋଭର ଆୟୋଜକ । ଏହି ସଭାରେ ଗାନ୍ଧୀଜି ଦୁଇ ତିନି ପଦ କହିପାରିଥିଲେ । ଏହା ପରେ ଅରାଠାରୁ ବକ୍‌ସାର ଯାଏ ଗାନ୍ଧୀଜି ଠକ୍କରବାପା, ମୀରାବେନ ଆଦିଙ୍କ ସହ ଟ୍ରେନ୍‌ରେ ଯାତ୍ରା କରିଥିଲେ । ବିକ୍ଷୋଭକାରୀମାନେ ମଧ୍ୟ ଲାଲନାଥଙ୍କ ନେତୃତ୍ୱରେ ସେହି ଟ୍ରେନ୍‌ରେ ଯାତ୍ରା କରିଥିଲେ । ପ୍ରତ୍ୟେକ ଷ୍ଟେସନ୍‌ରେ ଓହ୍ଲାଇ 'ଗାନ୍ଧୀଙ୍କ ଉଦ୍ଦେଶ୍ୟ ଆମେ ସାଧନ ହେବାକୁ ଦେବୁ ନାହିଁ' ବୋଲି ଚିତ୍କାର କରୁଥିଲେ । ବକ୍‌ସାରରେ ଓହ୍ଲାଇ ଗାନ୍ଧୀଜି ପୁଲିସ୍ ଓ ସ୍ୱେଚ୍ଛାସେବୀମାନଙ୍କ ଗହଣରେ ଗାଡ଼ିରେ ଯାଇଥିଲେ । ସେଠି ବିକ୍ଷୋଭକାରୀମାନେ ମଧ୍ୟ ତାଙ୍କ ଗାଡ଼ି ଉପରକୁ ଢେଲା ଓ ଲାଠିମାଡ଼ କରିଥିଲେ । ଧସ୍ତାଧସ୍ତିରେ କିଛି ଲୋକ ଆହତ ହୋଇଥିଲେ ।

ବକ୍‌ସାରରେ ସଭା ବେଳ ପାଖେଇ ଆସୁଥାଏ । ଗାନ୍ଧୀଜି, ଠକ୍କରବାପା, ବିନ୍ଧ୍ୟବାବୁଙ୍କ ସହ ପରାମର୍ଶ କରି ଏକ ସିଦ୍ଧାନ୍ତରେ ପହଞ୍ଚିଲେ । ସେ ଅନୁଭବ କଲେ ଯେ ଗାଡ଼ିଟି ସବୁ ଗଣ୍ଡଗୋଳର ମୂଳ । ଏହା ତାଙ୍କୁ ଉଭୟ ଜନତା ଓ ବିକ୍ଷୋଭକାରୀଙ୍କଠାରୁ ଦୂରେଇ ଦେଉଛି । ସେ ଠିକ୍ କଲେ ଯେ, ସେ ସାଧାରଣ ଲୋକଙ୍କ ଗହଣରେ ଚାଲିଚାଲି ସଭାସ୍ଥଳକୁ ଯିବେ । ଏଭଳି କଲେ ସନାତନୀମାନଙ୍କ କ୍ରୋଧ କମିଯିବ ଓ ସାଧାରଣ ଲୋକଙ୍କ ସମର୍ଥନ ହାସଲ କରିପାରିବେ । ତାହା ହିଁ ଘଟିଲା । ସେ ଲୋକମାନଙ୍କ ଗହଣରେ ଚାଲିଚାଲି ସଭାସ୍ଥଳକୁ ଗଲେ । ଆଶ୍ଚର୍ଯ୍ୟର କଥା ସନାତନୀମାନେ ରାସ୍ତାରେ କିଛି ଧୂନି ଦେଇ ନଥିଲେ; ଲୋକମାନଙ୍କ ଭିତରେ ରହି ସେମାନେ ମଧ୍ୟ ଗାନ୍ଧୀଜିଙ୍କ ପଛେ ପଛେ ନିରବରେ ଚାଲୁଥିଲେ । ଏପରିକି ଗାନ୍ଧୀଜି ସଭାରେ ଭାଷଣ ଦେବା ସମୟରେ ସମସ୍ତେ ଶାନ୍ତ ଭାବେ ବସିରହି ଶୁଣୁଥିଲେ । ଲୋକକ୍ଷେତ୍ରରୁ ଏହା ଥିଲା ଗାନ୍ଧୀଜିଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା । ଜନତାଙ୍କ ଗହଣରେ ରହିଥିଲେ ହିଁ ଜଣେ ଜନନେତା ସେମାନଙ୍କ ଦୁଃଖସୁଖ ବୁଝିପାରିବ ଓ ସେମାନଙ୍କ ଆସ୍ଥାଭାଜନ ହୋଇପାରିବ । କାରଣ ଶାରୀରିକ ଦୂରତ୍ୱ ମାନସିକ ଦୂରତା ସୃଷ୍ଟି କରିଥାଏ ।

ଦ୍ୱିତୀୟ କଥାଟି ଥିଲା ସହନଶୀଳତା । ବକ୍‌ସାର ସଭାରେ ଗାନ୍ଧୀଜିଙ୍କ ବକ୍ତବ୍ୟ ଥିଲା ଯେ ହିଂସାପଥ ଦେଇ କୌଣସି ଧର୍ମ ଆଗକୁ ବଢ଼ି ପାରିବ ନାହିଁ । ଏହା ସନାତନୀ ଓ ହରିଜନ ଉଭୟଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ସେ କହିଲେ ଯେ ସନାତନୀମାନଙ୍କ ସହ ତାଙ୍କର କୌଣସି ମତଭେଦ ନାହିଁ । ସେମାନେ ନିଜର ଦର୍ଶନ ଓ ଦୃଷ୍ଟିଭଙ୍ଗୀକୁ ପ୍ରଚାର କରିପାରନ୍ତି । ଏପରିକି କୌଣସି ସନାତନୀ ଯଦି ଅସ୍ପୃଶ୍ୟତା ଶାସ୍ତ୍ର ସମ୍ମତ ବୋଲି ଦେଖାଇଦେଇପାରନ୍ତି, ସେ ମଧ୍ୟ ତାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ।

ତାଙ୍କ ଆନ୍ଦୋଳନ ଉଚ୍ଚବର୍ଗ ହିନ୍ଦୁମାନଙ୍କ ହୃଦୟ ପରିବର୍ତ୍ତନ ପାଇଁ ଉଦ୍ଦିଷ୍ଟ ଯାହା ଅସ୍ପୃଶ୍ୟତା ନିବାରଣ ଆଇନ ବଳରେ ହୋଇପାରିବ ନାହିଁ । ଏଣୁ କୌଣସି ମନ୍ଦିରକୁ ବଳପୂର୍ବକ ହରିଜନମାନଙ୍କ ପ୍ରବେଶ ପାଇଁ ଅନୁମତି ଦେବା ସପକ୍ଷରେ ସେ ନୁହନ୍ତି । ସବୁ ହିନ୍ଦୁ ମନ୍ଦିର ଯାତ୍ରୀ ସର୍ବସମ୍ମତିକ୍ରମେ ହରିଜନମାନଙ୍କୁ ପ୍ରବେଶ ଅଧିକାର ଦେବା ଉଚିତ । ସଂଘର୍ଷ ସାମାଜିକ ସଂହତି ନଷ୍ଟ ନକରୁ ଏହା ହିଁ ଥିଲା ତାଙ୍କର ଅନ୍ୟତମ ଇଚ୍ଛା । ସବର୍ଣ୍ଣ ହିନ୍ଦୁମାନଙ୍କ ମଧ୍ୟରେ ଯେଉଁ ଛୋଟ ବଡ଼ ଭେଦଭାବର ପରମ୍ପରା ରହିଛି ତାହ ଏହି ଅସ୍ପୃଶ୍ୟତାର ଫଳ । ଏଣୁ ୬ ତାରିଖ ଅନୁଗୁଳ ସଭାରେ ସେ କହିଥିଲେ ଯେ କୌଣସି ଧର୍ମ ଶାସ୍ତ୍ରରେ ଅସ୍ପୃଶ୍ୟତା କଥା କୁହାଯାଇନାହିଁ । ଏହା ଆମର ଅଜ୍ଞତା । ଏହା ଏକ ପାପ ।

ଏହି ଯାତ୍ରାକାଳରେ ତାଙ୍କର ଅନ୍ୟ ଏକ ଅନୁଭବ ଥିଲା । ଓଡ଼ିଶା ଆସିବା ପୂର୍ବରୁ ଦେଓଘରଠାରେ ଏପ୍ରିଲ ୨୬ ତାରିଖରେ ସେ ଏକ ସଭା କରିଥିଲେ । ସେଠାରେ ସେ କହିଥିଲେ ଯେ ଯାତ୍ରା ସମୟରେ ମୁଁ ଦୁଇଟି କଥା ଜାଣିଲି । ଲକ୍ଷ ଲକ୍ଷ ସାନ୍ତାଳ ସଂପ୍ରଦାୟର ଲୋକ ଯେଉଁମାନେ ହିନ୍ଦୁ ରୀତିନୀତି, ପ୍ରଥା ମାନୁଛନ୍ତି ସେମାନଙ୍କୁ ଅନ୍ୟମାନେ ଅସ୍ପୃଶ୍ୟ ଭାବେ ଗଣୁଛନ୍ତି । ଆଉ ଯେଉଁ ସାନ୍ତାଳମାନେ ନିଜକୁ ହିନ୍ଦୁ ବୋଲି ପରିଚୟ ଦେଉନାହାନ୍ତି ସେମାନଙ୍କୁ ହିନ୍ଦୁମାନେ ଅସ୍ପୃଶ୍ୟ ବୋଲି ଭାବୁନାହାନ୍ତି । ପୁଣି କହିଥିଲେ ଯେ ଜଣେ ହରିଜନ ଯୁବକ ମୋତେ କିଛି ପ୍ରଶ୍ନ ପଚାରିଛନ୍ତି । ସେଥିମଧ୍ୟରୁ ସବୁଠୁ ମୌଳିକ ପ୍ରଶ୍ନଟି ଥିଲା- ମନ୍ଦିର ପ୍ରବେଶ ବା ଅସ୍ପୃଶ୍ୟତା ନିବାରଣ ଅପେକ୍ଷା ଆମର ଉପାର୍ଜନ କ୍ଷମତା ବଢ଼ାଇବା ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ କି ? ଏଥିପାଇଁ ତାଙ୍କ ସମଗ୍ର ଯାତ୍ରା କାଳରେ ଗାନ୍ଧୀଜି ସାମାଜିକ ବିଭେଦ ବିରୁଦ୍ଧରେ ଯେତିକି କହୁଥିଲେ, ଖଦିର ପ୍ରସାରଣ କରି ହରିଜନମାନଙ୍କ ଆର୍ଥିକ ଉନ୍ନତି କରିବାକୁ ସେତିକି ଜୋରରେ ପରାମର୍ଶ ଦେଉଥିଲେ । ତାଙ୍କ ମତରେ ଖଦି ଗରିବର ମୁଖ୍ୟ ଅବଲମ୍ବନ ।'

ଏଣୁ ଓଡ଼ିଶାରେ ହରିଜନ ପଦଯାତ୍ରା ସମୟରେ ଅସ୍ପୃଶ୍ୟତା ବିରୋଧରେ କହିବା ସମୟରେ, ଖଦଡ଼ ହିଁ କିପରି ସେମାନଙ୍କୁ ଆତ୍ମନିର୍ଭରଶୀଳ କରିପାରିବ ତାହା ବୁଝାଉଥିଲେ । ଏଣୁ ଘରେ ଘରେ ଚରଖା ପ୍ରଚଳନ ଉପରେ ସେ ଗୁରୁତ୍ୱ ଦେଉଥିଲେ । ଓଡ଼ିଶା ଭଳି ଏକ ଦରିଦ୍ର ରାଜ୍ୟ ପାଇଁ ଏହି ସବୁ ଥିଲା ତାଙ୍କ ହରିଜନ ପଦଯାତ୍ରାର ଲକ୍ଷ୍ୟ । ପୂର୍ବ ଯାତ୍ରାର ଅନୁଭୂତିକୁ ଭିତ୍ତି କରି ସେ ଧରି ନେଇଥିଲେ ଯେ ପୁରୀରେ ସନାତନୀମାନେ ବିକ୍ଷୋଭ କରିପାରନ୍ତି । ୮ ତାରିଖ ଦିନ ପୁରୀଠାରେ ଆୟୋଜିତ ବିଶାଳ ଜନସଭାରେ ସେ ପଦଯାତ୍ରାର କିଛି ସର୍ତ୍ତ ରଖିଥିଲେ । ପ୍ରଥମଟି ଥିଲା ଏୟା, ଯେ ପର୍ଯ୍ୟନ୍ତ ମନ୍ଦିର ପ୍ରବେଶକାରୀମାନେ ହରିଜନମାନଙ୍କ ମନ୍ଦିର ପ୍ରବେଶକୁ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରି ନାହାନ୍ତି, ବଳପୂର୍ବକ ହରିଜନ ପ୍ରବେଶ କରାଯିବ ନାହିଁ । ଦ୍ୱିତୀୟରେ, ଲୋକମାନେ ଚାହିଁଲେ ଏହି ଧର୍ମଯାତ୍ରାରେ ସାମିଲ ହୋଇପାରିବେ ମାତ୍ର ସେମାନେ ତାଙ୍କର ପାଦସ୍ପର୍ଶ କରିବେ ନାହିଁ ବା ତାଙ୍କ ଚାରିପଟେ ଭିଡ଼ ଜମାଇବେ ନାହିଁ । ଯାତ୍ରା ସମୟରେ ସେମାନେ ଶାନ୍ତି, ଶୃଙ୍ଖଳା ରକ୍ଷା କରିବେ ଓ ସ୍ୱେଚ୍ଛାସେବୀମାନଙ୍କ ଉପଦେଶ ମାନିବେ । ତୃତୀୟରେ, ପ୍ରତ୍ୟେକ ଯାତ୍ରୀ ନିଜସ୍ୱ ଖାଇବା ଓ ରହିବାର ବ୍ୟବସ୍ଥା କରିବେ । ଏହା ଯେପରି ଗ୍ରାମବାସୀମାନଙ୍କ ଉପରେ ବୋଝ ନହୁଏ ।

ପୁଣି ଏ ସଭାରେ ସେ କହିଥିଲେ ଯେ ତାଙ୍କ ଶରୀର ଲୋକମାନଙ୍କ ଦୟାର ପାତ୍ର । ଈଶ୍ୱର ତାଙ୍କ ଶରୀରକୁ ସେବାର ଏକ ମାଧ୍ୟମ ଭାବେ ଗଢ଼ିଛନ୍ତି । ଏଣୁ ନିଜକୁ କଷ୍ଟରୁ ବଞ୍ଚାଇବାକୁ ଯାଇ ସେ ଯାନର ବ୍ୟବହାର କରିପାରିବେ ନାହିଁ । ନିଜର ପୂର୍ବାନୁଭୂତି ଓ ବିଶ୍ୱାସ ବଳରେ ସେ ଏହି ସିଦ୍ଧାନ୍ତରେ ପହଞ୍ଚିଥିଲେ ଯେ ସେ କୌଣସି ଯାନ ବ୍ୟବହାର ନକରି ପାଦରେ ଯାତ୍ରା କରିବେ । ଯଦି ଏଥିରେ ସେ ଅକୃତକାର୍ଯ୍ୟ ହୁଅନ୍ତି ତେବେ ଭାବିବେ ଯେ ସେ ଏ କାର୍ଯ୍ୟ ପାଇଁ ଅନୁପଯୁକ୍ତ । ବ୍ୟକ୍ତିର ଯେ କୌଣସି ପରାଜୟ ପାଇଁ ତାର ଆଦର୍ଶ ନୁହେଁ, ବରଂ ସାମର୍ଥ୍ୟର ଅଭାବ ହିଁ ଦାୟୀ ।

ଗାନ୍ଧୀଜିଙ୍କ ଓଡ଼ିଶାରେ ହରିଜନ ପଦଯାତ୍ରାର ପୃଷ୍ଠଭୂମିରେ ରହିଥିଲା ପ୍ରାକ୍ ସ୍ୱାଧୀନ ସମାଜ ଓ ଲୋକକ୍ଷେତ୍ରର ଗଭୀର ଅନ୍ତର୍ଦୃଷ୍ଟି ଓ ଅନୁଭବ । ଏକ ପ୍ରଥାବଦ୍ଧ ସମାଜ ଓ ସାମନ୍ତବାଦୀ ଆର୍ଥନୀତିକ ବ୍ୟବସ୍ଥା ଭିତରେ ଗାନ୍ଧୀଜିଙ୍କ ସଚେତନ ସିଦ୍ଧାନ୍ତଗୁଡ଼ିକ କ୍ରିୟାଶୀଳ ଓ କାଳୋତୀର୍ଣ୍ଣ । ଏଣୁ ବିଶ୍ୱର ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ଖୋଜିବାବେଳେ ଆମେ ଆଜି ବି ଗାନ୍ଧୀ ବିଚାରଧାରାର ପ୍ରାସଙ୍ଗିକତା ଅନୁଭବ କରୁ ।

***ଚାଉଳିଆଗଞ୍ଜ, ତଳସାହି, କଟକ-୪***

***(୧୯୩୪, ମେ ମାସ ୯ ତାରିଖରେ ଓଡ଼ିଶାରେ ଗାନ୍ଧୀଜି କରିଥିବା ହରିଜନ ପଦଯାତ୍ରାର ସ୍ମୃତିରେ)***

# ନନ୍ଦରାଜାର ଟିକି ପିଲାଟି

-ଗୀତାଞ୍ଜଳୀ ନାୟକ

ନନ୍ଦନନ୍ଦନ ବା ଯଶୋଦା ର ଜୀବନ ସେଇ ଟିକି ପିଲାଟି ଆଜି ସାରା ତ୍ରିଭୁବନ ର ତ୍ରାଣକର୍ତ୍ତା । ଆମ ସମସ୍ତଙ୍କ ପାଇଁ ଜଗନ୍ନାଥ । ତାଙ୍କର ଲୀଳାଖେଳା କେବଳ ତାଙ୍କୁ ହିଁ ଜଣା । ସେହି ପୁରୁଷୋତମ ଶ୍ରୀକୃଷ୍ଣ ହିଁ ଏ ଯୁଗର ଶ୍ରୀଜଗନ୍ନାଥ ରୂପେ ସବୁରି ଓଡ଼ିଆର ହୃଦୟ, ମନପ୍ରାଣରେ ଭରି ରହିଛନ୍ତି । ପୁରୁଷୋତମ ଶ୍ରୀକୃଷ୍ଣ ଙ୍କର ଦାରୁବ୍ରହ୍ମ ଶ୍ରୀ ଜଗନ୍ନାଥ ରୂପେ ଆବିର୍ଭାବ ସମ୍ପର୍କରେ ବିଭିନ୍ନ ପୁରାଣ ଓ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି । 'ଇନ୍ଦ୍ରନୀଳମଣି' ଗ୍ରନ୍ଥରେ 'ନୀଳମାଧବ'ଙ୍କୁ ଶ୍ରୀକୃଷ୍ଣଙ୍କର ଅଂଶ ରୂପେ ବର୍ଣ୍ଣନା କରାଯାଇଛି । ସେହି ପୁରାଣ ମତରେ ଶ୍ରୀକୃଷ୍ଣ ଙ୍କ ନାଭିକମଳରୁ ଅଗ୍ନି ସ୍ପର୍ଶ କରିନପାରିବାରୁ ସେହି ତେଜିୟମାନ ନୀଳବର୍ଣ୍ଣ ର ନାଭିକମଳକୁ ପାଣ୍ଡବ ମାନେ ସମୁଦ୍ରରେ ଭସାଇ ଦେଇଥିଲେ । ଦ୍ୱାପରର ଜରାଶବର କଳିର ବିଶ୍ୱାବସୁ ରୂପେ ଜାଣୁଛୁ । ଓ 'ନୀଳମାଧବ' ଙ୍କୁ ଆମର ଜଗଦୀଶ୍ୱର ଜଗନ୍ନାଥ ରୂପେ ପୂଜା କରୁଛୁ । ଦାରୁବିଗ୍ରହଙ୍କୁ ଆମର ହର୍ତ୍ତା, କର୍ତ୍ତା ବା ବିଧାତା ବୋଲି ମାନୁଛୁ । ଭାରତରେ ଆମର ୪ଟି ଧାମ ଅଛି । ସେ ୪ ଦିଗରେ ରହି ଆମକୁ ରକ୍ଷା କରୁଛନ୍ତି ।

୧) ବଦ୍ରିନାଥ ଧାମ- ଉତରରେ- ସତ୍ୟ ଯୁଗର ନାରାୟଣ ରୂପେ ପୂଜା ପାଉଛନ୍ତି ।

୨) ରାମେଶ୍ୱର ଧାମ- ଦକ୍ଷିଣରେ- ରାମନାଥ, ତ୍ରେତୟାର ପ୍ରଭୁ ରାମଚନ୍ଦ୍ର ରୂପରେ ପୂଜା ପାଉଛନ୍ତି ।

୩) ଦ୍ୱାରକା ନାଥ ଧାମ- ପଶ୍ଚିମରେ- ଦ୍ୱାପରରେ ଶ୍ରୀକୃଷ୍ଣ ରୂପରେ ପୂଜା ପାଉଛନ୍ତି ।

୪) ଜଗନ୍ନାଥ ଧାମ- ପୂର୍ବରେ- କଳିଯୁଗରେ ଜଗନ୍ନାଥ ରୂପରେ ପୂଜା ପାଉଛନ୍ତି ।

ପୁରୀକୁ ଆମେ ବହୁତ ନାମରେ ଜାଣୁ । ମର୍ତବୈକୁଣ୍ଠ, ଉଚ୍ଛିଷ୍ଟ କ୍ଷେତ୍ର, ଜଗନ୍ନାଥଧାମ, ନୀଳାଚଳ ଧାମ, ଶଙ୍ଖକ୍ଷେତ୍ର, ପୁରୁଷୋତମକ୍ଷେତ୍ର, କୁଶସ୍ଥଳୀ, ଭୌମକ୍ଷେତ୍ର, ଶ୍ରୀକ୍ଷେତ୍ର ପ୍ରତ୍ୟେକ ନାମରେ ମଧ୍ୟ ବିଶେଷଣ ଅଛି ।

ସ୍କନ୍ଧ ପୁରାଣ କହେ ଭଗବାନ ବିଷ୍ଣୁ ନିଜେ ଏହି କ୍ଷେତ୍ରକୁ ନିର୍ମାଣ କରି ଲକ୍ଷ୍ମୀମାଙ୍କ ସହିତ ବାସ କରୁଛନ୍ତି । ଏଠାକୁ ପାପିମାନେ ଆସିଲେ ସାଙ୍ଗେ ସାଙ୍ଗେ ମୁକ୍ତି ପାଇ ଯାଉ ଥିବାରୁ ଯମରାଜା ଭଗବାନଙ୍କୁ ଏହି ସ୍ଥାନ ତ୍ୟାଗ କରିବାକୁ ଅନୁରୋଧ କଲେ । କିନ୍ତୁ ଭଗବାନ ଉତର ଦେଇଥିଲେ ଏହା ଅସମ୍ଭବ । ଜଗତ ପ୍ରଳୟ ହୋଇଗଲେ ବି ମୁଁ କେବେ ବି ଏହି ସ୍ଥାନ ତ୍ୟାଗ କରିବି ନାହିଁ ।

ଭକତ ଅଧିନ ପୁଣି
ଭକ୍ତ ପ୍ରାଣ ଧନ

ସେ ଭକ୍ତ ପାଇଁ ନିଜେ ଭକ୍ତ ହେଇଯାଆନ୍ତି । ନନ୍ଦନନ୍ଦନ ଭକ୍ତ ଭକ୍ତ ପାଇଁ । କେତେବେଳେ ମୁରଲୀ ଧରିଲେଣି ତ କେତେବେଳେ ଜାମୁଡାଳ, ମୟୂରଚୂଳ ଖୋସିଲେଣି, ପୁଣି କେତେବେଳେ ବନମାଳ ପକେଇ ଲେଣି । ସେହିପରି କାଳିଆର ଭକ୍ତ ମନଜାଣି ବିଭିନ୍ନ ବେଶ ହୁଅନ୍ତି । ଭକ୍ତ ମନ ଜାଣି କେଉଁ ଭକ୍ତ ହାତୀବେଶରେ ରେ ଖୁସି ହୁଏ ତ କିଏ ରାଇଦାମୋଦର ବେଶ, ପୁଣି କିଏ କାଳୀୟ ଦଳନ ବେଶ, ହରି ହର ବେଶ ଯେଉଁ ଭକ୍ତ ଯେଉଁ ବେଶରେ ଜଗନ୍ନାଥଙ୍କୁ ଦେଖିବାକୁ ଚାହିଁଛି ସେ ତାକୁ ସେ ରୂପ ଦର୍ଶନ ଦେଇଛନ୍ତି । କାଳେ କେଉଁ ଭକ୍ତ ମୋ ପାଖକୁ ଆସିପାରୁନି, ପୁଣି ଭାବନ୍ତି ମୋ ଭକ୍ତ ସବୁବେଳେ ମୋ ପାଖକୁ ଆସୁଛନ୍ତି । ମୁଁ ଥରେ ଭକ୍ତ ହେଇଯାଏଁ ଏବଂ ମୋ ଭକ୍ତ ଥରେ ଭଗବାନ ହେଇଯାଆନ୍ତୁ । ସେଥିପାଇଁ କାଳିଆର ରଥଯାତ୍ରା । ରଥଯାତ୍ରାରେ କେବଳ ଭକ୍ତ ପାଖକୁ ଧାଇଁ ଆସିଥାନ୍ତି ଭକ୍ତଙ୍କୁ ଦର୍ଶନ ଦେବାକୁ । ସୁନାବେଶ, ରଥଯାତ୍ରା ଦେଖିବାକୁ ସ୍ୱର୍ଗର ଦେବତାମାନେ ବର୍ଷକେ ଥରେ ଓହ୍ଲାଇ ଆସନ୍ତି । ଭକ୍ତ ଆଉ ଭଗବାନଙ୍କର ଆତ୍ମାର ମିଳନ ଆଉ କେଉଁଠି ଦେଖିବାକୁ ମିଳି ନଥାଏ ।

ଚଣ୍ଡାଳୁ ବ୍ରାହ୍ମଣ ଖିଆ ଖୁଇ ହେବେ ।
ଖାଇସାରି କେହି ହସ୍ତ ଜଳେ ନ ଧୋଇବେ ।

ମା ଲକ୍ଷ୍ମୀ ନିଜେ 'ମା' ଟିଏ ପରି ତାର ପିଲାଙ୍କୁ ନିଜେ ଷାଠିଏ ପୌଟି ରାନ୍ଧି ଖୁଆନ୍ତି । ମା ଭାବନ୍ତି ମୋ ପିଲା କେହି ମୋ ପାଖରୁ ଭୋକରେ ନଫେରନ୍ତୁ । ବଡ଼ ଠାକୁର ଖାଆନ୍ତିନି, ଖୁଆନ୍ତି । ଯାହାର ଯେଉଁଥିରେ ରୁଚି ତାହା ସେ ଖାଏ । ସବୁ ଠାକୁରଙ୍କ ଭୋଗକୁ ପ୍ରସାଦ କୁହାଯାଏ । ହେଲେ କାଳିଆର ମହାପ୍ରସାଦ । ମହାପ୍ରସାଦର ମହିମା ପଦ୍ମପୁରାଣ ରେ ବର୍ଣ୍ଣନା କରାଯାଇଛି । ଏହି ମହାପ୍ରସାଦ ସେବାରେ ସାକ୍ଷାତ୍ ମୁକ୍ତି ମିଳେ । ସେଥିପାଇଁ ଏହାର ନାମ କୈବଲ୍ୟ । ଏକାଦଶୀ, ସଂକ୍ରାନ୍ତି, ପବିତ୍ରତା ରଖିବା ଉଚିତ୍ । ତାହା ସହିତ କୌଣସି ଦ୍ରବ୍ୟ ଖାଇବା ଉଚିତ୍ ନୁହେଁ । ତାକୁ ତଳେ ବସି ଖାଇବା ଉଚିତ୍ । ମହାପ୍ରସାଦ ର ହାତଧୁଆ ପାଣି ଯେପରି ଗୋଡ଼ରେ ନ ପଡ଼େ ସେଥିପ୍ରତି ଦୃଷ୍ଟିଦେବା ଉଚିତ୍ ।

ରାଧା ସହିତ ଯେପରି କଳି କରେ ଓ ମାନଭଞ୍ଜନ କରେ, ଲକ୍ଷ୍ମୀମା ଙ୍କୁ ନ ନେଇ ରଥରେ ଭଉଣୀକୁ ନେଇ ଯାଇଥାଆନ୍ତି । ବାହୁଡ଼ାକୁ ଫେରିଆସି ମା' ଲକ୍ଷ୍ମୀଙ୍କୁ ବୁଝାଇ ବଡ଼ ଦେଉଳକୁ ଯାଆନ୍ତି । ମନୁଷ୍ୟ ଙ୍କୁ ସେ କହିବାକୁ ଚାହାନ୍ତି ଯେ ମୁଁ ଠାକୁର ହେଲେ ବି ମୋ ଘରେ କଳି ଅଛି । ତାହା ପୁଣି କ୍ଷଣକ ପାଇଁ ତେଣୁ ତୁମେ ବିବ୍ରତ ହୁଅ ନା, ସବୁ ତୁମ ହାତରେ ନିଜେ ଟିକେ ବୁଝି ଅନ୍ୟକୁ ବୁଝାଇ ଦେଲେ ସବୁ ସମସ୍ୟାର ସମାଧାନ ହେଇଯିବ ।


ସେ ଅନ୍ତର୍ଯ୍ୟାମୀ ଅନ୍ତର ର ଭାଷାକୁ ସେ ଖୁବ୍ ସହଜରେ ବୁଝିପାରନ୍ତି । ତେଣୁ ତାଙ୍କ ପାଖକୁ ଜଣେ ଭକ୍ତ ହେଇକି ଗଲେ ଭଗବାନଙ୍କୁ ଅନୁଭବ ନିଶ୍ଚେ କରିପାରିବ । ସେଇଠି ସେ ଭଗବାନଙ୍କୁ ନିଶ୍ଚୟ ପାଇବ । ଆଉ ଜଣେ ଦର୍ଶନାର୍ଥି କେବଳ ଦର୍ଶନ କରି ଫେରେ । ଭଗବାନଙ୍କୁ ମଡ଼ାମଡ଼ି ହୋଇ ଗର୍ଭଗୃହକୁ ପଶି ଦର୍ଶନ କରିବା ଅନୁଚିତ୍ । କେବଳ ସାହାଣ ମେଲାଦିନ ଦର୍ଶନ କରିବା ଉଚିତ୍ । ଠାକୁରଙ୍କୁ ଛୁଇଁବା ଉଚିତ୍ ନୁହେଁ । ଗର୍ଭଗୃହରେ ପାଣି ପଡ଼ିଥିବ । ପାଣିରେ ଠାକୁରଙ୍କ ପ୍ରତିଛବି ପଡ଼ିଥିବ । ପ୍ରତିଛବିରେ କାଳେ ଆମ ପାଦ ବାଜିଯିବ । ସେଥିପାଇଁ ଗର୍ଭଗୃହକୁ ଯିବା ମନା । ତାଙ୍କ ପାଖରେ ତ ଆମର ସବୁ କଳା ବନ୍ଧା ପଡ଼ିଛି । ସବୁ ତ ଜାଣନ୍ତି ବୋଲି ସେ ଅନ୍ତର୍ଯ୍ୟାମୀ । ତେଣୁ ଦୀନବନ୍ଧୁ ସମସ୍ତଙ୍କର ଦୁଃଖ, କଷ୍ଟ, ରୋଗ ଆଦି ଭଲ କରିଥାନ୍ତି ।

ମର୍ତେ ମନୁଷ୍ୟ ଦେହ ବହି
ଦେବତା ହୋଇଲେ ମରଇ

ବଡ଼ ଠାକୁର ଭଗବାନଙ୍କ ରୂପ ଛାଡ଼ି ଆମ ମନୁଷ୍ୟଙ୍କ ଭଳି ମୃତ୍ୟୁକୁ ଆପଣେଇ ନିଅନ୍ତି । ଏବଂ ନବକଳେବର ହୁଅନ୍ତି । ମନୁଷ୍ୟଙ୍କୁ ଜଣେଇ ଦିଅନ୍ତି । ମୁଁ ବି କାଳର ନିୟମରେ ବନ୍ଧା । ମୋର ବି ରୋଗ ଅଛି ଏବଂ ମୃତ୍ୟୁ ମଧ୍ୟ ଅଛି । ତେଣୁ ଏ ସତ୍ୟକୁ ବି ତୁମେ ସାହାସର ସହିତ ଗ୍ରହଣ କର । କାହିଁକି ନାଁ ସମୟ ଆଗରେ ମନୁଷ୍ୟ, ଦେବତା, ପଶୁ, ପକ୍ଷୀ ସମସ୍ତେ ହାରିଯାଆନ୍ତି ।

ଅବର୍ଣ୍ଣନୀୟ ତାଙ୍କର କ୍ଷେତ୍ରରେ ମହିମା, ପ୍ରଭୁଙ୍କ ର ଲୀଳା ଯେତେ ବର୍ଣ୍ଣନା କଲେ ସରେନି । ସେ ଉଦ୍ଧାର କର୍ତା, ପ୍ରାଣକର୍ତା, ସେ ସର୍ବବ୍ୟାପି, ସେ ପାଳନକର୍ତା । ଗୋଟିଏ ଠାକୁର ସେ ହେଲେ ଅନେକ ରୂପ । ସେ ପୁଣି ନିରାକାର ।

**ନୂଆପଡ଼ା, ବାଲିସାହି, କଟକ**



# ଅଲୋଡ଼ା ମାତୃତ୍ୱ

*- ଲୀଳାବତୀ ମହାପାତ୍ର*

ହଠାତ୍ କଳାମେଘ ଘୋଟି ଆସି ଅସରାଏ ବର୍ଷା ହୋଇଗଲା । ବେଙ୍ଗାଲୋର ର ଜଳବାୟୁ ହିଁ ଏପରି । ଥିବ ଥିବ ବେଳ ଅବେଳରେ ଅସରାଏ ବର୍ଷା ବର୍ଷିଯିବ । ମିଲି ତରତର ହୋଇ ମଲ୍‌ରୁ ବାହାରି ଆସିଲା । କେପ୍‌ଟିଏ ବୁକ୍ କରି ଘରକୁ ଚାଲି ଆସିଲା ।

ଘରେ କେହି ନାହିଁ । ସଂଜୀବ ଅଫିସ୍‌ରୁ ଫେରି ନାହାନ୍ତି । ପିଲାମାନେ ଟିଉସନ୍ ଯାଇଛନ୍ତି । ଏହି ସମୟଟା ମିଲି ପାଇଁ ଫାଙ୍କା ସମୟ । ସେ ଟେଲିଭିଜନ୍‌ରୁ ତା'ର ମନପସନ୍ଦର ସିରିଏଲ୍ ଦେଖିବାକୁ ଲାଗିଲେ । ଠିକ୍ ଏତିକି ବେଳେ ମୋବାଇଲଟା ବାଜି ଉଠିଲା । ମିଲି ଫୋନ୍ ରିସିଭ କରି ଥକ୍କା ମରି ସୋଫା ଉପରେ ବସି ପଡ଼ିଲା । ଅପରପଟରୁ ଶୁଭୁଥିଲା ମେଡମ୍ ମୁଁ ସେ ନର୍ସ କହୁଛି । ଆପଣଙ୍କ ଝିଅ ଏବେ ଆମ ପାଖ ସରକାରୀ ବିଦ୍ୟାଳୟ ରେ ଦ୍ୱିତୀୟ ଶ୍ରେଣୀରେ ପଢୁଛି । ନାମ ତା'ର ଖୁସି ।

ଅତୀତର ଘଟଣାବଳୀ ସବୁ ଗୋଟି ଗୋଟି କରି ତା ମାନସପଟରେ ଭାସି ଉଠିଲା । ମିଲି ସୁନ୍ଦରୀରେ ଗଣା ହେବ । ସୁନାରଙ୍ଗର ଗୋରା ଦେହରେ ଢଳଢଳ ଆଖି ଯୋଡ଼ିକ ଅତି ଚମତ୍କାର ଦିଶେ । ମୁଠାଏ କଳା ମଚ ମଚ କେଶ । ଲମ୍ବାବେଣୀ ଆଣ୍ଠୁଯାଏ ଦୋଳାୟିତ ହେଉଥାଏ । ବାଟରେ ଯାଉଥିବା ଲୋକେ ଛିଡ଼ା ହେଲେ ଘଡ଼ିଏ ତାକୁ ଅନାଇଥାନ୍ତି ।

ମେଟ୍ରିକ୍ ପାସ କରି ଯେତେବେଳେ କଲେଜରେ ପ୍ରବେଶ କଲା । ତାକୁ ସିନିୟର ରୁ ଜୁନିୟର ସମସ୍ତ ଛାତ୍ର ବିଭିନ୍ନ ପ୍ରକାର କମେଂଟ ମାରିବାକୁ ଲାଗିଲେ । କିଏ କେଶବତୀ କହିଲା ତ କିଏ କନକ ଗୋର କହିଲା । ସେତେବେଳେ ମିଲି ଏ କମେଂଟ ଶୁଣି ଭାରି ଖୁସି ହୋଇ ଯାଉଥାଏ ।

ମିଲି ଭଲ ଗୀତ ଗାଏ । ସୁନ୍ଦର ଚେହେରା ସାଙ୍ଗକୁ ସୁନ୍ଦର ସ୍ୱର ତାର ପରିଚୟକୁ ଆହୁରି ବିସ୍ତାରିତ କରି .......ତା ଇଲେକ୍‌ସନ୍ ପ୍ରଚାରରେ ମିଲିକୁ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଥିଲା । ମିଲି ମଧ୍ୟ ବିଭିନ୍ନ ଗୀତ ଗାଇ ଗାଇ ରାଜୀବ ପାଇଁ ପ୍ରଚାର କରିଥିଲା ।

ରାଜୀବ ଜିତିଥିଲା । କଲେଜର ପ୍ରେସିଡେଂଟ ହେଲା । କଲେଜର ବିଭିନ୍ନ ଫଙ୍‌ସନ୍‌ରେ ମିଲିକୁ ଗୀତ ଗାଇବାର ସୁଯୋଗ ଦେଲା । ଏହିପରି ଭାବରେ ଦିନକୁ ଦିନ ସେମାନଙ୍କର ବନ୍ଧୁତ୍ୱର ଡୋରି ସୁଦୃଢ଼ ହେବାକୁ ଲାଗିଲା ।

ଦିନେ ବର୍ଷଣ ମୁଖର ସଂଧ୍ୟା ସମୟରେ କଲେଜ କ୍ୟାଂଟିନ୍‌ରେ ବସି ଦୁହେଁ କଫି ପାନ କରୁଥିଲେ । ବିଭିନ୍ନ ଗଳ୍ପ ମାଧ୍ୟମରେ କେତେବେଳେ ଯେ ଦୁହିଁଙ୍କ ମଧ୍ୟରେ ପ୍ରେମ ଧସେଇ ପଶିଗଲା ସେମାନେ ଜାଣି ପାରିନଥିଲେ । ପ୍ରେମାଳାପରେ ମିଲି ସମୟର ଗତିକୁ ବି ଅନୁଭବ କରି ପାରିନଥିଲା । ସାଙ୍ଗ ତୁଳିକାର ଡାକରେ ପ୍ରକୃତିସ୍ଥ ହୋଇ ସେଦିନ ସେ ଘରକୁ ଫେରିଥିଲା ।

ତା' ପରଠାରୁ ଦୁହେଁ ବିଭିନ୍ନ ଆଳ ଦେଖାଇ ପରସ୍ପର ମଧ୍ୟରେ ବହୁ ସମୟ ଅତିବାହିତ କରୁଥିଲେ । ପ୍ରେମ ତ ଅନ୍ଧ । ସେ କିଛି ମାନେ ନାହିଁ । ଭବିଷ୍ୟତର ପରିଣତି ବିଷୟରେ ଚିନ୍ତା କରିପାରେ ନାହିଁ । ଆସ୍ତେ ଆସ୍ତେ ସେମାନଙ୍କ ମଧ୍ୟରେ ଦୈହିକ ସମ୍ପର୍କ ବଢ଼ିବାକୁ ଲାଗିଲା ।

ହଠାତ୍ ମିଲି ତା'ର ପ୍ରକୃତିର ପରିବର୍ତ୍ତନ ଅବୟବର ପରିବର୍ତ୍ତନକୁ ଆବିଷ୍କାର କରି ଚମକି ପଡ଼ିଥିଲା । ରାଜୀବ ଓ ମିଲି ବିଭିନ୍ନ ଡାକ୍ତରଖାନା ବୁଲି ଆବର୍ସନ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ବହୁ ବିଳମ୍ବ ହେତୁ ମିଲି ପ୍ରତି ବିପଦ ଥିବାରୁ ଡାକ୍ତର ମାନେ ମନା କଲେ । ପାଠ ପଢୁଥିବା ସମୟରେ ଘରେ ବିବାହ ପ୍ରସ୍ତାବ ଦେବାକୁ ଦୁହେଁ ସଂକୋଚ ବୋଧ କଲେ ।

ପରିଶେଷରେ ମିଲି ଘରେ ରହି ପାଠ ପଢ଼ିଲେ ପାଠପଢ଼ାରେ ଅସୁବିଧା ହେଉଛି କହି ହଷ୍ଟେଲରେ ରହିଲା । ଠିକ୍ ସମୟରେ ପ୍ରସବ ବେଦନା ଆରମ୍ଭ ହେଲା । କନ୍ୟାରତ୍ନଟିଏ ମିଲି କୋଳ ମଣ୍ଡନ କଲା । ମିଲି ଝିଅଟିକୁ ଧରି ଖୁବ୍ ଜୋରରେ କାନ୍ଦି ଉଠିଥିଲା ଏବଂ ଜଣେ ନର୍ସଙ୍କ ହାତରେ ନିଜ ରକ୍ତର ସନ୍ତତିକୁ ଟେକି ଦେଇ ଭଲ ଜାଗାରେ ତାକୁ ଥଇଥାନ କରି ଦେବାକୁ ଅନୁରୋଧ କରିଥିଲା । କାରଣ ସେଇଟା ତାର ଥିଲା ଆଲୋଡ଼ା ମାତୃତ୍ୱ ।

ଏକଥା କିପରି ମିଲିର ବପୋ ଜରିପାରିଲେ । ସେ ସଂଜୀବ ସାଙ୍ଗରେ ମିଲିର ବିବାହ ଖୁବ୍‌ଶୀଘ୍ର କରାଇଦେଲେ । ସଂଜୀବ ତାଙ୍କ ପିତାମାତାଙ୍କର ଏକାମାତ୍ର ସନ୍ତାନ । ବାଙ୍ଗଲୋର ରେ ସଫ୍‌ଟଓ୍ୱେର ଇଂଜିନିୟର ଅଛନ୍ତି । ପୁଅ, ଝିଅ, ଗାଡ଼ି ଘର ନେଇ ମିଲିକୁ ଭଲରେ ରଖିଛନ୍ତି । ମିଲି ତା ପୁରିଲା ସଂସାରରେ ଖୁସି ରହିବା ପାଇଁ ଚେଷ୍ଟା କଲେ ମଧ୍ୟ ଅତୀତକୁ ଭୁଲି ପାରୁ ନାହିଁ ।

ମିଲିକୁ ଯିବାକୁ ହେବ । ତାର ପ୍ରଥମ ସନ୍ତତିକୁ ମନ

ପୁରାଇ ଦେଖିବ । ମିଲିର ମାଁଙ୍କ ଦେହ ଖରାପ କଥା ଶୁଣି ସଂଜୀବ ମଧ୍ୟ ଫ୍ଲାଇଟ୍‌ରେ ଟିକେଟ କାଟି ଦେଲେ । ମିଲି ଭୁବନେଶ୍ୱରରେ ପହଂଚି ରାଉରକେଲା ଯିବାକୁ ବସ୍ ଧରିଲା । ଆହୁରି ଆଠ ନଅ ଘଂଟା ସମୟ ଲାଗିବ । ଯେତିକି ଉପସ୍ଥିତ ସ୍ଥାନ ପାଖେଇ ଆସୁଥାଏ ତା ମନର ଉତ୍କଣ୍ଠା ସେତିକି ବଢୁଥାଏ ।

ହଠାତ୍ ମିଲିକୁ ଏକୁଟିଆ ଦେଖି ବାପା ଭାଇ ତଟସ୍ଥ ହୋଇଗଲେ । ମିଲି ସଫେଇ ଦେଇ କହିଲା ମା'ଙ୍କୁ ଦେଖିବାକୁ ଇଚ୍ଛା ହେବାରୁ ସେ ଏକା ଏକା ଚାଲିଆସିଛି । କାହା ସାଥୀରେ କଥା ହେବା ପାଇଁ ତାର ଆନ୍ତରିକତା ନଥିଲା । ତରତର ହୋଇ ନିତ୍ୟକର୍ମ ସାରିଲା । ଠିକ୍ ଏଗାରଟା ସମୟରେ ବିଦ୍ୟାଳୟ ଅଭିମୁଖେ ଏକ ପ୍ରକାର ଦୌଡ଼ିଗଲା । ବିଦ୍ୟାଳୟଟି ତା ଘର ପାଖରେ ଥିଲା ।

ବିଦ୍ୟାଳୟରେ ପହଂଚି ଦ୍ୱିତୀୟ ଶ୍ରେଣୀ କୋଠରୀ ନିକଟକୁ ଏକ ପ୍ରକାର ଧାଇଁ ଯାଉଥିବା ସମୟରେ କାହାର କଇଁ କଇଁ ହୋଇ କାନ୍ଦୁଥିବାର ଶବ୍ଦ ଶୁଣି ଶ୍ରେଣୀ କୋଠରୀ ନିକଟରେ ଦଣ୍ଡାୟମାନ ହୋଇଗଲା । ଏହି ସମୟରେ ସୁନ୍ଦର ନୀଳନୟନର ଗୋରା ତକ୍ ତକ୍ ଝିଅ ଟି କାନ୍ଦି କାନ୍ଦି ତାଙ୍କ ଶିକ୍ଷୟିତ୍ରୀ ଙ୍କ ସମ୍ମୁଖରେ ଛିଡ଼ା ହୋଇ କହୁଛି ଦିଦି ମୋର ପିତାମାତା ନାହାନ୍ତି । ଏହି ମା' ମୋତେ ଜଙ୍ଗଲରୁ ଗୋଟାଇ ଆଣିଛି କହି ମୋ ସାଙ୍ଗସାଥୀମାନେ ଚିଡ଼େଇଛନ୍ତି ।

ଏତକ ଶୁଣି ମିଲି ଆଉ ଥୟ ଧରି ରହିପାରିଲା ନାହିଁ । ସିଧା ଶ୍ରେଣୀ କୋଠରୀ ଭିତରକୁ ପଶିଯାଇ କୁନି ଝିଅଟିଁ କୋଳେଇ ଆଣିଲା । ମୁଖମଣ୍ଡଳରେ ବିକ୍ଷିପ୍ତ ହୋଇ ପଡ଼ିଥିବା କେଶଗୁଡ଼ିକୁ ସଜାଡ଼ି ଦେଉ ଦେଉ କହିଲା, କିଏ କହିଲା ତୋର ବାପା ମାଁ ନାହାନ୍ତି ? ମୁଁ ତୋର ମାଁ ତୁ ମୋ ଝିଅ ।

କୁନିଝିଅଟି ମିଲିକୁ ଦୁଇହାତରେ ଠେଲିଦେଇ ଶିକ୍ଷୟିତ୍ରୀ ଙ୍କ ପଛପଟରେ ଲୁଚିଗଲା । ମିଲିର ଅର୍ନ୍ତମନ କାନ୍ଦି ଉଠିଲା । ସେ ମନେ ମନେ ଭାବିଲା । ଯଦି ସମାଜର ଆକ୍ଷେପକୁ ଭ୍ରୂକ୍ଷେପ ନ କରି ଅଲୋଡ଼ା ମାତୃତ୍ୱକୁ ସ୍ୱୀକୃତି ପ୍ରଦାନ କରିଥାନ୍ତା ତାହାହେଲେ ଖୁସି ଆଜି ଏପରି ଅବହେଳିତ ହୋଇନଥାନ୍ତା । ତାରି ପରି ଶହ ଶହ ଅଲୋଡ଼ା ମାତୃତ୍ୱକୁ ଜନ୍ମିତ ସନ୍ତାନସନ୍ତତି ପୃଥିବୀର ଆଲୋକ ଦେଖିବା ପୂର୍ବରୁ କିଏ ନଦୀ, ନାଳ, ବୁଦା ମୂଳରେ ଫୋପଡ଼ା ଯାଉଛନ୍ତି । ଏହାର ସମାଧାନ କେବଳ ସେହି ପ୍ରେମୀଯୁଗଳ ଙ୍କ ଦୃଢ଼ ପଦକ୍ଷେପ ଦ୍ୱାରା ସମ୍ଭବ ହୋଇପାରିବ ।

*ରାଉରକେଲା*


AK PHYSICS

Apprise Education, Reprise Innovation

+2 Sc. I CBSE (XI & XII)

JEE (Main & Adv.) I NEET I AIIMS

JIPMER I BHU I KVPY

NTSE I OLYMPIAD I NISER I IISER



SURYALOKA LANE, CHANDI CHHAK, CUTTACK

ARUN KUMAR SINGH (Lect. in Physics), MOB. : 98610 65130

# ଦହନର ଅନ୍ୟ ନାଁ...

- ଶ୍ରୀ ରାଜେଶ ପୂଜାରୀ

କେହି ଜାଣନ୍ତିନି ପ୍ରାଚୀ ପାଗଳୀ କାହିଁକି ହୋଇଗଲା ! ତା'ର ରହସ୍ୟ କ'ଣ ? ସେ ତ ଆଗ ଠିକ୍‌ଠାକ୍ ଥିଲା, ସରଳ ଥିଲା, ହଠାତ୍ ଏମିତି ! କିଏ ରାଜ ! ତା' ସହ ପ୍ରାଚୀର କି ସଂପର୍କ ! ସେ ରାଜ୍ ରାଜ୍ ବୋଲି ଚିଲ୍ଲାଉଛି କାହିଁକି ? ସବୁବେଳେ ଅଚଳ ମୋବାଇଲ୍ ଟିଏ ଧରି କ'ଣ ସବୁ ପୁଟୁପୁଟୁ ହେଉଥାଏ । ଏମିତି ଅନେକ ପ୍ରଶ୍ନ ଫିଙ୍ଗି ହୋଇଯାଏ ଅନେକ ମନରୁ । ଉତ୍ତର ପାଆନ୍ତିନି କେହି । ସେ ସବୁର ଉତ୍ତର ଅଭି ପାଖରେ । ଯେଉଁ ରାଜ୍‌କୁ ସମସ୍ତେ ଦିନରାତି ଏକ କରି ଖୋଜିବାର ବ୍ୟସ୍ତ ସେ ହେଉଛି ଅଭି ନିଜେ । କାହାକୁ କିଛି କହିପାରେନି କି' ପ୍ରାଚୀର ଦୁଃଖ ଦେଖି ସହି ପାରେନି । ତା' ଅସହାୟତାକୁ ଦେଖିବା, ଯୋଖିବା ଛଡ଼ା ଦ୍ୱିତୀୟ ବିକଳ୍ପ ନାହିଁ କିଛି ତା' ପାଖରେ । ବେଳେବେଳେ ଚିନ୍ତା କରେ ସଂପର୍କ, ସମାଜ ଆଦିକୁ ଖାତିର ନକରି ସଭିଙ୍କୁ ସବୁ କହିଦିଅନ୍ତା କି ! ଅତନ୍ତଃ ପ୍ରାଚୀ ପାଇଁ କଥାଟା ଖୁବ୍ ଅପ୍ରିୟ ଓ ଅଗ୍ରହଣୀୟ ହେଲେ ହେଁ ସ୍ୱାଭାବିକ ଅବସ୍ଥାକୁ ହୁଏତ ସେ ଫେରି ଆସନ୍ତା । କିନ୍ତୁ ପାରେନି ତାକୁ ତା' ବିବେକ ବାଧା ଦିଏ । ନିଜକୁ ନିଜେ ନିଜ ସହ ସାଲିସ କରିବାକୁ ପଡ଼େ । ସବୁ ଦେଖୁଥାଏ । ଶୁଣୁଥାଏ । କିଂକର୍ତ୍ତବ୍ୟବିମୂଢ଼ ପଣରେ ଦଶରା ଧାନ ବିହୁଡ଼ା ପରି କସ୍ତୁରୀ ମୃଗର ବାସ୍ନା ଅନ୍ୱେଷଣ ପରି, ଜହ୍ନର ଜ୍ୟୋସ୍ନା ଖୋଜା ପରି ବାକିମାନଙ୍କ ସହ ମିଶି 'ରାଜ'କୁ ଖୋଜିବାର ଅଭିନୟ କରେ । ବଲିଉଡ୍ ଷ୍ଟାର୍ ଅକ୍ଷୟ କୁମାରଙ୍କ ଫିଲ୍ମ 'ଆକ୍ସନ୍ ରିପ୍ଲେ' ଭଳି ବାସ୍ତବତାରେ ଯଦି କୌଣସି ମେସିନ୍‌ରେ ଅତୀତକୁ ଫେରି ହେଉଥାନ୍ତା ସେ ସବୁକିଛି ଠିକ୍‌ଠାକ୍ କରି ପୁଣି ଲେଉଟି ଆସନ୍ତା ବର୍ତ୍ତମାନକୁ । ଅଭିର ସ୍ୱପ୍ନଜୀବି ମନ ଶିହରି ଯାଏ ଯେବେ ତାକୁ କବଳିତ କରନ୍ତି ଏମିତିକା ଅନିଶ୍ଚିତ ଭାବନାମାନେ । କିନ୍ତୁ ସମୟ ପାଖରେ ଫେରାଦୀ ହେବାକୁ କାର ଯୁ' ବା ଅବକାଶ କାହିଁ ! ତାକୁ ଲାଗେ କିଏ ଜଣେ ତାକୁ ମହାକାଶକୁ ନେଇ ଟପ୍‌କିନା ଛାଡ଼ିଦେଲା ଯେମିତି । ତା'ପାଖ ଛାଡ଼ିବାକୁ ନାରାଜ ହେଉଥିବା ସେ ବିଷାଦ ସ୍ମୃତି ସବୁର ତୀକ୍ଷଣ ଚେଙ୍କ ପାଇ । ଯାହା ତାକୁ ଅଣନିଶ୍ୱାସୀ କରିପକାଏ ।

ଅଭି ଗୋଟିଏ ମଧ୍ୟବିତ୍ତ ପରିବାରର ପିଲା । ସେତେବେଳେ ତାଙ୍କର ଅର୍ଥାବସ୍ଥା ସେତେଟା ମାତ୍ରାରେ ସ୍ୱଚ୍ଛଳ ନଥିଲା । ବାପା ଗାଁ ସ୍କୁଲରେ ସହକାରୀ ଶିକ୍ଷକ ଥିଲେ । ଅଭି ଭଲ ପଢୁଥିଲା ମୂଳରୁ । ତା' ବାପାଙ୍କ ସ୍ୱପ୍ନ ଥିଲା ଅଭି ଗାଁ ପାଖ ହାଇସ୍କୁଲକୁ ପ୍ରଧାନଶିକ୍ଷକ ହୋଇକି ଆସୁ । ସେଥିପାଇଁ ତାକୁ ଗ୍ରାଜୁଏସନ୍ ପରେ ବି.ଏଡ୍. କରିବାକୁ ପଠେଇଥିଲେ ଭୁବନେଶ୍ୱରକୁ । ଅଭି ତା' ବାପାକୁ ଖୁବ୍ ସମ୍ମାନ ଦିଏ । ତାଙ୍କ କଥା ଅମାନ୍ୟ କରେନି । ବାପାଙ୍କ ଖର୍ଚ୍ଚ ବୋଝ କମେଇବାକୁ କେତୋଟି ଇଂରାଜୀ ମିଡ଼ିୟମ୍ ସ୍କୁଲ୍ ଛୁଆଙ୍କୁ ଟିଉସନ୍ କରୁଥିଲା । ମାପିଯୋଖି ଚଳୁଥିଲା । ହେଲେ ହଠାତ୍ ଏମିତି କିଛି ତା ସାଙ୍ଗରେ ଘଟିଲା ଯେ ସେ ଖୁବ୍ ଅସାଧାରଣ ହୋଇ ପଡ଼ିଲା । ସେ ସବୁ ଜାଣିବାକୁ ପାଇଲା ଯାହା ସେ ଜାଣିନଥିଲା । ସେ ସବୁ କରି ବସିଲା ଯାହା ସେ କରୁନଥିଲା ।

ସେଦିନ ସକାଳୁ ଘରକଥା ଖୁବ୍ ମନେ ପଡୁଥିଲା ତା'ର । ସେଇଥି ପାଇଁ ଘର ଆଡ଼କୁ ଟିକେ ଫୋନ୍ ଲଗେଇବାକୁ ୬୦ ଟଙ୍କାର ରିଚାର୍ଜ କରେଇଥିଲା । କିନ୍ତୁ ରାତି ହେବାକୁ ବସିଥିଲା ଜାଣି ରିଚାର୍ଜ ହୋଇନଥିଲା । ଅଲଗା ଥର ତ ସଡନ୍ ରିଚାର୍ଜ ମେସେଜ୍ ଚାଲିଆସେ । ଦୋକାନୀ ରିର୍ଚାଜ କରିବାକୁ ଭୁଲି ଗଲାକି ! ନା... ନା... ତା' ସାମ୍ନାରେ ତ ରିଚାର୍ଜ କରିଦେଲା । ସେ ରୁମ୍‌ରେ ମୋବାଇଲ୍ ଛାଡ଼ି ଯାଇଥିଲା । ନହେଲେ ସେଇକ୍ଷଣି ଦେଖି ନେଇଥାଆନ୍ତା । କାଲି ଟେଷ୍ଟ ଏକ୍‌ଜାମ୍ । ଗୁଡ଼ାଏ ରିଭିଜନ୍ ବାକି ଅଛି । ରନ୍ଧାବଢ଼ା ଏଯାଏଁ ସରିନି । ଏମିତି ଅନେକ କିଛି ଭାବୁ ଭାବୁ ବ୍ୟସ୍ତ ହୋଇ ପଡୁଥାଏ । ତା'ମୋବାଇଲ୍ ରିଙ୍ଗ୍‌ଟୋନ୍ ଶବ୍ଦରେ ସେ ପ୍ରକୃତିସ୍ଥ ହେଲା । ତା' ଘରୁ ଫୋନ । ତା' ମୁହଁରେ ଭିନ୍ନ ଏକ ଉଜ୍ଜ୍ୱଳତାରେ ଝଲ୍‌ସି ଗଲା । ଅଭି ଅଧଘଣ୍ଟା ଧରି ମାଆବାପା ଓ ଭଉଣୀମାନଙ୍କ ସହ କଥାବାର୍ତ୍ତା ହେବା ପରେ ଟିକିଏ ଆଶ୍ୱସ୍ତି ହେଲା । କିଛି ସମୟ ପାଇଁ ରିଚାର୍ଜ ବିଷୟକୁ ଏଡ଼ାଇ ଦେଇ ରୋଷେଇରେ ବ୍ୟସ୍ତ ରହିଲା । ଖାଇସାରି କିଛି ସମୟପରେ ପଢ଼ାପଢ଼ି କରି ଘରକଥା ଭାବୁଭାବୁ ଶୋଇପଡ଼ିଲା ।

ଆରଦିନ ପରୀକ୍ଷା ଭଲରେ ଗଲା । ମଧ୍ୟାହ୍ନରେ ଘରକୁ ଫେରି ଖାଇସାରି ପିଲାଙ୍କୁ ପଢ଼ାଇବାକୁ ବସିଗଲା । ତା' ମନ ମୁଣ୍ଡ ପୁଣି ରିଚାର୍ଜ ବିଷୟରେ ଘାଣ୍ଟି ଚକଟି ହେଲେ । ତା' ଅନ୍ୟମନସ୍କତା ଯୋଗୁଁ ପିଲାଙ୍କୁ ଟିକିଏ ଜଲ୍‌ଦି ଛାଡ଼ିଦେଲା, ଦେହ ଭଲ ନଥିବା ବାହାନା କରି । ଭାବୁଥାଏ କଷ୍ଟମର କେୟାରରୁ ବୁଝାବୁଝି କରିବ । କିନ୍ତୁ ସିମ୍‌ଟା ବିନା ଡକ୍ୟୁମେଣ୍ଟରେ କିଣା ହୋଇଥିଲା । କମ୍ ବାଲାନ୍ସ କଟୁଥିଲା । ଏ ନମ୍ବର ସେ କାହାକୁ ଦେଇନି, ଏମିତି କିଣୁକିଣୁ କିଣିଆଣି ରଖିଦେଇଥିଲା ଖାଲି । ତା' ସିମ୍‌ର ବାଲାନ୍ସ ବେଶୀବେଶୀ କଟୁଥିଲା । ସେଇଥି ପାଇଁ ତା ବିନା ଡକ୍ୟୁମେଣ୍ଟ ସିମ୍‌କୁ ଚଲେଇବାକୁ ସ୍ଥିର କରିଥିଲା । ସିମ୍‌ଟା ବ୍ଲକ୍ ହୋଇଯିବା ଭୟରେ କଷ୍ଟମର କେୟାରକୁ ଫୋନ୍ କଲାନି । ଦୋକାନୀ ପାଖକୁ ଯାଇ ଜାଣିଲା ସେ ନିଜ ଭୁଲରେ ତା' ନମ୍ବର ଶେଷ ଡିଜିଟ୍

'ଛଅ' ଜାଗାରେ 'ପାଞ୍ଚ' ଟିପି ଦେଇଛି । ସେଇଥିପାଇଁ ରିଚାର୍ଜ ଅନ୍ୟ ନମ୍ବରରେ ହୋଇଯାଇଛି । ଡକ୍ୟୁମେଣ୍ଟ ବାଲା ସିମ୍‌ରେ ପାୱାର୍‌ପ୍ଲସ୍ ଓ ଆଉ ଗୋଟିକରେ ରିଚାର୍ଜ କରି ରୁମ୍‌କୁ ଫେରି ଆସିଲା ।

ସେ ଗୁମ୍‌ସୁମ୍ ହୋଇ ବସିଥାଏ । ୬୦ ଟଙ୍କା ବିଷୟରେ ଭାବିଲା ବେଳକୁ ତା' ମୁଣ୍ଡ ଫ୍ୟୁଜ୍ ହୋଇଯାଉଥାଏ । ସେତିକିରେ ସେ ସପ୍ତାହେ ଖଣ୍ଡେ ଚଳିଯାଇଥାନ୍ତା । ରୋଷେଇ କରିବାକୁ ଇଚ୍ଛା ହେଉନଥିଲା ତା'ର । ପରେ ତା' ମନକୁ ଗୋଟିଏ ଉପାୟ ଜୁଟିଲା । ଯାହା ନମ୍ବରରେ ରିଚାର୍ଜ ହୋଇଯାଇଛି ତାକୁ ଅନୁରୋଧ କଲେ ହୁଏତ ଫେରେଇ ଦେବ, ଯଦି ଭଲ ଲୋକ ହୋଇଥିବ । ଆଉ ଯଦି କ୍ରେକ୍ ମାଇଣ୍ଡଟିଏ ହେଲେ... ! ଯେ ଚେଷ୍ଟା କରିବାରେ କ'ଣ ଯାଉଛି । ଅନ୍ତତଃ ତାକୁ ଟିକିଏ ଫ୍ରି ତ ଲାଗିବ ।

ସେ' ବାଥ୍‌ରୁମ୍‌କୁ ପଶି ଆଂଶିକ ଭୟ ଆଉ ଆଶଙ୍କାରେ ମୁହଁରେ ଗାମୁଛା ଘୋଡ଼ାଇ ନମ୍ବର ଡାଏଲ୍ କଲା ।

– ହେଲୋ .. !! କିଏ କହୁଥିଲେ, କାହାକୁ ଖୋଜୁଛନ୍ତି, କ'ଣ କିଛି କାମ ଥିଲା କି ?

ଅଭି ଭାବିଲା, ଟୋକିଟିଏ । ପୁଣି ଚଡ଼ା ମିଜାଜିଆ ଜଣା ପଡୁଛି । ଲଗେଇବା ଠିକ୍ ହେଲାନି କି ! ଯେମିତି ହେଲେ କଥା ଲାଗିବାକୁ ପଡ଼ିବ । ଝିଅଟିକୁ ଅସଲ ପରିଚୟ ଜଣେଇବା ନିରାପଦ ନୁହେଁ ଭାବିକି ବୁଲେଇ ଦେବାକୁ ସ୍ଥିର କଲା ।

– ହାଏ, ମୁଁ ରାଜ । ଭବାନୀପାଟଣାରେ ଏମ୍.ଏ.କରୁଛି । ଆଉ ଆପଣ ?

ଝିଅଟି ମନେ ମନେ ଭାବିଲା, ହୁଏତ ପିଲାଟା ଟାଇମ୍‌ପାସ୍ କରିବାକୁ ଫୋନ୍ କରିଛି । କାରଣ ଆଜିକାଲି ଅନେକ ଦୁଷ୍ଟ ପିଲା ଏମିତି କରିଥାନ୍ତି । ଯାହାକୁ ଯେମିତି ରୁଢ଼ିର ପ୍ରାଧାନ୍ୟ ଦେଇ ଏମିତି ଅଚିହ୍ନା ଅଜଣା ଯୁବକ ଜଣକୁ ଆପଣା ଅସଲ ନାଁ ଓ ଠିକଣା ଜଣେଇବା ଉଚିତ୍ ନଭାବି ମିଛ ପରିଚୟ ଦେବାକୁ ମନସ୍ଥ କଲା ।

– ମୁଁ ସିମ୍ରନ୍ କେନ୍ଦ୍ରାପଡ଼ା ଓମେନ୍ସକଲେଜରେ +୨ କରୁଛି

କିଛି ସମୟ ଔପଚାରିକତା ପୂର୍ଣ୍ଣ କଥାବାର୍ତ୍ତା ପରେ ଅଭି ବିନମ୍ର ହୋଇ କହିଲା, 'କାଲି ସଞ୍ଜ ବେଳେ ମୁଁ ଭୁଲ୍‌ରେ ଆପଣଙ୍କ ନମ୍ବରରେ ୬୦ ଟଙ୍କା ରିଚାର୍ଜ କରିଦେଇଛି । ମୋ ନମ୍ବରକୁ କରୁଥିଲି ଆପଣଙ୍କ ନମ୍ବରରେ ହୋଇଗଲା । ଆପଣଙ୍କ ନମ୍ବରର ଶେଷ ଡିଜିଟ୍ 'ପାଞ୍ଚ' ଆଉ ମୋର 'ଛଅ' । ଆପଣ ଯଦି ସେ ବାଲାନ୍ସ ତକ ଫେରେଇ ଦିଅନ୍ତେ ମୁଁ ଆପଣଙ୍କ ପାଖରେ ଚିରକାଳ କୃତଜ୍ଞ ହୋଇ ରହନ୍ତି ?

ଝିଅଟି ଅଭିର ସ୍ନେହବୋଳା କଥାରେ ଟିକିଏ ଆନ୍ଦୋଳିତ ହୋଇ ଉଠୁଥିଲା । ତାକୁ ଲାଗିଲା, ପିଲାଟି ମୁହଁରୁ ନୁହଁ ହୃଦୟରୁ କହୁଛି ଯେମିତି ! ସେ ମନକୁ ମନ ଭାବିଲା ପିଲାଟା ଜମାରୁ ସେମିତି ନୁହଁ ଯାହା ସେ ଆଶଙ୍କା କରୁଥିଲା । ସେ ଟିକେ ନରମେଇ କହିଲା

– କିନ୍ତୁ ମୁଁ ଟ୍ରାନ୍ସଫର୍ କରି ଜାଣେନି ।

– ମୁଁ ପ୍ରୋସେସ୍ ମେସେଜ୍ କରିଦେଉଛି ।

– ତା'ହେଲେ ମୁଁ ଟ୍ରାନ୍ସଫର୍ କରିଦେବି ।

ଏହା ଶୁଣି ଅଭିର ଚିନ୍ତା କୁଆଡ଼େ ରଫୁଚକ୍କର ହୋଇଗଲା । ଆପଣଙ୍କ ଭଏସ୍ ବହୁତ ମିଠା, ଥ୍ୟାଙ୍କ ୟୁ, ଆପଣଙ୍କ ସହ କଥା ହୋଇ ଭଲ ଲାଗିଲା । ଗୁଡ୍ ନାଇଟ୍, ସୁଇଟ୍ ଡ୍ରିମ୍ ପରି ବାକ୍ୟ କେଇଟାର ସହାୟତାରେ ତାକୁ ପ୍ରଶଂସାର ଫୁଲମାଳଟିଏ ପିନ୍ଧେଇ ଦେବାକୁ ପଛେଇଲାନି । ଝିଅଟି ସେପଟୁ 'ସେମ୍ ଟୁ ୟୁ' କହି ଫୋନ୍ କାଟିଦେଲା ।

ସେଦିନ ରାତିରେ ବହୁତ୍ ବର୍ଷା ହେଲା । କେଜାଣି କେମିତି ଅଭିକୁ ଭିଜିବାକୁ ମନ ହେଲା । ସେ ମନଭରି ଭିଜିଲା ବର୍ଷା ପାଣିରେ । ତାକୁ ଲାଗିଲା ଏ ବର୍ଷା ତା'ଦେହ ଛୁଇଁ ଛୁଇଁ ଯାଉଛି ମନକୁ । ଗୋଟିଏ ନିଆରା ଅନୁରାଗରେ ପୋତି ପକାଉଛି ତାକୁ । ଆଗରୁ ତ କେବେ ଏମିତି ହୋଇନଥିଲା । ଅଚିହ୍ନା ଅଜଣା ଦେଖି ନଥିବା ଝିଅଟିର ମଧୁର କଣ୍ଠସ୍ୱର ତା' କର୍ଣ୍ଣ ପଟଳରେ ମଝିରେ ମଝିରେ ଝଙ୍କୃତ ହୋଇ ତାକୁ ନୂଆଁ ଏକ ଶିହରଣରେ ଆଚ୍ଛନ୍ନ କରି ପକାଉଥିଲା । ଯାହା ମନେ ହେଉଥିଲା – ଗୋଟିଏ ଅବୁଝା ସଂଗୀତ ପରି, ଦୂର ଆମ୍ରବଣରୁ ଭାସି ଆସୁଥିବା ପତଳା କୁହୁତାନ ପରି ।

ସେ ଆଗରୁ ବିଶ୍ୱାସ କରୁନଥିଲା ପ୍ରେମ ବୋଲି କିଛି ଗୋଟାଏ ଥାଏ ବୋଲି । ଜଣଙ୍କ ପାଇଁ ଅନ୍ୟ ଜଣେ ଏତେ ଦୁର୍ବଳ ହୋଇଯାଏ ବୋଲି । ହେଲେ ଧିରେଧିରେ ସେ ଅନୁଭବ କରିପାରିଲା ସେ ଯେଉ ପରିସ୍ଥିତିର ଉପଭୋକ୍ତା ତାହା ହୁଏତ ପ୍ରେମ ନହେଲେ ପ୍ରେମର ସାଦୃଶ୍ୟ ଆଉ କିଛି ବୋଲି ।

ତା'ପରେ ରିଚାର୍ଜ ବାହାନାରେ ପରସ୍ପର କଥା ବାର୍ତ୍ତା ହେବାର ସୁଯୋଗ ଉଣ୍ଡୁଥିଲେ । ଝିଅ ଟ୍ରାନ୍ସଫର କରେନି, କି ଅଭି ବି କିଛି କହେନି । ଯଉଦିନ କଥା ହୁଅନ୍ତିନି ତାଙ୍କ ମନ ଜମାରୁ ଭଲ ଲାଗେନି । ଭୋକ, ଶୋଷ ମରିଯାଏ । ଉଜାଗରରେ ରାତି କଟେ । ଜମା କିଛି କରିବାକୁ ଇଚ୍ଛା ବି ହୁଏନି । ଅଭି ଅନ୍ଦାଜରେ କଳ୍ପନାର ତୂଳୀରେ ଆଙ୍କି ସାରିଥିଲା ଝିଅର ପ୍ରତିମୂର୍ତ୍ତି । ଅପର ପଟରେ ଝିଅଟି ବି ସ୍ୱ-ମାନସ ଆଳୟରେ ସାଇତି ସାରିଥିଲା ଅଭିର କଳ୍ପିତ ଛବି ରାଜ ରୂପରେ । ଅଭି ଖାଉନଥିଲା ଭଲରେ ପଛକେ ରିଚାର୍ଜ କରୁଥିଲା କଥା ହେବା ପାଇଁ । ଝିଅଟିର ଅବସ୍ଥା ବି ସେଇୟା । ତାଙ୍କ ସଂପର୍କ ପ୍ରଥମେ ପ୍ରଥମେ ବନ୍ଧୁତା, ତା'ପରେ ଘନିଷ୍ଠତାର ବାଡ଼ବନ୍ଧା ଡେଇଁଗଲା ଚଗଳି ଝରଣାଟିଏ ପରି । ସବୁବେଳେ କଥା ବାର୍ତ୍ତା ଫୋନ୍‌ରେ । ଚାଟିଙ୍ଗ, ମେସେଜିଂ, ହସଖୁସି, ଥଟ୍ଟାମଜା । ଆଉ କିଛିରେ ମନ ଲାଗୁନଥିଲା । ଉଭୟ ଭାସିଯାଇଥିଲେ ସୁଖଦାନୁଭୂତିରେ । ଶୟନେ, ସପନେ, ଭୋଜନେ, ଗମନେ ଅବା ଜାଗରଣେ ଦୁହେଁ ଦୁହିଁଙ୍କୁ ଭାବୁଥିଲେ । ଦୁହେଁ ମିଶି

ଫୁଲର ସହରେ ରୂପା ବଗିଚାରେ ସ୍ୱପ୍ନର କୁଡ଼ିଆଟିଏ ତୋଳିଥିଲେ । ସେଠି ବାକି ଆଉ କେହି ନଥିଲେ । ଥିଲେ ସେ ଦୁହେଁ ଆଉ ପ୍ରେମ ହିଁ ପ୍ରେମ । ଭୂଇଁରୁ ଆକାଶଯାଏ । ପାଣିରୁ ପବନ ଯାଏ । ମିଛର ମୂଳଦୁଆରେ ଗଢ଼ି ଉଠିଥିବା ବାଲିଘରଟା ଯେ ଗୋଟିଏ ସୁନ୍ଦର ତାଜ୍‌ଟିଏ ପାଲଟିଯିବ ତାହା ଦୁହିଁଙ୍କ କଳ୍ପନା ବାହାରେ ଥିଲା । କିନ୍ତୁ କହିଦେଲେ କାଳେ ସଂପର୍କ ତୁଟିଯିବ, ଭୁଲ୍ ବୁଝାମଣା ହେବ ବୋଲି କେହି କାହାକୁ ନିଜର ଅସଲ ପରିଚୟ ବିଷୟରେ କହୁନଥିଲେ । ସେମିତି ଚାଲିଥିଲା । ଫୋନ୍‌ଫୋନ୍‌ରେ ଉଭୟ ଜୀବନ ସାଥୀ ହେବାର ସ୍ୱପ୍ନରେ ବିଭୋର । ଫୋନ୍‌ଫୋନ୍‌ରେ ଚଉଠି, ପିଲା ଛୁଆ ଜନ୍ମ । ତାଙ୍କ ନାଁ ଦିଆ ପାଠ ପଢ଼ା କ୍ୟାରିୟର । ସେମାନଙ୍କ ବୃଦ୍ଧାବସ୍ଥା ପରି ଗୁଡାଏ ଅକୁହା କଥା । ସେତେବେଳେ ଦୁହେଁ ଦୁହିଁଙ୍କୁ ଭେଟିନଥିଲେ । ଦୁହେଁ ସ୍ଥିର କଲେ ସମ୍ବଲପୁରରେ ଭେଟ ହେବାକୁ । ଭେଲେନ୍‌ଟାଇନ୍ ଡେକୁ ଅପେକ୍ଷା କରିଥିଲେ ଚାତକ ପରି । କ୍ୟାଲେଣ୍ଡରରେ ଦିନ ଗଣିଗଣି ।

ଭେଲେନ୍‌ଷ୍ଟାଇନ୍ ଡେ ଆଗଦିନ ରାତିରେ ଅଭି ତପସ୍ୱିନୀ ଏକ୍ସପ୍ରେସ୍ ଧରିବାକୁ ବାହାରୁଥାଏ । ତା' ପିଉସୀ ଝିଅ ପ୍ରାଚୀ ଫୋନ୍‌କରିଥିଲା । ସେମାନେ ଦୁହେଁ କିଛି ସମୟ ସାଧାରଣ କଥାବାର୍ତ୍ତା ପରେ ପ୍ରାଚୀ ଯାହା ସବୁ କହିଲା ତାର ହଂସା ଉଡ଼ିଗଲା ।

ଭାଇ, ଗୋଟିଏ ବିନା ଡକୁମେଣ୍ଟ ସିମ୍‌ର ସଂପର୍କକୁ ନେଇ ମୁଁ ଚିନ୍ତାରେ ଅଛି । ଏବେ ଅବଶ୍ୟ ବାପାଙ୍କ ସିମ୍‌ରୁ କରୁଛି । ସେ' କାଲି ଭେଟିବାକୁ ଆସୁଛନ୍ତି । ଭାବୁଛି ତାଙ୍କୁ ସବୁ ସତକଥା କହିଦେବି । ମୁଁ ତାଙ୍କୁ ଜୀବନଠୁଁ ଅଧିକ ଭଲପାଏ । କହୁନ କ'ଣ କରିବି ? ତମେ ତ ଜାଣ ମୁଁ ତମ ସହିତ ସବୁ ସୁଖଦୁଃଖ ସେୟାର କରେ । ଏଥର ଖାଲି ଭୟରେ କହୁନଥିଲି । ହେଲେ ତୁମକୁ ନକହି ଆଉ କଉ ଉପାୟ ଅଛି ଭାଇ । ତମଛଡ଼ା ମୋ କଥା କିଏ ବା ବୁଝିବ ! ବାପାଙ୍କୁ ଟିକେ ବୁଝେଇବ ଭାଇ । ମୁଁ ଯେତେ ଯାହା ହେଉ ତାଙ୍କୁ ଛାଡ଼ି ବଂଚି ପାରିବିନି । ଏମିତି ଅନେକ କିଛି କହିଗଲା ପ୍ରାଚୀ .....

ଅଭିର ଶୁଣିବାର ଧୈର୍ଯ୍ୟ ଆଉ ନଥିଲା । ସ୍ଥାଣୁ ପାଲଟିଗଲା କ୍ଷଣିକ ପାଇଁ । ମୋବାଇଲ୍ କଚାଡ଼ି ଦେଲା । ସିମ୍ ଡଷ୍ଟବିନ୍‌କୁ ଫିଙ୍ଗିଦେଲା । ସେ ପାଗଳ ପରି ରୁମ୍ ସାରା ଗଡୁଥାଏ, କାନ୍ଦୁଥାଏ । ସେ ଭାବୁଥାଏ ଛି... ଛି... ଶେଷରେ ପିଉସୀ ଝିଅ (ଭଉଣୀ) ସାଙ୍ଗରେ । ତାକୁ ଚଉଦିଗ ଅନ୍ଧାର ଲାଗୁଥାଏ । ତା' ମନର କାନ୍‌ଭାସ୍‌ରୁ ଝରି ପଡୁଥାଏ ମଳା ସ୍ୱପ୍ନ ଗୁଡ଼ିକର ରକ୍ତ କଣିକା ଥପ୍‌ଥପ୍ ହୋଇ । ସୁଖ ଶାନ୍ତିର ପୁଷ୍ପଦ୍ୟାନକୁ କଳା ବଉଦ ଗ୍ରାସି ଦେବା କଥାଟା ତାକୁ ଆଦୌ ଜଣାନଥିଲା । କ'ଣ କରିବ କ'ଣ ହେବ କିଛି ଭାବିବାକୁ ତା' ପକ୍ଷେ ଖୁବ୍ ଜଟିଳ ପାଲଟିଯାଏ । ତା' ହୃଦୟର କାନ୍ଦଣା କିଏ ବା ଶୁଣିବ । ଶ୍ରୋତା ବି ସେ ଉପଭୋକ୍ତା ବି ସେ । ସେ ପ୍ରାଚୀର କଥା ଭାବିଲା ବେଳକୁ ମୁଣ୍ଡରେ ଭୟଙ୍କର ରକ୍ଷସଟିଏ ମାଡ଼ିବସିବା ପରି ମନେ ହେଉଥାଏ । ପ୍ରାଚୀ ଯେଉଁ ଧୋକାର ନିଆଁରେ ଜଳିବ, ତା' ଫୋନ୍‌ଫ୍ରେଣ୍ଡ୍‌କୁ ନପାଇ ଛଟପଟ ହେବ । ସେ ସବୁ ପାଇଁ ନିଜକୁ ଦୋଷୀ ମଣୁଥିଲା ।

ଅଭି ବି.ଏଡ୍. ସାରି ଘରକୁ ଫେରି ପ୍ରଧାନଶିକ୍ଷକ ହେଲା ପାଖ ଗାଁ ସ୍କୁଲ୍‌ରେ । ବାପା, ମାଆ, ଭଉଣୀମାନେ ଖୁବ୍ ଖୁସି । ତାଙ୍କ ଚିର ଇପ୍‌ସିତ ସ୍ୱପ୍ନ ଚରିତାର୍ଥ ହେଲା । ସେ ଆଗରୁ ସଂପୂର୍ଣ୍ଣ ବଦଳିଯାଇଥିଲା । ତାର ହସ, ଚେହେରାର ସତେଜତା ସବୁ ମରି ସାରିଥିଲା । ସେ ପ୍ରାଚୀର ଦୟନୀୟ ଅବସ୍ଥା ଦେଖି ଭିତରେ ଭିତରେ ଜଳୁଥାଏ । ଚୁପ୍‌ଚୁପ୍ କାନ୍ଦୁଥାଏ ।

ପ୍ରାଚୀକୁ ବହୁବାର ବୁଝେଇବାକୁ ଯାଇ ବିଫଳ ହୋଇଛି ଅଭି । କିନ୍ତୁ ସତକଥା କେମିତି କହନ୍ତା ? ଏ ସବୁ କଥା ପ୍ରାଚୀକୁ କହିଦେଲେ ଆଉ ଜୀବନ ସାରା ତା' ମୁହାଁମୁହିଁ ହୋଇପାରିବନି । ସେ ସଂକୋଚରେ ଅଟକି ଯାଏ । ତା' ସହ ସେ ଫୋନ୍‌ରେ ସ୍ୱର ବଦଳାଇ, ନାମ ବଦଳାଇ ବହୁତ ଆଗକୁ ବଢ଼ି ଯାଇଛି । ଏବେ ଫେରିବାକୁ ଚେଷ୍ଟା କରୁଛି । କାରଣ ତାକୁ ସତ ଜଣା । କିନ୍ତୁ ପ୍ରାଚୀ... ! ପ୍ରାଚୀ ଏବେ ରାଜର ପ୍ରେମରେ ବାଉଳି । ସବୁବେଳେ ତା' ନାମ ଘୋଷିହୁଏ । କ'ଣ କ'ଣ ସବୁ ନିଦ ବାଉଳାରେ ବୋବାଏ । ଥରେ ଦି' ଥରେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିସାରିଲାଣି । କ'ଣ ହୋଇଗଲା ବିଚାରୀର ! ଖୁବ୍ ସୁନ୍ଦରୀ ଥିଲା । ଭଲ ବି ପଢୁଥିଲା । କିନ୍ତୁ ସେ ରାଜ୍ ପଛରେ... ଯିଏ ତା' ପାଖରେ ଥାଇ ଅଛି ବହୁତ ଦୂରରେ । ଅଭି ରାଜକୁ ସେଇ ଦିନରୁ ମାରି ଦେଇଛି ଯେଉଁ ଦିନରୁ ଜାଣିଲା ଯେ, ପ୍ରାଚୀ ସିମରନ୍ ବୋଲି । ତା' ଭଲ ପାଇବା, ପ୍ରେମ, ଅଦେଖା ଆକର୍ଷଣ ସବୁ ଫିକା ପଡିଗଲା । ନିଜ ଭିତରେ ନିଜେ ସ୍ୱାର୍ଥପର ପାଲଟିଗଲା ଅଭି ।

ସ୍ୱରୂପ କ୍ରିୟାକଳାପରେ ଧାବମାନ ସମୟଚକ୍ର । ପ୍ରାଚୀର ଅବସ୍ଥାରେ ଆଦୌ ସୁଧାର ନାହିଁ । ଏପଟେ ଅଭି ବାହା ହେଉନାହିଁ । ଘର ଲୋକଙ୍କୁ ଏହା ବ୍ୟାହତ କରି ପକାଉଛି । ଆଉ ମୋବାଇଲ୍ ଧରେନା ଅଭି । ସେ ଭାବେ ଏ ମୋବାଇଲ ହିଁ ଏସବୁର ଦାୟୀ । ତା' ମନକୁ ହାଲକା କରିବାକୁ କେବେ କେମିତି... । କିନ୍ତୁ ଦୋଷ ଦେବାରେ ନିଜକୁ ପଛାଏନି ଜମା । ପୁଣିଥରେ ଆଉ ଜଣକୁ ନେଇ ସ୍ୱପ୍ନ ଦେଖିବାର ସାମର୍ଥ୍ୟ ନାହିଁ । ସେ ନିଜର ବେଶୀ ସମୟ ବିତାଉଛି ପ୍ରାଚୀ ସାଙ୍ଗରେ । ତାର ସେବା କରିବାରେ ।

ଛାତି ପଥର କରି ସବୁ ସହିଯାଏ । ଖାଲି ପୀଡ଼ିତ ହେଉଥାଏ ଅପାଶୋରା ଗ୍ଳାନିର ଋପରେ । ଅଭି ନିଜେ ନିଜକୁ ମନେ କରେ ଦହନର ଗୋଟିଏ ଅନ୍ୟ ନାଁ ଭାବରେ ଯାହା ବର୍ଣ୍ଣିତ ନୁହେଁ ଏ ଦୁନିଆଁର କୌଣସି ଶବ୍ଦକୋଷରେ ।

*- ପୋ.-କପିଳାପୁର, ଜି.- ଝାରସୁଗୁଡ଼ା*

# ଯବନିକା ପାତ

- ସଦାଶିବ ପଣ୍ଡା

ବାପା ଇହଧାମ ଛାଡ଼ିଲାବେଳକୁ ଅନିମେଷକୁ ଏକୋଇଶ ବର୍ଷ । ବାପାଙ୍କ ବ୍ୟବସାୟରେ ସେ ନିଜକୁ ସାମିଲ କଲେ । ମାଲ୍ ଆଣିବା ପାଇଁ ମଝିରେ ମଝିରେ କଲିକତାର ମଙ୍ଗଳା ହାଟକୁ ଯିବାକୁ ପଡୁଥିଲା । ସେଠାରେ ତାଙ୍କର ସୁନ୍ଦରୀ ଅପର୍ଣ୍ଣା ସହ ସାକ୍ଷାତ ହୁଏ । ପରବର୍ତ୍ତୀ କାଳରେ ସେ ଅପର୍ଣ୍ଣାଙ୍କୁ ପ୍ରେମ ବିବାହ କଲେ ।

ପାଞ୍ଚ, ସାତ ବର୍ଷ ପରେ ଅପର୍ଣ୍ଣା ଗୋଟିଏ କନ୍ୟା ସନ୍ତାନ ଜନ୍ମ ଦେଲେ । ଖୁସିରେ ତା'ର ନାମ ସ୍ୱପ୍ନା ରଖାଗଲା । ସ୍ୱପ୍ନାର ଆବିର୍ଭାବ ପରିବାରରେ ସୁଖ, ଶାନ୍ତି ଭରିଦେଲା । ସେ ଚନ୍ଦ୍ରକଳା ପରି ବଢ଼ିବାରେ ଲାଗିଲା । ଅଳ୍ପ କିଛିଦିନ ପରେ ଅନିମେଷର ମାଆ ମଧ୍ୟ ଆଖି ବୁଜିଲେ । ବର୍ତ୍ତମାନ ପରିବାରରେ ସର୍ବମୋଟ ସଦସ୍ୟ ତିନିଜଣ । କେଉଁଥିରେ ଅଭାବ ନାହିଁ । ଅପର୍ଣ୍ଣା ମନେ ମନେ ଭାବୁଥିଲେ ସ୍ୱପ୍ନାକୁ ବହୁତ ପାଠ ପଢ଼ାଇବେ ବୋଲି ।

ସ୍ୱପ୍ନା ସ୍କୁଲ ସାର୍ଟିଫିକେଟ୍ ଆଇ.ଏ., ବି.ଏ. (ଇଂରାଜୀ ସମ୍ମାନ) ଏବଂ ଏମ୍.ଏ. (ଇଂରାଜୀ) ପରୀକ୍ଷା କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଆନ୍ଧ୍ରପ୍ରଦେଶର ଉସ୍‌ମାନିଆଁ ବିଶ୍ୱବିଦ୍ୟାଳୟରେ ଇଂରାଜୀ ଅଧ୍ୟାପିକା ଭାବେ ନିଯୁକ୍ତ ହେଲେ ।

ସେତେବେଳକୁ ସ୍ୱପ୍ନାକୁ ଛବିଶ ବର୍ଷ । ତା'ର ଶରୀର ଗୋଟିଏ ଚାଉଳରେ ଗଢ଼ା । ଦେହର ବର୍ଣ୍ଣ ସୁନା ପରି ହଳଦିଆ । ପାଖପଡ଼ିଶା ସ୍ତ୍ରୀ ଲୋକମାନେ କହନ୍ତି, ସ୍ୱପ୍ନା ଗର୍ଭରେ ରହିଲାବେଳେ ତାହାର ମାଆ ସୁନା ପାଣି ପିଉଥିଲେ ।

ସ୍ୱପ୍ନାକୁ ବାହା ହେବାପାଇଁ ବାପାମାଆଙ୍କ ଚିନ୍ତା ବଢ଼ି ବଢ଼ି ଚାଲିଥାଏ । କେତୋଟି ପ୍ରସ୍ତାବ ଆସି କାଟ୍ ଖାଇଯାଇଛି । ଶେଷରେ ପ୍ରକାଶ ଚନ୍ଦ୍ର ସାମନ୍ତରାୟଙ୍କ ପ୍ରସ୍ତାବ ଆସିଲା । ସେ ପିତାମାତାଙ୍କର ଏକମାତ୍ର ସନ୍ତାନ । ସେ ଏମ୍.ବି.ଏ. କରି ରେୟାର୍ ଆର୍ଥ ଏବଂ ୟୁରାନିୟମ୍ ଭଳି ବିରଳ ଧାତୁମାନଙ୍କର ବିଜିନେସ୍ ଏକ୍‌ଜିକ୍ୟୁଟିଭ୍ ଭାବରେ ବର୍ତ୍ତମାନ ବାଙ୍ଗାଲୋର୍‌ରେ ଅବସ୍ଥାପିତ ଥିଲେ । ସେ ଧନଶାଳୀ ଏବଂ ଦେଖିବାକୁ ସୁନ୍ଦର । ସ୍ୱପ୍ନା ଏବଂ ପ୍ରକାଶଙ୍କ ମଧ୍ୟରେ ଦେଖାସାକ୍ଷାତ ହୋଇ ବିବାହ ସ୍ଥିର କରାଗଲା ଏବଂ ନିର୍ଦ୍ଦିଷ୍ଟ ତାରିଖରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହେଲେ ।

କିଛିଦିନ ଉତ୍ତାରେ ସ୍ୱପ୍ନାକୁ ନିଯୁକ୍ତି ଛାଡ଼ି ସ୍ୱାମୀଙ୍କ ସହ ବାଙ୍ଗାଲୋର୍‌ରେ ରହିଲେ। ସେଠାର ବିରାଟ ବଙ୍ଗଳା, ଲନ୍, ଗାଡ଼ି, ଟେଲିଫୋନ୍, ବିଶ୍ରାମାଗାର, ଚାକରବାକରଙ୍କ ସହ ପରିଚିତ ହେବାକୁ ସ୍ୱପ୍ନାକୁ ଅଧିକ ସମୟ ଲାଗିଲାନି ।

ସ୍ୱାମୀ ପ୍ରକାଶ ବାଙ୍ଗାଲୋର୍‌ରେ ଅବସ୍ଥାପିତ ହେଲେ ହେଁ ତାଙ୍କୁ ଭାରତର ବଡ଼ ବଡ଼ ସହର ଏବଂ କେତେକ ବିଦେଶୀ ରାଷ୍ଟ୍ରକୁ ମଧ୍ୟ ବରାବର ଗସ୍ତ କରୁଥିଲେ । ସମୟେ ସମୟେ ଗସ୍ତରୁ ଫେରିଲା ପରେ ପାର୍ଟିର ଆୟୋଜନ ହୁଏ । ଏହି ପାର୍ଟିରେ କେତେକ ଉଚ୍ଚପଦସ୍ଥ ସହକର୍ମୀ । ସହରର ବଡ଼ ବଡ଼ ବ୍ୟବସାୟୀ ଏବଂ ପଦସ୍ଥ ସରକାରୀ କର୍ମଚାରୀ ମଧ୍ୟ ଯୋଗ ଦେଉଥିଲେ । ପାର୍ଟିର ଖାନାପିନା, ଗାନା, ମଉଜ ମଜଲିସରେ କାରନାମା ସ୍ୱପ୍ନା ହିଁ ବୁଝାଶୁଝା କରୁଥିଲେ । ତେଣୁ ପାର୍ଟିରେ ସମସ୍ତଙ୍କର ଚକ୍ଷୁ ସ୍ୱପ୍ନାର ସୌନ୍ଦର୍ଯ୍ୟ ଉପରେ କେନ୍ଦ୍ରୀଭୂତ ହେଉଥିଲା । ଏଥିରେ ତାଙ୍କର ସ୍ୱାମୀ ପ୍ରକାଶ ବେଶ୍ ଆନନ୍ଦ ଏବଂ ଗର୍ବ ଅନୁଭବ କରୁଥିଲେ ।

ବାଙ୍ଗାଲୋର୍‌ର ବିଶିଷ୍ଟ ହୀରା ବ୍ୟବସାୟୀ ଥିଲେ ୱାଇ.ଏସ୍. ରାଓପଟ୍ଟନାୟକ । ପାର୍ଟିରୁ ଆରମ୍ଭ କରି ପ୍ରକାଶଙ୍କ ପରିବାରରେ ତାଙ୍କର ଆତ୍ମୀୟତା ବଢ଼ିବାକୁ ଲାଗିଲା । ଥରେ ସେ ପ୍ରସ୍ତାବ ଦେଲେ ଯେ ସ୍ୱପ୍ନାଙ୍କ ଜନ୍ମଦିନରେ ପାର୍ଟି ଆୟୋଜନ ପାଇଁ । ଏଥିରେ ତାଙ୍କୁ ଯଦି ସୁଯୋଗ ଦିଆଯାଏ ଏହି ପାର୍ଟି ହିଁ ସ୍ୱାପ୍ନାଙ୍କ ପାଇଁ ସେ ଆୟୋଜନ କରିବେ । ସମ୍ପର୍କର ଡୋରି ପ୍ରକାଶଙ୍କୁ ବାଧା ଦେଇପାରି ନ ଥିଲା । ସ୍ୱପ୍ନାଙ୍କ ଜନ୍ମଦିନ ପାର୍ଟିରେ ବହୁ ଉପହାର ମିଳିଲା । ରାଓ ପଟ୍ଟନାୟକ ହୀରାହାର ଥିଲା ସ୍ୱପ୍ନାଙ୍କ ପାଇଁ ଶ୍ରେଷ୍ଠ ଉପହାର । ହୀରାହାର ସ୍ୱପ୍ନାଙ୍କ ବେକରେ ଚମତ୍କାର ଦେଖାଯାଉଥିଲା ।

ରାଓ ପଟ୍ଟନାୟକ ବର୍ତ୍ତମାନ ପ୍ରକାଶଙ୍କ ଗୋଟାପଣେ ପରିବାରର ବନ୍ଧୁ ପାଲଟି ଯାଇଛନ୍ତି । ପରିବାରରେ ତାଙ୍କର ଅବାଧ ମିଳାମିଶା । ସ୍ୱାମୀଙ୍କ ବିଦେଶ ଗସ୍ତ ସମୟରେ ସ୍ୱପ୍ନା ଏବଂ ରାଓ ପଟ୍ଟନାୟକଙ୍କ ବିମାନ ବନ୍ଦରରେ ବିଦାୟ ସମ୍ବର୍ଦ୍ଧନା । ପ୍ରକାଶଙ୍କ ଅନୁପସ୍ଥିତିରେ ପୂର୍ଣ୍ଣ ସୁଯୋଗ ନେଲେ ରାଓ ପଟ୍ଟନାୟକ ।

ସାନ୍ଧ୍ୟଭ୍ରମଣରେ ଯିବା ପାଇଁ ସେ ସ୍ୱପ୍ନାଙ୍କୁ ନିମନ୍ତ୍ରଣ ଜଣାଇଲେ । ଭ୍ରମଣ ପରେ ପଞ୍ଚ ତାରକା ହୋଟେଲରେ ଡିନର ବ୍ୟବସ୍ଥା । ମୃଦୁ ପାନୀୟରୁ ଆରମ୍ଭ କରି ମଦ୍ୟପାନରେ ଉଭୟ ଆତ୍ମହରା ହୋଇପଡ଼ିଲେ । ଡିନର ପରେ ଉଭୟେ ପ୍ରକାଶଙ୍କ ବଙ୍ଗଳାକୁ ଡେରି ରାତ୍ରିରେ ଫେରିଲେ । ସ୍ୱପ୍ନା ଡେରି ରାତ୍ରିରେ ଘରକୁ ନ ଫେରିବାକୁ ରାଓ ପଟ୍ଟନାୟକଙ୍କୁ ଅନୁରୋଧ ଜଣାଇଲେ । ଶେଷରେ ତାଙ୍କର ବଙ୍ଗଳାରେ ଉଭୟେ ସୁଖରାତ୍ରି

ଯାପନ କଲେ । ସେହିଦିନଠାରୁ ତାଙ୍କ ମଧ୍ୟରେ ସମ୍ପର୍କ ଘନୀଭୂତ ହେବାରେ ଲାଗିଲା ।

ସ୍ୱାମୀ ପ୍ରକାଶଙ୍କ ସହ ବୈବାହିକ ସମ୍ପର୍କରେ ଭଟ୍ଟା ପଡ଼ିବାରେ ଲାଗିଲା । ଉଭୟଙ୍କ ସମ୍ପର୍କ ଆଶାନୁରୂପ ତିକ୍ତ ହେଲା । ସ୍ୱପ୍ନା ରୋକ୍‌ଠୋକ୍ କହିଦେଲା ସେମାନେ ଆଉ ଗୋଟିଏ ଛାତ ତଳେ ରହିବା ସମ୍ଭବ ନୁହେଁ । ଶେଷରେ ପବିତ୍ର ବିବାହ ବନ୍ଧନ ଛିନ୍ନ ହେଲା ।

ସ୍ୱପ୍ନା ହୀରା ବ୍ୟବସାୟୀ ରାଓ ପଟ୍ଟନାୟକଙ୍କ ଦ୍ୱିତୀୟା ପତ୍ନୀ ହେବାରେ ଗର୍ବ ଅନୁଭବ କଲେ । ସୁଖର ସମୟ ସବୁଦିନେ ରହେ ନାହିଁ । ମଝିରେ ମଝିରେ ପ୍ରଥମା ଓ ଦ୍ୱିତୀୟା ପତ୍ନୀଙ୍କ ମଧ୍ୟରେ କଳିଝଗଡ଼ା ଚାଲେ । ରାଓ ପଟ୍ଟନାୟକ ନିଜକୁ ଦୁଇ ପତ୍ନୀଙ୍କ କଳିତକରାଳଠାରୁ ଦୂରେଇ ରଖନ୍ତି । ସେ ଅନେକ ସମୟରେ ଶାନ୍ତି ପାଇଁ ମଦର ସାହାରା ନେଉଥିଲେ । ସ୍ୱପ୍ନାଙ୍କ ଜିଦ୍ ଆଗରେ ରାଓ ପଟ୍ଟନାୟକ ମୁଣ୍ଡ ନୁଆଁଇଲେ ନାହିଁ । ମଦ ନିଶାରେ ସ୍ୱପ୍ନାକୁ ସେ କେତେଥର ମାରଧର କଲେ । ପରିସ୍ଥିତି ଭିନ୍ନ ରୂପ ଧାରଣ କଲା । ସ୍ୱପ୍ନା ନିଜକୁ ଅସହାୟ ଏବଂ ଏକୁଟିଆ ମନେ କଲେ । ଅସଲି ସ୍ୱାମୀଙ୍କୁ ଛାଡ଼ିଆସିଥିବାରୁ ଅନୁତାପ କରିବାକୁ ଲାଗିଲେ । ସେହି ଅନୁତାପ ଅନଳରେ ଦଗ୍ଧୀଭୂତ ହୋଇ ସ୍ୱପ୍ନା ବିଷ ପିଇ ଆତ୍ମହତ୍ୟା କଲେ । ଶେଷରେ ଗୋଟିଏ ଉଦ୍ଭଟ ଜୀବନର ଯବନିକା ପାତ ହେଲା ।

*ବନମାଳିପୁର, ସୁକରପଡ଼ା, ଅସୁରେଶ୍ୱର, କଟକ ।*



# ଦୀକ୍ଷା

- ଏଲିନା ପଣ୍ଡା

ଓଡ଼ିଶାର ସୀମାନ୍ତ ଅଞ୍ଚଳ, ଶିରିଶପଡ଼ା ଗ୍ରାମ । ଚାରିଆଡ଼େ ସବୁଜବଳୟ ଘେରା । ପଶୁପକ୍ଷୀଙ୍କ ଚଳପ୍ରଚଳ ଏବଂ କାକଳି ଧ୍ୱନି । ଅନୁପମ ପରିବେଶ ମଧ୍ୟରେ ଶିରିଶପଡ଼ା ହସି ଉଠୁଥାଏ । ସେଠାରେ ମୃଦୁମଳୟର ସ୍ପର୍ଶ ବାରି ହୋଇପଡୁଥାଏ ।

ଏହି ଅପୂର୍ବ ସମୟରେ ରାମବାବା ଏବଂ ତାଙ୍କର ପ୍ରଧାନ ଶିଷ୍ୟ ଶ୍ୟାମବାବା ଆସି ଶିରିଶପଡ଼ାରେ ପଦାର୍ପଣ କଲେ । ସେଠାକାର ଲୋକେ ବାବାଦ୍ୱୟଙ୍କୁ ସ୍ୱାଗତ ଜଣାଇଲେ । ଶିରିଶପଡ଼ାର ଶିକ୍ଷାଦୀକ୍ଷା, ସଂସ୍କୃତି ଏବଂ ସାଧାରଣ ବ୍ୟବହାର ଖୁବ୍ ଉଚ୍ଚକୋଟୀର ଥିଲା । ଲୋକେ ମଧ୍ୟ ଦୟାଳୁ ଏବଂ ଧାର୍ମିକ ଥିଲେ ।

ପ୍ରଥମ ଦିନ ରହଣିର ସନ୍ଧ୍ୟା ଆରତି ଗାଁ ଭାଗବତ ଟୁଙ୍ଗିରେ ଅନୁଷ୍ଠିତ ହେଲା । ରାମବାବା ଉପସ୍ଥିତ ଗ୍ରାମବାସୀଙ୍କୁ କହିଲେ ଯେ ସେମାନଙ୍କର ଶିକ୍ଷା, ସଂସ୍କୃତି ଦୃଷ୍ଟିରୁ  ଗୁରୁଦୀକ୍ଷା ନେବା ଜରୁରୀ ଅଟେ । ଆମେ ଏଠାରେ ଏକ କ୍ଷୁଦ୍ର ଆଶ୍ରମ ପ୍ରତିଷ୍ଠା କରି ଏହି ଗ୍ରାମ ଏବଂ ନିକଟବର୍ତ୍ତୀ ଗ୍ରାମର ଲୋକମାନଙ୍କୁ ଗୁରୁଦୀକ୍ଷା ଦେବା ସହ ଜୀବନ-ମୃତ୍ୟୁ ସମ୍ବନ୍ଧରେ ବ୍ୟାପକ ପ୍ରବଚନ ଦେବା ସହ ସେମାନଙ୍କର ଦୃଷ୍ଟିଭଙ୍ଗୀରେ ବ୍ୟାପକ ପରିବର୍ତ୍ତନ  ଆଣିବା ଆମର ଅସଲ ଉଦ୍ଦେଶ୍ୟ ଅଟେ । ରାମବାବାଙ୍କ ଶିଷ୍ୟ ଶ୍ୟାମବାବା ଏହି ପ୍ରସଙ୍ଗ ତଥା ପ୍ରସ୍ତାବକୁ ହୃଦୟର ସହ ଗ୍ରହଣ କରିବାର ସଂକେତ ଦେଲେ । ତତ୍‌ସହ ପୁଣି କହିଲେ ଯେ ଇଚ୍ଛୁକ ବ୍ୟକ୍ତିଙ୍କୁ ଦୀକ୍ଷା ଦେବାପରେ ଏହି ସ୍ଥାନକୁ ପରିତ୍ୟାଗ କରି ଅନ୍ୟତ୍ର ଯିବା ପାଇଁ ଇଚ୍ଛା ପ୍ରକଟ କଲେ ।

ସେହି ସମୟରେ ମହୀୟସୀ ଦୁଇ ଜୈନମୁନି ଆସି ସେଠାରେ ପହଞ୍ଚିଲେ । ସୁ-ସଂସ୍କୃତ ଗ୍ରାମବାସୀମାନେ ମୁନିମାନଙ୍କୁ ଆଦର ସମ୍ମାନ ଜ୍ଞାପନ କଲେ । ସେମାନେ ସେଠାରେ ରାତ୍ରିଯାପନ ପାଇଁ ବାବାଙ୍କ ଅନୁମତି ଲୋଡ଼ନ୍ତେ ବାବା ହସ ହସ ବଦନରେ ସେମାନଙ୍କୁ ରାତ୍ରିଯାପନ ପାଇଁ ବିନମ୍ର ଅନୁରୋଧ ଜଣାଇଲେ ।

ଉଭୟପକ୍ଷ ସନ୍ଧ୍ୟାରେ ମଣିଷର ଜନ୍ମମୃତ୍ୟୁ ରହସ୍ୟ ସମ୍ବନ୍ଧରେ ପ୍ରବଚନ ମାଧ୍ୟମରେ ଆଲୋକପାତ କଲେ । ସେମାନଙ୍କର ବକ୍ତବ୍ୟ ଥିଲା, ମଣିଷ ଜନ୍ମ ନେଲେ ମୃତ୍ୟୁବରଣ କରିବାକୁ ହୁଏ । ଏପରିକି ଦେବତା ହେଲେ ମଧ୍ୟ ଜନ୍ମମୃତ୍ୟୁ ଚକ୍ରରୁ ବାଦ୍ ପଡ଼ନ୍ତି ନାହିଁ, କାରଣ ଶରୀର ହେଉଛି ମାଟିପିଣ୍ଡୁଳା । ଜୀବନ ବା ଆତ୍ମା ହେଉଛି ନିଷ୍କଳଙ୍କ, ସ୍ୱଚ୍ଛ ଏବଂ ଅମର । ଏହାର କଦାପି ବିନାଶ ନାହିଁ ।

ଲୋକମାନେ ସେମାନଙ୍କର ବଳିଷ୍ଠ ଯୁକ୍ତି ସହ ପ୍ରବଚନର ସାରମର୍ମକୁ ଗ୍ରହଣ କଲେ । ବାବା ଏବଂ ମୁନିମାନେ ସେମାନଙ୍କର ପ୍ରବଚନ ମାଧ୍ୟମରେ କହିଲେ ଯେ ଶରୀର କ୍ଷଣସ୍ଥାୟୀ । କିନ୍ତୁ ଏହା ସର୍ବକର୍ମର ମାଧ୍ୟମ, ଏହା ନଷ୍ଟ ହେବାପୂର୍ବରୁ ଯେପରି ଉନ୍ନତ କାର୍ଯ୍ୟରେ ଲାଗେ, ସେଥିପ୍ରତି ଦୃଷ୍ଟିଦେବା କର୍ତ୍ତବ୍ୟ ଅଟେ । ଉନ୍ନତ କାର୍ଯ୍ୟର ଫଳ ଉନ୍ନତ ଅଟେ । ମହାନ୍ କର୍ମର ଇଙ୍ଗିତରେ ମନୁଷ୍ୟ ସମାଜ ପରିଚାଳିତ ହୁଏ । ଏହାର ସୁଫଳ ସମସ୍ତେ ଉପଭୋଗ କରନ୍ତି ।

କିଛିଦିନ ଉତ୍ତାରୁ ସନ୍ଧ୍ୟା ସମୟରେ ଆଖପାଖର ବହୁଲୋକ ରୁଣ୍ଡ ହୋଇଥାନ୍ତି ବାବାଙ୍କ ଅପେକ୍ଷାରେ । ବହୁ ସମୟ କଟିଗଲା । ପରେ ବାବାଙ୍କ ଦର୍ଶନ ମିଳିଲା ନାହିଁ । କାରଣ ଜାଣିବାକୁ ଆଶ୍ରମ ଭିତରକୁ କେହି ଜଣେ ଭକ୍ତ ପ୍ରବେଶ କରିବାରୁ ଦେଖନ୍ତି ତ ବାବାମାନେ କିମ୍ବା ମୁନିମାନେ ଆଶ୍ରମରେ ନ ଥିଲେ । ସେମାନଙ୍କୁ ଏଣେତେଣେ  ଖୋଜାଖୋଜି କରି ସଫଳ ହେଲେ ନାହିଁ ।

ସେମାନଙ୍କର ପ୍ରବଚନର ମର୍ମକୁ ସମସ୍ତେ ମନେ ମନେ ହେଜୁଥିଲେ । ମନେ ମନେ ସେମାନଙ୍କୁ ପ୍ରଶଂସା କରିବା ସହିତ ବାବା ଏବଂ ମୁନିଙ୍କ ଉଦ୍ଦେଶ୍ୟରେ ମୁଣ୍ଡ ନୁଆଁଇଲେ ।

*- ଡାହାଳିଆବାଗ, ଭାଣପୁର, କଟକ*

# ଈଶ୍ୱର

- ଲିଙ୍ଗରାଜ ଶତପଥୀ

ଭକ୍ତିର ଅନ୍ୟନାମ ସ୍ନେହ, ଶ୍ରଦ୍ଧା, ପ୍ରେମ । ସୁଖ, ଦୁଃଖ, ଜୀବନ, ମୃତ୍ୟୁ, ସୀମା, ଅସୀମା, ଅଳ୍ପ, ବହୁତ, ଅଧକ୍ଷ-ଅଧିଷ୍ଠାନ, ସାଧାରଣ, କାର୍ଯ୍ୟ, କାରଣ ଏସବୁ ବିଷୟରେ ଜାଣିବା ପାଇଁ, ବିବେକକୁ ପ୍ରକଟ କରିବାର ଯେଉଁ କଳା, ତାହା ହେଉଛି ଭକ୍ତି । ମଣିଷର ଲୌକିକ ଦୃଷ୍ଟି ଓ ଅଲୌକିକ ଦୃଷ୍ଟି ବିବେକ ମାଧ୍ୟମରେ ଆରମ୍ଭ ହୁଏ । ବିବେକ ସୃଷ୍ଟି ହେଲେ, ପ୍ରାଜ୍ଞ ଅବସ୍ଥା ଆସେ । ଭକ୍ତିର ଆରମ୍ଭ ହୁଏ । ସାଧାରଣତଃ ଦୁଃଖରେ ଅଭିଭୂତ ହେଲେ ଭକ୍ତି, ଭାବ ବା ଈଶ୍ୱର ଉପାସନା ଜାଗ୍ରତ ହୁଏ । ମଣିଷର ବୁଦ୍ଧି, ଶୋକ ଓ ମୋହରେ ଆକ୍ରାନ୍ତ ହେଲେ ଭଗବାନଙ୍କ ସ୍ମରଣ ଦ୍ୱାରା ହୃଦୟ ଅଭିଭୂତ ହେଲେ, ଭକ୍ତିଭାବ ଆପେ ଆପେ ଆସିଯାଏ । ଭକ୍ତି ବା ଉପାସନା ବ୍ୟଥା ଦୂର କରେ । ଭକ୍ତି କଳିଯୁଗରେ କାମଧେନୁ ସଦୃଶ । ଭକ୍ତିରେ ମନ ଭାବବିଭୋର ହୋଇଗଲେ, ଲୋକ ଯାହା ଇଚ୍ଛା କରିବ ଅର୍ଥାତ୍ ଧର୍ମ, ଅର୍ଥ, କାମ, ମୋକ୍ଷ ତାହା ପାଇବ । ଭକ୍ତିଭାବରେ ଭଗବାନ ମର୍ଯ୍ୟାଦା ପୁରୁଷ । ସେ ଯାହାକୁ ଯାହା ଦିଅନ୍ତି ତାଙ୍କର ମର୍ଯ୍ୟାଦା ଅନୁସାରେ ଦିଅନ୍ତି ।

ମଣିଷପଣିଆ କ'ଣ ? ସାଂସାରିକ ଆକର୍ଷଣ କ'ଣ ? ଭଗବତ ବିଶ୍ୱାସ କ'ଣ ? ଏସବୁ ଶିଖିବାର ଜାଣିବାର ବିଷୟ । ଗୋଟାଏ ପଟରେ ଅନାବିଳ ଇଚ୍ଛା ଅନ୍ୟ ପଟରେ ମାନବିକତା । ଗୋଟିଏ ପଟରେ ମାୟାର ପ୍ରଭାବ, ଅନ୍ୟପଟରେ ଅଧ୍ୟାତ୍ମିକ ଚେତନା ବା ଭକ୍ତି । ଗୋଟିଏ ପଟରେ ସଂସାରର କ୍ଷଣସ୍ଥାୟୀ ଭୋଗବିଳାସ, ଅନ୍ୟପଟରେ ସଂପୂର୍ଣ୍ଣ ବୈରାଗ୍ୟ । ଜୀବ ଓ ଶିବଙ୍କ ଚରିତ୍ର ।

ଆଧ୍ୟାତ୍ମିକ ଅନ୍ୱେଷଣର ଅର୍ଥ କ'ଣ ? ଏହି ବିଶାଳ ବିଶ୍ୱ ଯାହାଙ୍କ ଇଙ୍ଗିତରେ ନିର୍ଦ୍ଧାରିତ ସମୟରେ ଆତଯାତ ହେଉଛି, ଯାହାଙ୍କୁ ବର୍ଣ୍ଣନା କରିବାକୁ ଯାଇ ବହୁ ପଣ୍ଡିତ, ଅବତାରୀ, ସନ୍ଥ, ଉଚ୍ଚକୋଟୀର ସାଧକ ଅମାପ ଶବ୍ଦ ଭଣ୍ଡାରରୁ, ବହୁ ମୂଲ୍ୟବାନ୍ ଶବ୍ଦ ଚୟନ କରି ମଧ୍ୟ ବିଫଳ ହୋଇଛନ୍ତି ତାହାର ସଂଜ୍ଞା ନିରୂପଣ କରିପାରିନାହାନ୍ତି, କେବଳ ଆଶାତୀତ ବର୍ଣ୍ଣନା କରିଛନ୍ତି । ପରିଶେଷରେ ଏହି ପରମ ଆନନ୍ଦମୟ ଈଶ୍ୱରଙ୍କୁ ନେତି-ନେତି ଭାବରେ ବ୍ୟାଖ୍ୟା କରିବାକୁ ବାଧ୍ୟ ହୋଇଛନ୍ତି । ଈଶ୍ୱର ବିଶ୍ୱକର୍ତ୍ତା । ସେ ସସୀମରୁ ଅସୀମ, ଅନନ୍ତ, ଅବୟ, ନିରାକାର, ସେ ନିର୍ଲିପ୍ତ, ନିରାମୟ, ନିଶଙ୍କ, ଅଚିନ୍ତ୍ୟ, ଅଗମ୍ୟ, ସେ ଅନାଦି । ତାଙ୍କର ଆରମ୍ଭ ନାହିଁ କି ଶେଷ ମଧ୍ୟ ନାହିଁ । ସେ ଅଦୃଶ୍ୟ ଅଥଚ ସର୍ବତ୍ର, ସମଗ୍ର ପ୍ରକୃତି ମଧ୍ୟରେ, ପ୍ରତି ପ୍ରାଣୀ ଭିତରେ ଦୃଶ୍ୟମାନ । 'ନଞ୍ ତତ୍ ପୁରୁଷ' ସମାସରେ ହିଁ ତାଙ୍କୁ ବ୍ୟକ୍ତ କରାଯାଇଥାଏ । ସ୍ୱୟଂ 'ଶ୍ରୁତି' କହିଛନ୍ତି– ଯେଉଁଠି ସ୍ୱୟଂ ବାଣୀ ବା ଭାଷା ମନ ସହ ଯାଇ ତାଙ୍କୁ ନ ପାଇ ଫେରିଆସିଥାଏ, ସେ ଅବ୍ୟକ୍ତ ଅଥଚ ଅନୁଭବକ୍ଷମ । ମୂକ-ଆସ୍ୱାଦନ ତୁଲ୍ୟ । ମୂକ ପିଲାଟିକୁ ଭାରିସ୍ୱାଦ ଗରମ ଗରମ ରସଗୋଲାଟିକୁ ଖାଇବାକୁ ଦେଲେ ତାର ମୁଖ ଯେଉଳି ଅପୂର୍ବ ଆନନ୍ଦରେ ଉଜ୍ଜ୍ୱଳ ହୋଇଉଠେ ଅଥଚ ସେ କଥାରେ କହିପାରେ ନାହିଁ ଯେ, ମୋତେ ବଢ଼ିଆ ଲାଗୁଛି କେବଳ ଅନୁଭବ କରେ ମଧୁର ରସଗୋଲାର ସ୍ୱାଦ, ଯାହା ଅନୁଭବ କରି ହୁଏ ତାକୁ ଦେଖିକରି । କଥା କହିବାର ଶକ୍ତି ନ ଥିବାରୁ ସେ ଉଚ୍ଚାରଣ ମାଧ୍ୟମରେ ଅନାବିଳ ଆବେଗକୁ ପ୍ରକାଶ କରିବାକୁ ଅକ୍ଷମ ହେଲେ ମଧ୍ୟ ତା'ର ଭାବ ତାହା ସଞ୍ଚରିତ ହୋଇଥାଏ । ଶବ୍ଦରେ ପ୍ରକାଶିତ ନ କଲେ ମଧ୍ୟ ଶବ୍ଦାତୀତ ଏହି ଦିବ୍ୟ ଅନୁଭବର ସ୍ଫୁରଣ ତାର ସମଗ୍ର ଶରୀରରେ, ବ୍ୟବହାରରେ, ଆଚରଣରେ ପ୍ରଭାବିତ ହୋଇଥାଏ । ପାଠ ନ ପଢ଼ିଥିବା ଲୋକଟି ମଧ୍ୟ ଜାଣିପାରେ ମୂକ ପିଲାଟିକୁ ରସଗୋଲାଟି ଭାରି ସୁଆଦ ଲାଗିଲା । ଏହି ଐଶ୍ୱରିକ ଅନୁଭବ, ଅପୂର୍ବ, ଅନାସ୍ୱାଦିତ, ଅଦ୍ଭୁତ, ଅନନ୍ୟ, ଅପରିସୀମ ଅଥଚ ଅବ୍ୟକ୍ତ ହୋଇଥାଏ । ଅନୁଭବୀ କେବଳ ଏହି ଦିବ୍ୟ ଆନନ୍ଦରେ ପ୍ରଭାବିତ ହୁଏ । ପ୍ରକାଶ ପାଏ ତାର ଶରୀରରେ, କର୍ମରେ, ଭାବରେ, ଆଚରଣରେ ।

ଆମ୍ଭେମାନେ ଯେତେବେଳେ ଅଲୌକିକ ଚିନ୍ମୟ ଅନୁଭୂତିର ବର୍ଣ୍ଣନାମାନ ଅବତାରି ପୁରୁଷ ପରମ ସାଧକମାନଙ୍କର ଆତ୍ମଜୀବନୀରୁ ପାଠ କରୁ ସେତେବେଳେ ଆମ୍ଭେ ଆନନ୍ଦ ସାଗରରେ ନିମଗ୍ନ ହୋଇ ଐଶ୍ୱରୀୟ ଅନ୍ୱେଷଣ ପାଇଁ ପ୍ରାଣରେ ଗଭୀର ବ୍ୟାକୁଳତା ଅନୁଭବ କରୁ । ଆଧ୍ୟାତ୍ମିକ ଅନ୍ୱେଷଣରେ ପ୍ରବୃତ୍ତ ଉକ୍ତିଟି ମନରେ ଜାଗ୍ରତ ହୁଏ । ସଂଶୟ-

ଭାବନା ତେବେ କ'ଣ ବିଶ୍ୱ ସ୍ରଷ୍ଟାଙ୍କ ସହିତ ନିବିଡ଼ ଗଭୀର ସମ୍ପର୍କ ସ୍ଥାପନ କରିବାର ପାସ୍‌ପୋର୍ଟ ନା କେବଳ ଏହା ଜ୍ଞାନୀ, ତପସ୍ୱୀ, ସାଧକମାନଙ୍କ ପାଇଁ ସୁରକ୍ଷିତ ? ମାନସରାଜ୍ୟରେ ଯେଉଁମାନଙ୍କର ସାଧନା ବଳରେ ଉତ୍ତରଣ ହିଁ ଘଟିଛି – ସେ ଅବତାରୀ ପୁରୁଷମାନେ କେବଳ ଏ ପୃଥିବୀରେ ସୁପବିତ୍ର ଐଶ୍ୱରୀୟ ବିଭୂତିରେ ସୁରଭିତ ଇଲାକାରେ ପ୍ରବେଶ କରିପାରିବେ ବୋଲି ଅଧିକାର ପତ୍ର ପାଇଛନ୍ତି ? ସାଧାରଣ ଲୋକଙ୍କ ପାଇଁ କ'ଣ ସାଇନ୍‌ବୋର୍ଡ ମରାଯାଇଛି ଯେ, ସର୍ବସାଧାରଣ ପ୍ରବେଶ ନିଷେଧ । ଈଶ୍ୱରଙ୍କ ରାଜ୍ୟରେ କ'ଣ କଡ଼ା କଟକଣା ଏ ରାଜ୍ୟ ପରି ରହିଛି ଯେ ଯିଏ ସିଏ ଯେତେବେଳେ ତାଙ୍କ ଦୁଆର ବାଡ଼େଇଲେ ସେ କଦାପି ଦୁଆର ଖୋଲିବେ ନାହିଁ ? କେବଳ ନିର୍ଦ୍ଦିଷ୍ଟ କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ପାଇଁ ତାଙ୍କ ଫାଟକ ଖୋଲାଯିବ ବୋଲି ସେ ତାଙ୍କ ଦ୍ୱାରପାଳଙ୍କୁ ଅଦୃଶ୍ୟ ନିର୍ଦ୍ଦେଶ ଦେଇଛନ୍ତି ? ନା, ଏହା ସତ ନୁହେଁ କାରଣ କୁହାଯାଇଛି ବିଭୁକୃପା ଅହେତୁକ । ଯେମିତି ଟଙ୍କା ପଇସା ଥାଇ ମଧ୍ୟ ଆମେରିକା ଯିବାକୁ ହେଲେ ନିୟମ ଅନୁସାରେ ପାସ୍‌ପୋର୍ଟ ଲୋଡ଼ା । ପାସ୍‌ପୋର୍ଟ ଥାଇ ମଧ୍ୟ ଭିସା ନ ମିଳିଲେ ଆମେରିକା ଯିବା ସମ୍ଭବ ନୁହେଁ । ଠିକ୍ ସେହିଭଳି କୃପାରୂପୀ ଭିସା ନ ମିଳିଲେ ଈଶ୍ୱର ବା ପରମେଶ୍ୱରଙ୍କ ରାଜ୍ୟରେ ପହଞ୍ଚିବା ମଧ୍ୟ ସମ୍ଭବ ନୁହେଁ ।

ଐଶ୍ୱରୀୟ କୃପା ବଣ୍ଟନ କଲାବେଳେ ପରମ କାରୁଣିକ ଭଗବାନ କ'ଣ ବାସ୍ତବରେ ପାତର ଅନ୍ତର କରନ୍ତି ? ନା ଏହା ମଧ୍ୟ ସତ୍ୟ ନୁହେଁ । ସମସ୍ତଙ୍କ ପାଇଁ ତାଙ୍କ ଦ୍ୱାର ଖୋଲା ବୋଲିତ ସେ ପତିତପାବନ ବା ଦୀନବନ୍ଧୁ । ପତିତମାନଙ୍କୁ ସଦା ପବିତ୍ର କରନ୍ତି । ଏହାର ଅର୍ଥ ହେଲା– ପତିତମାନଙ୍କର ମଧ୍ୟ ତାଙ୍କ ପାଖକୁ ଯିବାର ପୂରା ଅଧିକାର ରହିଛି । ଏଥିପାଇଁ କେବଳ ଉଦ୍ୟମ ଲୋଡ଼ା । ସବୁଠାରୁ ସହଜ ସରଳ ପବିତ୍ର ଏବଂ ସୁକଠିନ ଉଦ୍ୟମ ହେଲା ଆପଣାର ମିଥ୍ୟା, ଅହଙ୍କାର, ଅସତ୍ୟ, ଅଭିମାନ, ଘୃଣା, ଦାମ୍ଭିକତାପଣକୁ ସମ୍ପୂର୍ଣ୍ଣ କାଢ଼ିଦେଇ ଭକ୍ତିଭାବରେ ପରିପ୍ଳୁତ ସମର୍ପିତ ମନଟିଏ ନେଇ ତାଙ୍କ ପାଖରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ଅର୍ପଣ କରିଦିଅ, ଶରଣ ପଶ । ଏହା ପଛରେ ରହିଛି ପରିପୂର୍ଣ୍ଣ ଅନାବିଳ ନିରୁତା ଭକ୍ତିଭରା ବିଶ୍ୱାସରେ ଦୃଢ଼ ପବିତ୍ର ମନଟିର ସ୍ଥିତି । କୌଣସି ମଣିଷ ଭଗବତ ସମର୍ପିତ ପ୍ରାଣୀର ଅନିଷ୍ଟ କଦାପି କରିପାରିବ ନାହିଁ କାରଣ ଦୀନବନ୍ଧୁ, ଈଶ୍ୱର, ପତିତପାବନ, ଭଗବାନ ତାର ସହାୟ ।

*– ଜଗନ୍ନାଥପୁର ଶାସନ, ମଦନପୁର, କେନ୍ଦ୍ରାପଡ଼ା*


R. S. TUTORIALS
SURYALOKA LANE, CHANDI CHHAK, CUTTACK
Admission Open ! Admission Open ! Admission Open !
Admission Open ! Admission Open !
A Complete Coaching for
+2 Arts & Commerce
+3 Arts (Hons, Elective, Pass)
Special Coaching for : Spoken English
And also M. A. Entrance, (Pol. Science)
Contact : 9861462581, 9861816123

# ଅସମାହିତ ପ୍ରଶ୍ନ

- କବିଅଂଶୁ ନିତ୍ୟାନନ୍ଦ ତ୍ରିପାଠୀ

ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକ । ଅତ୍ୟାଧୁନିକ ବିଜ୍ଞାନର ଯୁଗ । ଜ୍ଞାନର ପରିସ୍ଫୁରଣ ଘଟେ । ବହୁ ନୂତନତତ୍ତ୍ୱର ଆବିଷ୍କାର ବା ଉଦ୍ଭାବନ ହୁଏ । ସମାଜରେ ଅନେକ ପରିବର୍ତ୍ତନ ଆସେ । ମାନବୀୟ ବିଚାରଧାରା ବଦଳେ । ଜୀବନଯାପନ ଶୈଳୀ ଉନ୍ନତ ହୁଏ । ଏସବୁ ସତ୍ତ୍ୱେ ଘନଘନ ଜନବିସ୍ଫୋରଣ, ଖଣିଖାଦନ, କଳକାରଖାନା ଓ ଯାନବାହାନର ଦ୍ରୁତ ସଂଖ୍ୟା ବୃଦ୍ଧି ପରିବେଶକୁ ପ୍ରଦୂଷିତ କରେ । ତରୁଲତା, ଗିରିବନ ଖଣ୍ଡିତ ଲଣ୍ଡିତ ହୁଏ । କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ସଭ୍ୟତା ସଂସ୍କୃତି ଅପମିଶ୍ରିତ । ଭାଷା ବହୁଧା ବିଭକ୍ତ । ମାନବୀୟ ମୂଲ୍ୟବୋଧ ଅସନ୍ତୁଳିତ । ଈର୍ଷା, ହିଂସା, ପରଶ୍ରୀକାତରତାର ବୁଢ଼ିଆଣୀ ଜାଲରେ ଛନ୍ଦି ବନ୍ଦୀ ହୋଇ ମାନବ ସମାଜ କଳୁଷିତ ହୁଏ । ତହିଁରେ ଦୁର୍ନୀତି ଓ ଭ୍ରଷ୍ଟାଚାର, କଳାଧନର ବିଷମଞ୍ଜି ବୁଣେ । ଟାଉଟର, ଦଲାଲ, ମାଫିଆ, ମୁନାଫାଖୋର ଓ କଳାବଜାରୀଙ୍କ ସଂଖ୍ୟା ବଢ଼େ । ଅଧୁନା ସ୍ନେହ, ମମତା, ଆଦର, ପ୍ରୀତି, ମୈତ୍ରୀ ସମ୍ମାନ ସବୁ ଯେପରି କୃତ୍ରିମତା ବୋଳା । ସମ୍ପର୍କ ସକଳ ଶିଥିଳ ଓ ଢ଼ିଲା । ପରିବାରର ସଦସ୍ୟମାନଙ୍କ ମନରେ ଅବିଶ୍ୱାସର ବିଷଜ୍ୱାଳା । ପିତାମାତା, ପତି-ପତ୍ନୀ, ଭ୍ରାତା-ଭଗ୍ନୀ ଅଥବା ପୁତ୍ର-କନ୍ୟାଙ୍କ ମଧ୍ୟରେ ଉପଯୁକ୍ତ ଭାବର ଆଦାନପ୍ରଦାନ ହୋଇପାରେ ନାହିଁ । ଆତ୍ମୀୟତାର ଘୋର ଅଭାବ ଘଟେ । ସଭିଏଁ ସ୍ୱାର୍ଥପର ପାଲଟନ୍ତି । ସେଥିପାଇଁ ଆଜି ଚୋରି, ଡକାୟତି, ହତ୍ୟା, ଲୁଣ୍ଠନ, ଧର୍ଷଣ, ବଳାତ୍କାର ପରି ଅସ୍ୱାଭାବିକ ଅସାମାଜିକ କାର୍ଯ୍ୟକଳାପର ବୃଦ୍ଧି ଘଟେ । ନିପଟ ମଫସଲ ଗାଆଁ ଗହଳିରେ ବାସ କରୁଥିବା ମଣିଷ ଉପରେ ବି ତାର କୁପ୍ରଭାବ ପଡ଼େ । କର୍ପୂର ଉଡ଼ିଯାଇ କନା ଖଣ୍ଡେ ପଡ଼ି ରହିଥିବା ପରି, ଶାସନ ଗାଆଁର ଅତୀତ ରାଜତନ୍ତ୍ର ସୁରକ୍ଷା ତଥା ଜ୍ଞାନୀଗୁଣୀ, ଧନୀ, ମାନୀ, ରଥବଂଶର ଦାୟାଦଗଣ ଅଧୁନା ଦାରିଦ୍ର୍ୟ ସୀମାରେଖା ତଳେ କାଳାତିପାତ କରନ୍ତି । ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ସରକାରୀ ସାହାଯ୍ୟ, ସହଯୋଗ ଓ ପ୍ରୋତ୍ସାହନ ମିଳେ । ସେହି ପରିବାରର ଗେଲବସରର ଝିଅଟିଏ ନର୍ମଦା । ଡଉଲଡାଉଲ ଚେହେରା, ସତେ ଅବା ଗୋଟିଏ ଚାଉଳରେ ଗଢ଼ା । ଧୀର, ସ୍ଥିର, ନମ୍ର, ଭଦ୍ର । ଚାଲିଚଳନ, ଆଚାର ବ୍ୟବହାର ମାର୍ଜିତ, ରୁଚିସମ୍ପନ୍ନ । ଠିକ୍ ନର୍ମଦା ନଦୀ ପରି ଛଳଛଳ ତାର ରାଜହଂସୀ ଚାଲି । ତା' ଚାଲିରେ ସତେ ଅବା ଫୁଟେ କୁମୁଦ କମଳ । ଘୋର ଅନଟନ ଭିତରେ ବୁଡି ରହିବି, ସେ ନିଜ ଉଦ୍ୟମରେ ବି.ଏ. ପାସ୍ କରେ । ଛାତ୍ରାବସ୍ଥାରୁ ପ୍ରଭୁଦତ୍ତ ନାମରେ ଜଣେ ସହପାଠୀ ନର୍ମଦାକୁ ଗଭୀର ଭାବରେ ଭଲପାଏ । ସ୍ନେହ କରେ । କାଳକ୍ରମେ ପରସ୍ପର ମଧ୍ୟରେ ନିବିଡ଼ ସଂପର୍କ ଗଢ଼ିଉଠେ । ଆତ୍ମିକ ପ୍ରେମର ଆଦାନପ୍ରଦାନ ହୁଏ । ପରିବାରର ଅଗୋଚରରେ ଉଭୟଙ୍କର ଯେ କେବଳ ମନର ମିଳନ ଘଟିଛି ତାହା ନୁହେଁ, ବରଂ କେତେଥର ଦୈହିକ ସମ୍ପର୍କ ସ୍ଥାପିତ ହୋଇସାରିଛି ବୋଲି ଜାଣିବା ପରେ ଝିଅର ପିତା ପ୍ରଭୁଦତ୍ତର ପିତାମାତାଙ୍କୁ ସାକ୍ଷାତ କରି ନର୍ମଦାକୁ ବଧୂ କରି ନେବାପାଇଁ ଅନୁରୋଧ କରନ୍ତି । ଅଭାବୀ ପରିବାରରୁ ପ୍ରଚୁର ଯୌତୁକ ଲାଳସା ପରିପୂର୍ଣ୍ଣ ହେବନାହିଁ ଅନୁଭବୀ । ପୁଅ ଆମର ଅଧିକ ପାଠ ପଢ଼ିବ, ଏବେ ବିବାହ କରିବ ନାହିଁ ବୋଲି ପ୍ରଭୁଦତ୍ତର ପିତା ରୋକ୍‌ଠୋକ୍ ଜଣାଇଦେଇ ପ୍ରସ୍ତାବଟିକୁ ଏଡ଼ାଇ ଯାଆନ୍ତି । ଗାଆଁ ଲୋକେ ଫୁସ୍‌ଫାସ୍ ଚୁପ୍‌ଚାପ୍ ହୁଅନ୍ତି । ଗାଆଁ ମୁଣ୍ଡ ବଡ଼ ପୋଖରୀ ତୁଠରେ ସଞ୍ଜ ସକାଳେ ବସୁଥିବା ମାଆ ମାଉସୀଙ୍କ ହାଟରେ କଥାଟା ପ୍ରଘଟ ହେବାର ସମ୍ଭାବନା ଥାଏ । ଝିଅ-ଘିଅ । ଥରେ ବଦନାମ୍ ହେଲେ ହାତକୁ ଦି' ହାତ କରିବା କଷ୍ଟ । ସମୟ ଥାଉଁ ସାବଧାନ ହେବା ଉଚିତ । ଏହିପରି ଭାବି, ଶଙ୍କାକୁଳ ମନରେ ମାଆ ନର୍ମଦାକୁ ନେଇ ନିଜ ବଡ଼ ଭଉଣୀ ଘରେ ରଖି, ତରବରରେ ପଡ଼ୋଶୀ ଥାନା ଅଞ୍ଚଳର ଏକ ଗାଆଁରେ ମାଟ୍ରିକ୍ ଫେଲ୍ ଅର୍ଦ୍ଧଶିକ୍ଷିତ ଯୁବକ ସାଥିରେ ଝିଅର ବିବାହ ସାରିଦିଅନ୍ତି । ରାତି ପାହିଲାବେଳକୁ ନର୍ମଦା ରୂପସୀ ତନୁପାତଳୀ ନବବଧୂ ସାଜି ଶ୍ୱଶୁରାଳୟକୁ ଗମନ କରେ । ମଥାରେ ସିନ୍ଦୂର ଟୋପା, ଆଖିରେ କଜ୍ଜଳଗାର, ହାତରେ ନାଲି ରଙ୍ଗର ଶଙ୍ଖା ଚୂଡ଼ି ଓ ପାଦରେ ରୁପା ପାଉଁଜି ହଲେ ତାକୁ ବେଶ୍ ମାନେ । ଶାଶୂଘର ଏକ ବହୁକୁଟୁମ୍ବୀ ଯୌଥ ପରିବାର ଅଟେ । ପାରିବାରିକ ଅବସ୍ଥା ସ୍ୱଚ୍ଛଳ ନୁହେଁ । ଅଶିକ୍ଷିତ ପରିବାର ଓ ଅର୍ଦ୍ଧଶିକ୍ଷିତ ସ୍ୱାମୀ ସହିତ ଉଚ୍ଚଶିକ୍ଷିତା ଝିଅଟି ଉପଯୋଜିତ ହୋଇପାରେ ନାହିଁ । ସେଠାରେ ତାର ଆଧୁନିକ

ଆଚାର ବ୍ୟବହାର, ଚାଲିଚଳନ, ବୟୋଜ୍ୟେଷ୍ଠମାନଙ୍କର ନାପସନ୍ଦ ହୁଏ । ବଡ଼ ଜାଆ ଓ ଦେଢ଼ଶୁରଗଣ ଅସହିଷ୍ଣୁ ହୋଇଉଠନ୍ତି । ଅକାରଣରେ କଟାକ୍ଷ କରନ୍ତି । ପଦେ ପଦେ ଭୁଲ୍ ବାଛନ୍ତି । ଶାରୀରିକ ଦଣ୍ଡ ବି ଦିଅନ୍ତି । ବାରମ୍ବାର ନର୍ମଦା ନିର୍ଯାତନାର ଶିକାର ହୁଏ, ବାତାବରଣ ତା' ପାଇଁ ପ୍ରତିକୂଳ ସାଜେ । ତା' ସହନଶୀଳତାର ବନ୍ଧ ତୁଟେ । ସେ ପ୍ରତ୍ୟୁତ୍ତର କରେ । ପାରିବାରିକ କନ୍ଦଳ ସୃଷ୍ଟି ହୁଏ । ପୁଣି ଆଜିକାଲି ମୋବାଇଲ୍‌ର ଯୁଗ । ପୁରାତନ ପ୍ରେମିକଟି ପ୍ରେୟସୀକୁ ଭୁଲି ନ ପାରି ତାକୁ ବାରମ୍ବାର ଟେଲିଫୋନ୍ କରେ । ହଠାତ୍ ଦିନେ ଯାଇ ତା ଶ୍ୱଶୁର ଘରେ ପହଞ୍ଚେ । ହାବଭାବରୁ ପରିବାର ଲୋକେ ତାକୁ ସନ୍ଦେହ ଚକ୍ଷୁରେ ଦେଖନ୍ତି ।

ଦିନ ଗଡ଼ିଚାଲେ । ସୁଖେଦୁଃଖେ ନର୍ମଦାର ସମୟ ବିତେ । ଦେବଶିଶୁସମ କନ୍ୟାରତ୍ନଟିଏ ତା' କୋଳମଣ୍ଡନ କରେ । ଦିନେ ସ୍ୱାମୀ ବିଜୟ ସହିତ ନର୍ମଦା ପିତ୍ରାଳୟକୁ ବୁଲିଆସେ । ଅତୀତ ପ୍ରେମିକ ସହିତ ଦୀର୍ଘ କଥୋପକଥନ, ହସଖୁସି, ଥଟ୍ଟାମଜାକୁ ବିଜୟ ସହିପାରନ୍ତି ନାହିଁ । ସେ ଚିଡ଼ିଉଠି ଶାଶୂ ଶ୍ୱଶୁରଙ୍କୁ ପୁଚ୍ଛା କରନ୍ତି ଓ ତାଙ୍କ ଝିଅକୁ ବାସ୍ତବତା ବୁଝାଇ ଦେବାକୁ କହନ୍ତି । ଦୁଇଦିନ ପରେ ପତିପତ୍ନୀ ନିଜ ଘରକୁ ବାହୁଡ଼ି ଯାଆନ୍ତି । କିନ୍ତୁ ସେତେବେଳକୁ ପାରିବାରିକ ସମସ୍ୟା ଏତେ ଉତ୍କଟ ହୋଇସାରିଥାଏ ଯେ ବିଜୟ ଅନନ୍ୟୋପାୟ ହୋଇ ମାଳୀ ରୂପେ ନିଯୁକ୍ତି ହୋଇଥିବା ବିହାର ପ୍ରଦେଶର ରାଞ୍ଚି ଅଞ୍ଚଳକୁ ସପତ୍ନୀକ ପ୍ରସ୍ଥାନ କରନ୍ତି । ବିଜୟର ବଡ଼ ଭାଇ ବି ସେଠାରେ କାମ କରୁଥାନ୍ତି । ସମୟ କାହାକୁ ଅପେକ୍ଷା କରେ ନାହିଁ । ଇତିମଧ୍ୟରେ ସେମାନଙ୍କ ବିବାହର ପାଞ୍ଚବର୍ଷ ପୂରିଗଲାଣି; କିନ୍ତୁ ଅତୀତ ପ୍ରେମିକ ପ୍ରଭୁଦତ୍ତର ସତେଯେପରି ଏଯାବତ୍ ପ୍ରେମତୃଷ୍ଣା ମେଣ୍ଟିନାହିଁ । ବାରମ୍ବାର ନର୍ମଦା ସହିତ ସେ ଟେଲିଫୋନ୍‌ରେ କଥା ହୁଏ । ସେଥିପାଇଁ ରାଞ୍ଚିରେ ବି ପତିପତ୍ନୀଙ୍କ ମଧ୍ୟରେ ବେଳେବେଳେ ତୁ ତୁ, ମେଁ ମେଁ ହେବା ସ୍ୱାଭାବିକ ଅଟେ । ବିଜୟର ଶାଶୂ କହନ୍ତି, ଜ୍ୱାଇଁ ତାଙ୍କର ସୁନା ମୁଣ୍ଡା । କାରଣ ସେ ଜାଣିଛନ୍ତି ଝିଅର ଦୁର୍ବଳତା । ତେଣୁ ଏପରି କହି ଜ୍ୱାଇଁଙ୍କୁ ଖୁସି କରିବା ତାଙ୍କର ଉଦ୍ଦେଶ୍ୟ ଥାଏ । ସେଦିନ ୧୧ଟା ବେଳେ ନର୍ମଦା ମାଆଙ୍କ ସହିତ ହସ ଖୁସିରେ କଥା ହୁଏ; କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ସଞ୍ଜବେଳକୁ ବିଜୟ ଶାଶୂଙ୍କୁ ଫୋନ୍‌ରେ ଜଣାଇଦିଅନ୍ତି ଯେ ନର୍ମଦା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛି ବୋଲି । ହଠାତ୍ ଏପରି ଲୋମହର୍ଷଣକାରୀ, ହୃଦୟବିଦାରକ ଦୁଃଖଦ ସମ୍ବାଦ ଶୁଣି, ଜନକଜନନୀ ହତବାକ୍ ତଥା ମ୍ରିୟମାଣ ହୋଇପଡ଼ନ୍ତି । ଚତୁର୍ଦ୍ଦିଗ ତାଙ୍କୁ ଅନ୍ଧାର ଦେଖାଯାଏ । ଅନ୍ତରର କୋହ ନୟନରୁ ବାରି ରୂପରେ ଝରିପଡ଼େ । ବିଳାପ ରଚନ୍ତି ସେମାନେ । ରାଞ୍ଚି ପୋଲିସକୁ ନ ଜଣାଇ ବହୁ ସତର୍କତାର ସହିତ ଏକ ଭଡ଼ା କାର୍‌ରେ ନର୍ମଦାର ଶବକୁ ରାତାରାତି ନିଜ ଗାଆଁକୁ ନେଇଆସନ୍ତି ଦୁଇ ଭାଇ । ସକାଳୁ ନର୍ମଦାର ପିତା ଝିଅ ଘରେ ପହଞ୍ଚନ୍ତି । ଝିଅର ଶବକୁ ତାଙ୍କୁ ଦେଖିବାକୁ ଦିଆଯାଏ ନାହିଁ । ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ଗାଆଁର 'ଖାପ' ପଞ୍ଚାୟତ ବସେ । ଝିଅର ବାପକୁ କିଛି ଟଙ୍କା ଦେଇ, ନର୍ମଦାର ପେଟ ବିନ୍ଧା ରୋଗ ଥିଲା, ସେ ଯନ୍ତ୍ରଣା ସହି ନ ପାରି ଆତ୍ମହତ୍ୟା କରିଛି । ଶବ ସତ୍କାର କଲେ ତାଙ୍କର କିଛି ଆପତ୍ତି ନାହିଁ ବୋଲି ଜଣେ ଓକିଲଙ୍କ ଦ୍ୱାରା ଲେଖାଇ, କନ୍ୟାପିତାଙ୍କଠାରୁ ଦସ୍ତଖତ କରାଇ ନେଇ ଖାପ ପଞ୍ଚାୟତ ସମସ୍ୟାର ସମାଧାନ କରିଦିଅନ୍ତି । ତତ୍‌କ୍ଷଣାତ୍ ଶବସତ୍କାର ସାରି ଚିତା ପାଉଁଶକୁ ନଦୀଗର୍ଭରେ ନିକ୍ଷେପ କରାଯାଏ । 'ଆହା' ଏହାହିଁ ଏକ ବଧୂ ଜୀବନର କରୁଣ କାହାଣୀ ଅଟେ । ସଂସାରକୁ ଭଲଭାବରେ ଚିହ୍ନିବା, ଜାଣିବା ବା ବୁଝିବା ପୂର୍ବରୁ ସେ ସଂସାର ଛାଡ଼ି ଚାଲିଯିବା କେତେ ଦୁଃଖଦାୟକ ସତେ । ପଞ୍ଚାୟତ ବିଚାରରେ ଅସନ୍ତୋଷ ପ୍ରକାଶ କରି ତହିଁ ପରଦିନ ନର୍ମଦାର ମାଆ ଥାନାରେ ଏତଲା ଦିଅନ୍ତି । କିନ୍ତୁ ସମାଧାନ ପତ୍ରର ନକଲ ଦେଖାଇ ପୋଲିସ୍‌ବାବୁ କଥାଟାକୁ ଟାଳିଦିଅନ୍ତି । ନିରାଶରେ ମାଆ ବାହୁଡ଼ି ଆସନ୍ତି । ଆଜି ବି ରହସ୍ୟାବୃତ୍ତ ହୋଇ ରହିଛି ନର୍ମଦା ମୃତ୍ୟୁର କାରଣ । ତେଣୁ ମନରେ ସ୍ୱତଃପ୍ରଶ୍ନ ଉଠେ, ସେ ଆତ୍ମହତ୍ୟା କରିଛି ନା ତାକୁ କେହି ହତ୍ୟା କରିଛି ? ଶବ ବ୍ୟବଚ୍ଛେଦ କରାଗଲା ନାହିଁ କାହିଁକି ? ନାରୀ ନିର୍ଯାତନା ଓ ବଧୂ ହତ୍ୟା ଏଡ଼ାଇବାକୁ ବ୍ୟବସ୍ଥାପକ ସଭାରେ ସରକାର ଯେତେ ଆଇନ ପ୍ରଣୟନ କଲେ ବି, ତୃଣମୂଳ ସ୍ତରର ନେତା ଓ ପ୍ରଶାସକ ତାହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରୁଛନ୍ତି କି ? ଆଜିକାଲି ଗାଆଁ ଗହଳିରେ ଘଟୁଥିବା ନର୍ମଦା ପରି ବଧୂମାନଙ୍କର ମୃତ୍ୟୁର କାରଣ ଯଥା ସମୟରେ ଲୋକଲୋଚନକୁ ଆସି ନ ପାରି ମଣିଷ ମନରେ ଏକ ଅସମାହିତ ପ୍ରଶ୍ନ ହୋଇ ରହିଯାଏ ।

*- ଜଗନ୍ନାଥପୁର ଶାସନ, ମଦନପୁର, କେନ୍ଦ୍ରାପଡ଼ା*

# ଗୁରୁ ଶିଷ୍ୟ ଲଢ଼େଇ ବନ୍ଦ ହେଲା କାହିଁକି ?

- ପୁରୁଷୋତ୍ତମ ପୃଷ୍ଟି

ଦ୍ୱାପର ଯୁଗର କଥା । ମହାରଥୀ ଭୀଷ୍ମ କାଶୀ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରି ତାଙ୍କର ତିନିଝିଅଙ୍କୁ ବନ୍ଦୀ କରି ନେଇଆସିଲେ ହସ୍ତିନା କଟକକୁ । ସେତେବେଳେ ହସ୍ତିନାର ଯୁବରାଜ ଥିଲେ ଚିତ୍ରବୀର୍ଯ୍ୟ ଓ ବିଚିତ୍ରବୀର୍ଯ୍ୟ । ସତ୍ୟବତୀଙ୍କ ଗର୍ଭରୁ ଦୁଇ ଯୁବରାଜ ଜନ୍ମିଥିଲେ । ସତ୍ୟବତୀ କୈବର୍ତ୍ତକନ୍ୟା ହୋଇଥିବାରୁ ଓ ଯୁବରାଜ ଦୁଇଜଣ ତାଙ୍କଠାରୁ ଜନ୍ମିଥିବାରୁ ସ୍ୱୟମ୍ବର ସଭାକୁ ନିମନ୍ତ୍ରଣ ହୋଇ ନ ଥିଲେ । ତେଣୁ କ୍ରୋଧରେ ଭୀଷ୍ମ କାଶୀରାଜଙ୍କୁ ପରାସ୍ତ କରି ବନ୍ଦୀ କରି ରଖିଥିଲେ ।

ଭୀଷ୍ମ ତାଙ୍କର ଦୁଇ ସାନଭାଇ ଚିତ୍ରବୀର୍ଯ୍ୟ ସହିତ ଅମ୍ବିକାଙ୍କୁ ଓ ବିଚିତ୍ରବୀର୍ଯ୍ୟ ସହ ଅମ୍ବାଳିକାଙ୍କୁ ବିବାହ କରାଇଦେଲେ । ଅମ୍ବାଙ୍କୁ ସେମିତି ନଜରବନ୍ଦୀରେ ରଖିଲେ । ଅମ୍ବାଙ୍କ ବହୁ କାକୁତିମିନତି ପରେ ସେ କାରାମୁକ୍ତ କରିଦେଲେ । ମାତ୍ର ଅମ୍ବା ଭୀଷ୍ମଙ୍କ ବୀରତ୍ୱରେ ମୁଗ୍ଧ ହୋଇ ତାଙ୍କୁ ବିବାହ କରିବା ପାଇଁ ଜିଦ୍ ଧରି ସେଠାରେ ବସି ରହିଲେ ।

ଭୀଷ୍ମ ଅମ୍ବାଙ୍କୁ ବିବାହ କରିପାରିବେ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଲେ । ଅମ୍ବା ନିରୁପାୟା ହୋଇ ସେଠାରୁ ପଳାଇ ଆସିଲେ । ତା'ପରେ ସେ ଭୀଷ୍ମଙ୍କ ମାତା ଗଙ୍ଗାଦେବୀଙ୍କ ପାଖରେ ପହଞ୍ଚି ନିଜର ମନଦୁଃଖ କଥା ଜଣାଇଲେ । ଗଙ୍ଗା ଅମ୍ବାଙ୍କୁ ପୂର୍ବରୁ ଘଟିଯାଇଥିବା ଘଟଣାସବୁ ଜଣାଇଦେଲେ । ସେଥିରେ ଅସନ୍ତୁଷ୍ଟ ହୋଇ ଅମ୍ବା ପର୍ଶୁରାମଙ୍କ ପାଖରେ ପହଞ୍ଚି ତାଙ୍କୁ ସମସ୍ତ କଥା କହିଲେ । ପର୍ଶୁରାମ ଅମ୍ବାଙ୍କୁ ସାହାଯ୍ୟ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଲେ । ଏହାପରେ ପର୍ଶୁରାମ ଭୀଷ୍ମଙ୍କୁ ତାଙ୍କ ପାଖକୁ ଡକାଇ ସେ ସତ୍ୟ କରିଥିବା କଥା ଜଣାଇଲେ । ଭୀଷ୍ମ ମଧ୍ୟ ସେ ସତ୍ୟ କରିଥିବା କଥା ଜଣାଇଦେଲେ । ଏହାର କିଛି ସମାଧାନ ହୋଇ ନ ପାରିବାରୁ ଗୁରୁ ପର୍ଶୁରାମ ଓ ଶିଷ୍ୟ ଭୀଷ୍ମଙ୍କ ମଧ୍ୟରେ ତୁମୁଳ ଯୁଦ୍ଧ ହେଲା । କେହି କାହାରିକୁ ହଟାଇପାରିଲେ ନାହିଁ । ପ୍ରଥମତଃ ଭୀଷ୍ମ ଇଚ୍ଛାମୃତ୍ୟୁର ଅଧୀନ ଓ ଦ୍ୱିତୀୟତଃ ପର୍ଶୁରାମ ଚିରଞ୍ଜୀବୀ । ସେମାନଙ୍କର ଏଭଳି ଯୁଦ୍ଧ ଦେଖି ଦେବତାମାନେ ପ୍ରମାଦ ଗଣିଲେ । ବେଦ ପତି ବ୍ରହ୍ମା ଦେବତାମାନଙ୍କ ଅନୁରୋଧରେ ଗଙ୍ଗାମାତାଙ୍କୁ ଯୁଦ୍ଧସ୍ଥଳୀକୁ (ମହେନ୍ଦ୍ର ପର୍ବତ) ଆସିବା ପାଇଁ ପ୍ରାର୍ଥନା କଲେ । ଏହାପରେ ଗଙ୍ଗାମାତା ସେଠାରେ ପହଞ୍ଚିଲେ ଓ ଦୁହିଁଙ୍କୁ ଯୁଦ୍ଧରୁ ନିବୃତ୍ତ ରହିବା ପାଇଁ ହାତଟେକି ଛିଡ଼ାହେଲେ । ଯୁଦ୍ଧ ବନ୍ଦ ହୋଇଗଲା । ଗଙ୍ଗାଦେବୀ କହିଲେ– ତୁମେ ଦୁହେଁ ଗୁରୁଶିଷ୍ୟ । ଉଭୟଙ୍କ ମଧ୍ୟରେ ଯୁଦ୍ଧ ହେଲେ ସମାଜ ତୁମ ଦୁହିଁଙ୍କ ଠାରୁ କ'ଣ ଶିଖିବ ? ଶିଷ୍ୟମାନେ ଆଉ ଗୁରୁଙ୍କୁ ଯଥୋଚିତ ସମ୍ମାନ ଦେବେ ନାହିଁ । ଏହା ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିବ । ତେଣୁ ମୋର ଅନୁରୋଧ – ଆଉ ଏଭଳି କାର୍ଯ୍ୟ କରିବା ପାଇଁ ଭବିଷ୍ୟତରେ ଯେପରି କେହି ଅଗ୍ରସର ନ ହୁଅ । ଗଙ୍ଗାଙ୍କ କଥାରେ ଦୁହେଁ ସମ୍ମତି ଜଣାଇଲେ । ସେହିଦିନଠାରୁ ଗୁରୁଶିଷ୍ୟ ମଧ୍ୟରେ ଲଢ଼େଇ ବନ୍ଦ ହୋଇଗଲା । ଦୁଃଖରେ ଭାଙ୍ଗିପଡ଼ି ସେଠାରୁ ବିଦାୟ ନେଇ ଅମ୍ବା ଅନଳରେ ଝାସ ଦେଲେ ।

*- ମୁକୁନ୍ଦପୁର, ଭାକୁଡ଼, କୁଆଁପାଳ, ଯାଜପୁର*

# ଗୁରୁଙ୍କ ଆବଶ୍ୟକତା

- ରେଭ୍ ଡକ୍ଟର ରବିନ୍ ଚନ୍ଦ୍ର ସାହୁ

ଗୋଟିଏ ଆଶ୍ରମରେ ଜଣେ ଗୁରୁ ଓ ଦଶ ଜଣ ଶିଷ୍ୟ ରହୁଥିଲେ । ଗୁରୁ ଯେଉଁ ନୀତିବାଣୀ କହୁଥିଲେ, ଶିଷ୍ୟମାନେ ତାହା ପାଳନ କରୁଥିଲେ ।

ଥରେ ଜଣେ ଯୁବକ ଆସି ଶିଷ୍ୟମାନଙ୍କୁ କହିଲା, ''ଭାଇମାନେ, ତୁମ୍ଭେମାନେ ସବୁବେଳେ ଗୁରୁଙ୍କ ସହ ରହୁଛ । ନୀତିବାଣୀ ଶୁଣୁଛ । ଜ୍ଞାନଲାଭ କରୁଛ ଖୁବ୍ ଭଲ କଥା । ହେଲେ ଗୁରୁଙ୍କ ବିନା କ'ଣ ଏହା ହୋଇପାରିବ ନାହିଁ ? ଗୁରୁ ନ ଥିଲେ ବି ଯେ କୌଣସି କାର୍ଯ୍ୟ କରାଯାଇପାରିବ ।''

ଶିଷ୍ୟମାନେ ଏ ବିଷୟ ଜଣାଇଲେ ଗୁରୁଙ୍କୁ । ସେହି ଯୁବକକୁ ଗୁରୁ ଡାକି କହିଲେ– ''ବନ୍ଧୁ, ତୁମେ ଠିକ୍ କହିଛ । ଯେକୌଣସି ଉତ୍ତମ କର୍ମ ଗୁରୁଙ୍କ ଆବଶ୍ୟକତା ବିନା ହୋଇପାରିବ ।'' ଗୁରୁ ଯୁବକ ହାତକୁ ମାଟି ଆଞ୍ଜୁଳାଏ ବଢ଼ାଇ ଦେଇ କହିଲେ, ''ଏ ମାଟିତକ ନିଅ । ଦଶଦିନ ପରେ ମୋତେ ଦେଖାକର । ଏହି ମାଟିକୁ ତୁମେ କିପରି ଭଲ କାମରେ ଲଗାଇ ପାରିବ ତାହା ଦେଖିବା ।''

ଯୁବକଟି ଗୁରୁଙ୍କ ହାତରୁ ଆଞ୍ଜୁଳାଏ ମାଟି ନେଇ ଚାଲିଗଲା ତା'ବାଟରେ । ମନେ ମନେ ଭାବିଲା– ଏ ମାଟିକୁ ଫୋପାଡ଼ିଦେଲେ ବି ତ ହେବ । ଏତିକି ମାଟି କାହାର କେଉଁ କାମରେ ଲାଗିବ ? ତା'ପରେ ସେ ଭାବିଲା, ନା, ଫୋପାଡ଼ି ଦେବା ବଡ଼ ବିଷୟ ନୁହେଁ । ଗୁରୁଙ୍କୁ ତ ସମସ୍ତେ ଖାତିର୍ କରନ୍ତି । ସେ ଯେତେବେଳେ ଏହା ଦେଇଛନ୍ତି ନିଶ୍ଚୟ ଦଶଦିନ ପରେ ଦେଖାହେଲେ ଗୁରୁ ନିଶ୍ଚୟ ପଚାରିବେ । ଟାଣ ଖରା ହେଉଥାଏ । ବିଶ୍ରାମ ନେବାପାଇଁ ଯୁବକଟି ପଥ ପାର୍ଶ୍ୱସ୍ଥ ଗୋଟିଏ ବଡ଼ ଗଛ ମୂଳେ ବସିଲା । ସେ ଦେଖିଲା– ଗୋଟିଏ ଶିଳ୍ପୀ ସେହି ଗଛ ଛାଇରେ ବସି ମାଟିର ଛୋଟ ଛୋଟ ମୂର୍ତ୍ତି ଓ ଖେଳନା ଗଢୁଛି । ଆଉ କେତେ ମୂର୍ତ୍ତି ଓ ଖେଳନା ଗଢ଼ି ସେଗୁଡ଼ିକୁ ରଙ୍ଗ ଦେଇ ବିକ୍ରି ପାଇଁ ପାଖରେ ରଖିଛି । ଯୁବକର ମନରେ କୌତୂହଳ ଜାତ ହେଲା । ସେ ଶିଳ୍ପୀ ପାଖକୁ ଯାଇ କହିଲା, ''ମାଟି ସାମାନ୍ୟ ପଦାର୍ଥ ହେଲେ ସୁଦ୍ଧା ଆପଣ ସେଥିରେ କେତେ ସୁନ୍ଦର ମୂର୍ତ୍ତି ଓ ଖେଳନା ଗଢ଼ି ପାରୁଛନ୍ତି । ଶିଳ୍ପୀ କହିଲେ, ''ଭାଇ, ଏ ମାଟି ଅତି ସାମାନ୍ୟ ବସ୍ତୁ । ଏହାର ମୂଲ୍ୟ କିଛି ନାହିଁ । କିନ୍ତୁ ଏହି ମାଟିରୁ ମୁଁ ଯେତେବେଳେ ମୂର୍ତ୍ତି ଓ ଖେଳନା ଗଢ଼େ ତାହା ସୁନ୍ଦର ଦେଖାଯାଏ । ମୁଁ ଏଗୁଡ଼ିକୁ ନେଇ ବଜାରରେ ବିକ୍ରି କରି ଯଥେଷ୍ଟ ଟଙ୍କା ପାଏ । ତଦ୍ୱାରା ମୋ ପରିବାର ଚଳେ । କେବଳ ସେତିକି ନୁହେଁ, ମାଟି ଯେତେବେଳେ ମୂର୍ତ୍ତି ଓ ଖେଳନାରେ ପରିଣତ ହୁଏ, ତାହାର ଚାହିଦା ଖୁବ୍ ବଢ଼ିଯାଏ । ଲୋକମାନେ ମୂର୍ତ୍ତିକୁ ନେଇ ଅତି ଯତ୍ନରେ ଘରେ ରଖି ପୂଜା କରନ୍ତି । ପିଲାମାନେ ମାଟି ଖେଳନା ଖେଳିବାକୁ ଭଲପାଆନ୍ତି । ଏହାଠାରୁ ମହତ୍ ବିଷୟ ଆଉ କ'ଣ ହୋଇପାରେ ?''

ଯୁବକର ମନରେ କୌତୂହଳ ସୃଷ୍ଟି ହେଲା । ଆଗ୍ରହ ସହକାରେ ସେ ଶିଳ୍ପୀଙ୍କୁ କହିଲା, ''ଆପଣ ମାଟିରେ ମୂର୍ତ୍ତି ଓ ଖେଳନା ଗଢ଼ିବା କେଉଁଠାରୁ ଶିଖିଲେ ?'' ଶିଳ୍ପୀ କହିଲେ, ''ମୁଁ ମୋ ଗୁରୁଙ୍କଠାରୁ ଶିଖିଛି । ଏହାଦ୍ୱାରା ମୋ ଗୁଜୁରାଣ ମେଣ୍ଟିବା ସହ ଅନ୍ୟମାନଙ୍କର ଯଥେଷ୍ଟ ଉପକାରରେ ଆସୁଛି ଏ ମୂର୍ତ୍ତି ଓ ଖେଳନା ।''

ଯୁବକଟି ଶିଳ୍ପୀଙ୍କୁ ଅନୁରୋଧ କଲା, ''ଆଜ୍ଞା, ଏପରି ମୂର୍ତ୍ତି ଓ ଖେଳନା ଗଢ଼ିବା ମୋତେ ଶିଖାଇ ଦେବେ କି ? ମୁଁ ବି ମାଟିରୁ ସେପରି ମୂର୍ତ୍ତି ଓ ଖେଳନା ଗଢ଼ିବି ।'' ଶିଳ୍ପୀ କହିଲେ, ''ହଁ ନିଶ୍ଚୟ, ତୁମର ଯଦି ଗୋଟିଏ ବିଷୟ ଶିଖିବାକୁ ଆଗ୍ରହ ଅଛି ମୁଁ ତୁମକୁ ନିଶ୍ଚୟ ଶିଖାଇବି ।''

ଯୁବକ ଚାଲିଗଲା ତା' ଘରକୁ । ତହିଁପରଦିନ ଏକ ଟୋକାଇରେ ମାଟି ନେଇ ଆସିଲା । ସେ ଶିଳ୍ପୀଙ୍କୁ କହିଲା, ''ଆଜିଠାରୁ ଆପଣ ମୋ ଗୁରୁ ହେଲେ । ମୁଁ ଆପଣଙ୍କଠାରୁ ଏହି ବିଦ୍ୟା ଶିଖିବି । ମୋର ତ ଚାକିରି ନାହିଁ ତେଣୁ ଏଥିରୁ ରୋଜଗାର କରି ପରିବାର ପୋଷିବି । ଶିଳ୍ପୀ ଖୁସି ହୋଇ ସେହିଦିନଠାରୁ ଯୁବକକୁ ମାଟିର ମୂର୍ତ୍ତି ଓ ଖେଳନା ଗଢ଼ିବା ଶିଖାଇଲେ । ଯୁବକ ଦଶଦିନରେ ମାଟିରେ ମୂର୍ତ୍ତି ଓ ଖେଳନା ଗଢ଼ିବା ଶିଖିଲା । ତା' ମନ ଖୁବ୍ ଆନନ୍ଦ ଯେହେତୁ ଏକ ନୂଆ ବିଦ୍ୟା ଶିଖିପାରିଲା ବୋଲି । ଆଶ୍ରମ ଗୁରୁଙ୍କ ଠାରୁ ଆଣିଥିବା ମାଟି ସେ ଯତ୍ନରେ ରଖିଥିଲା । ଏବେ ସେହି ମାଟିରେ ଗୋଟିଏ ମୂର୍ତ୍ତି ଗଢ଼ିଲା । ସେଥିରେ ବିଭିନ୍ନ ରଙ୍ଗ ଲଗାଇଲା । ମୂର୍ତ୍ତିଟି ଖୁବ୍ ସୁନ୍ଦର ଦିଶିଲା । ଯୁବକ ସେହି ମୂର୍ତ୍ତିଟି ଆଶ୍ରମ ଗୁରୁଙ୍କ ପାଖକୁ ନେଲା । ଆଶ୍ରମଗୁରୁ ଯୁବକ ହାତରେ ସୁନ୍ଦର ମୂର୍ତ୍ତିଟିଏ ଦେଖି ଖୁସି ହୋଇଗଲେ । ଯୁବକ କହିଲା, ''ଗୁରୁ ଆପଣ ମୋତେ ଦେଇଥିବା ଏ ମାଟିରେ ମୁଁ ପରିଶ୍ରମ କରି ଏହି ମୂର୍ତ୍ତିଟି ନିଜେ ଗଢ଼ିଛି । ତେଣୁ ଏହା ମୋ' ତରଫରୁ ଆପଣଙ୍କୁ ଉପହାର । ଦୟାକରି ଆପଣ ଏହା ଗ୍ରହଣ କରନ୍ତୁ ।''

ଆଶ୍ରମଗୁରୁ ଯୁବକକୁ ଆନନ୍ଦରେ କୁଣ୍ଢାଇ ପକାଇଲେ । ଅନ୍ୟ ଶିଷ୍ୟମାନଙ୍କୁ ଡକାଇଲେ । ସମସ୍ତଙ୍କୁ ଗୁରୁ କହିଲେ, ''ଏହି ଯୁବକଟି ହେଉଛି ମୋର ପ୍ରକୃତ ଶିଷ୍ୟ । ଏହାଙ୍କ ପାଇଁ ମୁଁ ଗର୍ବିତ ।'' ଅନ୍ୟ ଶିଷ୍ୟମାନେ ଖୁସି ହୋଇ ଯୁବକକୁ ସାଧୁବାଦ ଜଣାଇଲେ । ଆଶ୍ରମଗୁରୁ, ଯୁବକ ସମେତ ଅନ୍ୟ ଶିଷ୍ୟମାନଙ୍କୁ କହିଲେ, ''ଈଶ୍ୱର ସମସ୍ତଙ୍କୁ ଜ୍ଞାନ ଓ ବୁଦ୍ଧି ଦିଅନ୍ତି; କିନ୍ତୁ ଜଣେ ଗୁରୁ ଆପଣା ଶିଷ୍ୟମାନଙ୍କୁ ସବୁବେଳେ ଉତ୍ତମ ବିଷୟ ଶିକ୍ଷା ଦିଅନ୍ତି ।'' ଯୁବକ କହିଲା, ''ମୋ ମନରେ ଏକ ଭୁଲ୍ ଧାରଣା ଥିଲା । ମୁଁ ଭାବୁଥିଲି ଗୁରୁଙ୍କ ବିନା ମଧ୍ୟ ଯେକୌଣସି କାମ କରିହେବ । ସେହି ଭୁଲ୍ ଧାରଣା ମୋ ମନରୁ ଦୂର ହୋଇଯାଇଛି । ଏବେ ମୁଁ ଠିକ୍ ଭାବେ ଜାଣିପାରିଲି ଯେ, ଭଲ ବିଷୟ ଶିଖିବା ନିମନ୍ତେ ଜଣେ 'ଗୁରୁଙ୍କର ଆବଶ୍ୟକତା' ନିଶ୍ଚୟ ଦରକାର । ଆଶ୍ରମଗୁରୁ ଯୁବକକୁ ଆଶୀର୍ବାଦ କରି ବିଦାୟ ନେଲେ । ଯୁବକ ନିଜ ଘରକୁ ଫେରିଆସି ମାଟିର ମୂର୍ତ୍ତି ଓ ଖେଳନା ଗଢ଼ିଲା । ହାଟରେ ସେଗୁଡ଼ିକୁ ବିକ୍ରି କରି ଭଲ ରୋଜଗାର କଲା ।

*- ହିଲ୍‌ପାଟନା, ବ୍ରହ୍ମପୁର ।*

# ବିବର୍ଣ୍ଣ ପୃଥିବୀ

- ବିଭୂତି ଭୂଷଣ ସେନାପତି

ସେତେବେଳକୁ ପ୍ରାୟ ମୁହଁ ଅନ୍ଧାର । ଅଶିଣ ଆକାଶରେ ଚାଲିଥା'ନ୍ତି ଦଳ ଦଳ ବଉଦର ଫଉଜ । ଗଛ ପତ୍ରରେ ଫିକାଳିଆ ଧୂଳିର ଆସ୍ତରଣ ।

କଥାବାର୍ତ୍ତା ହୋଇ ଫେରୁଥା'ନ୍ତି ଦୁଇଜଣ ଟୋକା । ବୟସ ପ୍ରାୟ ପଚିଶ ଭିତରେ । ସମାଜରେ ଏତେ ତାରତମ୍ୟ କାହିଁକି ? କିଏ ଟଙ୍କା ଗର୍ବରେ ନା ପରିସ୍ଥିତିରେ ହୁଏତ ଆଉ କିଏ ପେଟ ବିକଳରେ ଦୁଆର ଦୁଆର ବୁଲେ । ସତରେ ଏଥିପାଇଁ ଦାୟୀ କିଏ ? ବ୍ୟକ୍ତି ନିଜେ ନା ଆମ ସମାଜ । ମହେଶକୁ ପଚାରିଲା ପିୟୁଷ ।

ଏ ସବୁ କାରନାମା ଆମ ସମାଜରେ, ସେ କାହାରି ପିଠିରେ ପଡ଼େ ନାହିଁ; ମାତ୍ର ପାନରୁ ଚୂନ ଖସି ଗଲେ ନୀତି, ଅନୀତି, ନିୟମ ଓ ବେନିୟମର ତତଲା କଡ଼େଇରେ ମଣିଷ କେବଳ ସନ୍ତୁଳିତ ହୁଏ । ଏଇଟା ଗରିବକୁ, ଅଜାତିକୁ ଓ ମାଇପମାନଙ୍କୁ ବେଶି ଭୋଗ କରିବାକୁ ପଡ଼େ ।

ଏଇପରି ଏକ ଘଟଣାକୁ ନେଇ ସେଦିନ ଗାଁ ନଈ ପଠାରେ ପିୟୁଷର ଦେଖାହୋଇଥିଲା ଜଣେ ଗାଉଁଲି ଝିଅ ଚମ୍ପା ସହିତ । ସମୟ ପାଖାପାଖି ଅପରାହ୍ନ ପାଞ୍ଚଟା । ଅସ୍ତଗାମୀ ସୂର୍ଯ୍ୟଙ୍କ ମୁଠା ମୁଠା ନାଲି କିରଣ ବିସ୍ତୀର୍ଣ୍ଣ ବାଲୁକା ପ୍ରାନ୍ତର ଉପରେ ଶାମୁକାରୁ ମୁକ୍ତା ଖୋଜୁଥାଏ ।

କାହିଁକି କେଜାଣି, ଚମ୍ପା ମୁହଁରୁ ଦୁଇଟି ପ୍ରଶ୍ନ ଆପେ ଆପେ ବାହାରି ଆସିଲା– ପିୟୁଷ ଭାଇ ! ବନ୍ୟା ଛାଡ଼ିଗଲା ପରେ କ'ଣ ବନ୍ୟା ପ୍ଳାବିତ ଦୁଃଖ ଦୂର ହୁଏ ? ଦ୍ୱିତୀୟ ଥିଲା ଝରଣାକୁ ସମସ୍ତେ ଆନନ୍ଦରେ ଉପଭୋଗ କରନ୍ତି; କିନ୍ତୁ କେହି କେବେ ତାର ଠିକଣା ପଚାରନ୍ତି ନାହିଁ ?

ଏକ ଗରିବ ଘରର ଝିଅ ଚମ୍ପା, ଚମ୍ପା ରଙ୍ଗର ଝିଅଟି, ଦେଖିବାକୁ ଭାରି ସୁନ୍ଦରୀ, ଗୋଟିଏ ଚାଉଳରେ ଗଢ଼ା । ତା' ବାପା ଗାଁ ଚୌକିଦାର 'ମଧୁସାହୁ', ପାଖାପାଖି ବୟସ ଷାଠିଏ । ହାଡୁଆ ମୁହଁରେ ଧଳା ଦାଢ଼ି, ତାଙ୍କ ସାତ ଝିଅ ମଧ୍ୟରୁ ଚମ୍ପା ସାନ, ବିଦେଇପୁର ଗାଁ'ର ଏକ ଚାଳଛପର ଘରେ ନଅ ପରାଣୀ ରହନ୍ତି ।

କିଛି ସମୟ ପାଇଁ ନୀରବ ରହିଲା ଚମ୍ପା । ଭାଙ୍ଗିଯାଇଥିବା ବାଇଚଢ଼େଇ ବସା ପରି ଝିଅଟି ମୁହଁ ଦେଖାଯାଉଛି, ସେ ମୁହଁରେ ଭରି ରହିଥିଲା ଅନେକ ଦୁଃଖର କଳା ଛାଇ, ବେଦନାର ପାଣ୍ଡୁଲିପି । ପ୍ରେମ କେବଳ ଶାରୀରିକ ନୁହେଁ ଏହା ମଧ୍ୟ ହୃଦୟକୁ ଛୁଏଁ । ବିବାହ ପରେ ସେହି ପ୍ରତିମାରେ ପ୍ରାଣ ସଞ୍ଚାରିତ ହୁଏ ।

ବାପା ମା'ଙ୍କ ଇଚ୍ଛା ଥାଇ ବି ବୈଶାଖ ମାସ ସଂକ୍ରାନ୍ତି ଦିନ ପିୟୁଷ ବୋହୂ କରି ଆଣିଲା ଚମ୍ପାକୁ ନିଜ ଗାଁ'କୁ । ସେଦିନ ଆକାଶର ତାରାମାନେ ବାସର ଦୀପ ଜାଳିଥିଲେ । ସେହି ଆକାଶକୁ ସାକ୍ଷୀ ରଖି ଛୋଟ ସଂସାରଟିଏ ଗଢ଼ିଥିଲେ ସେମାନେ ।

ଯଦି ଚନ୍ଦ୍ର ମାଟି ଉପରେ ଚୂନା ଚୂନା ହୋଇ ଝରିଯାଏ, ତା'ହେଲେ ଜୀବନର ପରିଭାଷା, ପ୍ରେମର ପରିକଳ୍ପନା ଆକର୍ଷଣର ପ୍ରତିଦାନ ଆସ୍ତେ ଆସ୍ତେ ବଦଳିଯାଏ ।

– ଏକଥା ବୋଧହୁଏ ଝରଣା ଭୁଲିଯାଇଥିଲା । ଟିକିଏ ବିଷ ଦୁଧ ପୂର୍ଣ୍ଣ କଳସୀକୁ ବିଷାକ୍ତ କରିଦିଏ ।

– ଆକାଶରେ ଜହ୍ନ ଝଟକୁଛି, ନଡ଼ିଆର ନହକା ବାହୁଙ୍ଗା ଫାଙ୍କରେ ସତେଯେମିତି ଛୁଇଁବାକୁ ବ୍ୟାକୁଳ । ଚମ୍ପା ଚାହିଁ ଥିଲା ଆକାଶକୁ ।

ସେଦିନ ମକର ସଂକ୍ରାନ୍ତି, ଅନେକଦିନ ହେଲାଣି ସାନଭାଇ ଅମର ଓ ବୁଢ଼ା ବାପାଙ୍କୁ ଝରଣା ପାଖରେ ଛାଡ଼ି ପିୟୁଷ ଚାଲିଯାଇଥିଲା ଗୁଜୁରାଟ ସହରକୁ ଏକ ସୂତା କଳରେ କାମ କରିବା ପାଇଁ, ବାହାଘରର ମାତ୍ର କେଇଟା ମାସ ପରେ । ଏହା ମଧ୍ୟରେ ଚମ୍ପା ଏକ କନ୍ୟା ସନ୍ତାନର ମା' ହୋଇଛି ।

ମନେଅଛି, ଶିବରାତ୍ରି ଦିନ ଅମରର ଅଯଥା ପ୍ରଶଂସା, ଓଠରେ ମଧୁର ହସ କିନ୍ତୁ ହୃଦୟରେ ଥିଲା ଗୋଖର ସାପର ଗରଳ ପରି ବିଷ ।

ତୁମ ରୂପକୁ ଚାହିଁଲେ ମୁଁ ଜହ୍ନକୁ ଭୁଲିଯାଏ, ତୁମ ପଣତ ଧରି ଚାଲୁଥିଲେ ମୁଁ ବାଟ ହୁଡ଼ିଯାଏ, ସେ ବାଟ କୁଆଡ଼େ ଯାଇଛି ମୁଁ କେବେ ଭାବେ ନାହିଁ । ସତରେ ପ୍ରେମର କ'ଣ ଲକ୍ଷ୍ମଣରେଖା ଥାଏ ?

ଚମ୍ପା ଢଳି ନ ଥିଲା ଅମର କଥାରେ । ବାଧ ହୋଇ ଅମର ଅଭିମାନରେ ଘର ଛାଡ଼ି ଚାଲିଯାଇଛି । ଆତ୍ମହତ୍ୟା ଥିଲା ତା' ପାଇଁ ଏକମାତ୍ର ବାଟ; କିନ୍ତୁ ବଞ୍ଚିବାର ଅହେତୁକ ମୋହ ତାଙ୍କୁ ମରଣ ମୁହଁରୁ ଫେରାଇଆଣିଛି, କିଛି ଅନୁତାପ ଓ ଅନୁଶୋଚନାକୁ

ଜୀବନର ଶେଷ ପନ୍ଥା ଭାବି ମା'ପରି ଭାଉଜ ପାଖରେ ମୋର ନିଜର ଭୁଲ୍ ସ୍ୱୀକାର କରିଛି ।

ଇତିମଧ୍ୟରେ ଅମରର ମା' ଓ ବାପା ସଂସାରରୁ ବିଦାୟ ନେଲେଣି । କ୍ରିୟା କାର୍ଯ୍ୟ ପାଇଁ ପିୟୁଷ ମାତ୍ର ଦୁଇ ହଜାର ଟଙ୍କା ପଠାଇଛି । ସବୁବେଳେ ପିୟୁଷ ଗୋଟିଏ କଥା କହିଛି– ''ଆଗାମୀ ପୂଜା ଛୁଟିରେ ବୋନସ୍ ମିଳିଲେ ମୁଁ ନିଶ୍ଚୟ ଘରେ ପହଞ୍ଚିବି ।'' ନିଜ ଅଣାୟତ୍ତ ଭାବପ୍ରବଣତାକୁ ଚାପି ରଖି ଚମ୍ପା ଶୁଖିଲା ଓଠରେ ହସ ଫୁଟାଇବା ପାଇଁ ବହୁବାର ଚେଷ୍ଟା କରିଛି । କାମନାହୀନ ଜୀବନ, ଆଉ ବଞ୍ଚିବାର ସ୍ୱପ୍ନ ଏକ ଉଦ୍ଭଟ ଅସମ୍ଭବ ପ୍ରୟାସ । ଏକ ଅବାନ୍ତର ଅବଧାରଣା । ଆଦ୍ୟ ବସନ୍ତର ସୁକୋମଳ ସୌନ୍ଦର୍ଯ୍ୟ ଲୋକଙ୍କ ଦୃଷ୍ଟିରେ ନଷ୍ଟ ଚରିତ୍ରା ଉର୍ବଶୀ ନ ହେଲେ ବି ଚୋରା ବାଲିରେ ଅଟକିଯାଇଥିବା ପଥିକଟିଏ ପରି ନିଃସଙ୍ଗ ପଥରେ ବହୁବାର ବାଧକ ସାଜିଛି ।

ମିନୁ ଆଜି ଘରଯୋଗ୍ୟା । ସହରୀ ବାଘଗୁଡ଼ାକ ପଞ୍ଜୁରୀରୁ ବାହାରି ଗାଁ ଭିତରକୁ ଗୋଟିକ ପରେ ଗୋଟିଏ ପଶି ଆସିଛନ୍ତି, କୌଣସିମତେ ମିନୁକୁ ହାତକୁ ଦି'ହାତ କରିଦେବା ପାଇଁ ଚମ୍ପା ବର ଖୋଜିବାରେ ବ୍ୟସ୍ତ ।

– ଭାଗ୍ୟ ଓ ଭଗବାନ ଉପରେ ଅଭିମାନ କରିବାକୁ ଚମ୍ପା ପସନ୍ଦ କରିନାହିଁ ବରଂ ନିଜର କର୍ତ୍ତବ୍ୟକୁ ପାଳନ କରିବା ପାଇଁ ସେ ଅଧିକ ପ୍ରାଧାନ୍ୟ ଦେଇଛି ।

ଚମ୍ପାଠାରୁ ଅନୁମତି ପାଇ ଅମର ଗୁଜୁରାଟ ଯାଇଛି । ବଡ଼ ଭାଇ ଠାରୁ ମିନୁ ବାହାଘର ପାଇଁ କିଛି ଟଙ୍କା ଆଣିବ । ଯଦି କେଉଁ ଦିନ ଚମ୍ପା ଅସାବଧାନତାବଶତଃ ଅସହାୟତାର ଅନ୍ଧ ଗଳିରେ ବାଟବଣା ହୋଇଯାଇଥା'ନ୍ତା ହୁଏତ ମିନୁର ବାହାଘର ପାଇଁ ପଳାତକଙ୍କର ଶରଣାପନ୍ନ ହୋଇଥାନ୍ତା; କିନ୍ତୁ ସତ୍ୟ, ଧର୍ମ, ମାନ, ସମ୍ମାନ ଓ ଇଜ୍ଜତକୁ ଜାବୁଡ଼ି ଧରି ସେ ନୀତିଭ୍ରଷ୍ଟ ହୋଇପାରିନାହିଁ ବରଂ ରକ୍ତିମ ପଳାସ ଆଉ ରତୁମତୀ କୃଷ୍ଣଚୂଡ଼ା ପରି ଅଦୃଶ୍ୟ ବିରହରେ ପଥହୁଡ଼ା ନ ହୋଇ ସମାଜ ଆଖିରେ ସତେଜ ଗୋଲାପ ପରି ସମସ୍ତଙ୍କୁ ନିଜର କରିପାରିଛି ଏକ ସୁସ୍ଥ ସମାଜ ଗଢ଼ିବା ପାଇଁ ।

ଇତିମଧ୍ୟରେ ଅମର ଫେରିଆସିଛି ଗୁଜୁରାଟରୁ । ଭାଉଜ ଆଗରେ କହିଛି– ''ଭାଇ କୁଆଡ଼େ ଆଉ ଗୋଟିଏ ଝିଅ ସହ ସଂସାର କରିଛି । ଏବେ କିନ୍ତୁ ସେ ଘରକୁ ଫେରିବାକୁ ବ୍ୟସ୍ତ । ଟଙ୍କାପଇସା ଧରି ସେ ଖୁବ୍ ଶୀଘ୍ର ଘରେ ଆସି ପହଞ୍ଚିବେ, ଆଉ ଆମର ଚିନ୍ତା କ'ଣ ? ଋଣ ସବୁ ଶୁଝିଦେବା । ଭାଇ ଯେଉଁ ଭୁଲ୍ କରିଛି ସେଥିପାଇଁ ତାକୁ ଦୋଷ ଦେଇ ଲାଭ କ'ଣ ?

କାହିଁକି କେଜାଣି ଚମ୍ପା ଆଖିରୁ ଅମାନିଆ ଲୁହ ଦୁଇ ଟୋପା ଠପ୍ ଠପ୍ କରି ଗଡ଼ିଆସିଲା । ସ୍ମୃତିର ସ୍ୱର୍ଣ୍ଣାକ୍ଷର ସନ୍ତାପର ଧୂସର ଧୂଆଁରେ ଅସ୍ପଷ୍ଟ ଦିଶିଲେ ବି ଆଗକୁ ମାଡ଼ି ଆସୁଥିବା ଭୟଙ୍କର ଫାଇଲିନ୍‌କୁ ମୁକାବିଲା କରିବାକୁ ପଡ଼ିବ ।

ମିନୁର ବାହାଘର ହୋଇଯାଇଛି ମଧୁପୁରୁ ଗାଁ'ର ସଦାନନ୍ଦ ଦାସଙ୍କ ପୁଅ ରଞ୍ଜନ ସହିତ । କୁଲା ଠାରୁ ଛାଞ୍ଚୁଣି ପର୍ଯ୍ୟନ୍ତ ସମସ୍ତ ଝିଆଣିଆ ସଜ ସହ ମିନୁକୁ ବିଦା କରିଛି ତା' ଶଶୁର ଘରକୁ । କେହି ନ କହୁ ମିନୁର ବାପା ନାହିଁ ବୋଲି ତା' ମା' କିଛି ଯାନିଯୌତୁକ ନ ଦେଇ ହାତକୁ ଦି'ହାତ କରିଦେଇଛି ।

କେତେଦିନ ହେଲାଣି ପୂଜାଛୁଟି ଅତିକ୍ରମ କରିଯାଇଛି । ଗାଁ ମହାଜନ ଏବଂ ନିକଟ ସଂପର୍କୀୟଙ୍କ ଠାରୁ ଆଣି ଥିବା ଟଙ୍କା ଫେରସ୍ତ କରି ନ ପାରିବାରୁ ସମସ୍ତେ ଅସନ୍ତୋଷ ପ୍ରକାଶ କରିଛନ୍ତି । କିଏ ନ୍ୟାୟ ନିଶାପ କରିବା ପାଇଁ ଭଦ୍ରଲୋକ ନେଇ ତା'ଘରକୁ ଆସିଛନ୍ତି ।

ଚମ୍ପା କାହାକୁ କ'ଣ କହିବ, କେବଳ ତା' ପାଟିରୁ ବାହାରିଛି– ମୁଁ ବେଇମାନ ହେବିନାହିଁ । ସୁଧ ମୂଳ ସହ ଟଙ୍କା ନେଇ ଘରେ ଦେଇଆସିବି । ବହୁ ସମୟରେ ଚମ୍ପା ଦୁଃଖକୁ ଚାପି ରଖି ହସିବାକୁ ଚେଷ୍ଟା କରେ; କିନ୍ତୁ ହସିପାରେନା ।

ବାଡ଼ି ଅଗଣାରେ ବସି ଚମ୍ପା ଚାହିଁଛି ବହୁଦୂରକୁ । ଠିକ୍ ଏହି ସମୟରେ ପୋଷ୍ଟ ପିଅନ ଚମ୍ପା ହାତକୁ ଚିଠି ଖଣ୍ଡିଏ ବଢ଼େଇ ଦେଇ ତା'ବାଟରେ ଚାଲିଗଲା । ଚିଠି ଖଣ୍ଡିକ ଅତି ଆଦର ସହକାରେ ଚମ୍ପା ପଢ଼ିବାକୁ ଲାଗିଲା । କାହିଁକି କେଜାଣି ତା'ର ହୃତ୍‌ସ୍ପନ୍ଦନ ହଠାତ୍ ଦ୍ରୁତ ହୋଇଆସିଲା ।

ଚମ୍ପା ! ଆସନ୍ତା ସୋମବାର ଦଶ ତାରିଖ ଦିନ ପହଞ୍ଚିବି । ତୁମ ଅଭିଶାପ ମୋ ଉପରେ ପଡ଼ିଲା । ଗତକାଲି ଗାନ୍ଧୀ ନଗର ହସ୍‌ପିଟାଲର ଡାକ୍ତରମାନେ ମୋତେ କ୍ୟାନସର ୱାର୍ଡରୁ ଡିସଚାର୍ଯ୍ୟ କରିଦେଲେ । ଜୀବନଟା ଚାଲିଯାଇଥିଲେ ଖୁବ୍ ଭଲ ହୋଇଥା'ନ୍ତା । ଔଷଧ କିଣିବା ପାଇଁ ମୋ ପାଖରେ ଫଟା ଅଧଲାଟିଏ ବି ନାହିଁ । ବାବୁଙ୍କଠାରୁ ଗାଡ଼ି ଭଡ଼ା ଧାର କରି ମୁଁ ଘରେ ପହଞ୍ଚିବି । ''ପାପକୁ ଘୃଣା କର ମନା ନାହିଁ କିନ୍ତୁ ପାପୀକୁ ନୁହେଁ'', ଇତି, ତୁମର ଅଭିଶପ୍ତ ସ୍ୱାମୀ.... ।

ଚିଠିଟି ପଢ଼ିବା ପରେ ଚମ୍ପା ଆଖିରେ ଅମାନିଆ ଲୁହ ଜକେଇ ଆସିଲା । ଗୋଟିଏ ପକ୍ଷରେ ଦେନାର ବୋଝ, ଆଉ ଗୋଟିଏ ପକ୍ଷରେ ସ୍ୱାମୀଙ୍କର ଆକୁଳ ନିବେଦନ ।

ଏହାର କିଛି କୂଳ କିନାରା କରିବାକୁ ପଡ଼ିବ ନିଶ୍ଚୟ । ଯମରାଜାଙ୍କ ନିକଟରେ ସ୍ୱାମୀଙ୍କ ଆରୋଗ୍ୟ କାମନା କରିବ । ଆଉ କରଜରୁ ମୁକ୍ତି ପାଇବାକୁ ସ୍ୱର୍ଗପୁରରେ ବରୁଣଙ୍କୁ ପ୍ରାର୍ଥନା କରିବ । ଏହି ଦୁଇଟି ଉପାୟ ଛଡ଼ା ଆଉ କିଛି ଉପାୟ ପ୍ରାୟ ନ ଥିଲା ଚମ୍ପା ପାଖରେ ।

ସେଦିନ ଥାଏ ରବିବାର । ଦ୍ୱିପ୍ରହର ଗଡ଼ିଗଲାଣି । ରେଳ ଧାରଣା ପାଖରେ ପହଞ୍ଚି ଥିଲା ଚମ୍ପା । ଷ୍ଟେସନରେ ଲୋକ ଗହଳି । ଚମ୍ପା ଅଜାଣତରେ ଘର ଛାଡ଼ି ଚାଲିଆସିଛି । ରେଳ ଲାଇନର କିଛି ଦୂରରେ ଭଗବାନଙ୍କୁ ପ୍ରାର୍ଥନା କରିବାର ନଜର ପଡ଼ିଲା ଟ୍ରେନ୍ ଡ୍ରାଇଭରର । ସିଗ୍ନାଲ୍ ଥିଲେ ମଧ ଟ୍ରେନ୍ ଠିଆକରି ପାଖକୁ ଆସି ସେ କହିଲା– ଭଉଣୀ ! ମୃତ୍ୟୁ କାପୁରୁଷର ଲକ୍ଷଣ । ମାନ ଅଭିମାନର ଶେଷ ପରିଣତି କ'ଣ ଆତ୍ମହତ୍ୟା ? ପକେଟରୁ ପାଞ୍ଚ ଶହ ଟଙ୍କିଆ ନୋଟ୍ ଖଣ୍ଡେ ହାତରେ ଧରାଇ ଟ୍ରେନ୍ ପାସ୍ କରିଗଲା ।

ନିଜ ଜିଦ୍‌ରେ ଅଟଳ ରହିଥିଲା ଚମ୍ପା । ଶେଷ ନିଷ୍ପତ୍ତିରେ ତାକୁ ପହଞ୍ଚିବାକୁ ପଡ଼ିବ । ଆଖିରୁ ଲୁହ ଧାର ଧାର ହୋଇ ବହିଯାଉଥାଏ । ଠିକ୍ ଏହି ସମୟରେ ଧଉଳି ଏକ୍ସପ୍ରେସ ପୁରୀ ଆଡ଼କୁ ଆସୁଥାଏ । ଖୁବ୍ ନିକଟରୁ ଚମ୍ପା ଡେଇଁପଡ଼ିଲା ରେଳଧାରଣାକୁ । କିଛି ସମୟ ଭିତରେ ସବୁ ନାରଖାର ହୋଇଗଲା । କେବଳ ପିୟୁଷ ପାଇଁ ରହିଗଲା ଟୁକୁରା ମୁକୁରା ମାଂସପିଣ୍ଡୁଳା ।

ଶବ ଚିହ୍ନଟ ପାଇଁ ତା' ପରଦିନ ଲୋକଗହଳି ଷ୍ଟେସନ୍ ଭିତରେ । ଚମ୍ପାର ମଲା ଦେହଟା ପଡ଼ିଥିଲା ରାସ୍ତାକଡ଼ରେ । ଠିକ୍ ଏହି ସମୟରେ ପିୟୁଷ ଓହ୍ଲାଇଲା ଟ୍ରେନ୍‌ରୁ । ଲୋକ ଭିଡ଼ ଥିବା ସ୍ଥାନକୁ ଧୀରେ ଧୀରେ ଯାଇଥିଲା ସେ । ଗାଁ ଲୋକଙ୍କ କଥା ଶୁଣି ତାର ଆଖି ଛଳଛଳ ହୋଇ ଆସୁଥାଏ । ଆପେ ଆପେ ବାଷ୍ପରୁଦ୍ଧ ହୋଇଯାଉଥାଏ ତାର କଣ୍ଠ । ମନେପଡୁଥାଏ ଚମ୍ପାର ଦୁଇ ପଦ କଥା । ଝରଣାକୁ ସମସ୍ତେ ଭଲପାଆନ୍ତି; କିନ୍ତୁ କେହି କେବେ ତା'ର ଠିକଣା ଖୋଜନ୍ତି ନାହିଁ । ବନ୍ୟା ଛାଡ଼ିଗଲା ପରେ ବନ୍ୟା ପ୍ଲାବିତ ଲୋକଙ୍କ କଥା କେହି ବୁଝନ୍ତି ନାହିଁ । ଗୋଟିଏ ସରଳା ଝିଅର ଆତ୍ମହତ୍ୟା ପାଇଁ ସେ ତାକୁ ବାଧ୍ୟକରିଛି । ବହୁ ଦୂରରୁ ପିୟୁଷ ଚାହିଁ ରହିଥିଲା ଚମ୍ପାର ଛିନ୍ନଭିନ୍ନ ଦେହକୁ । ମଥାର ଅସହ୍ୟ ଯନ୍ତ୍ରଣା । ଠିକ୍ ଏତିକିବେଳେ ପାଟିରୁ ବାହାରିଆସିଲା ଝଲକାଏ ରକ୍ତ ।

ପଶ୍ଚିମ ଆକାଶରେ କଳାମେଘ ଖଣ୍ଡିଏ ଉଠାଇ ଆସିଲା । ବିଜୁଳି ଘଡ଼ଘଡ଼ି ବର୍ଷାରେ କେ କୁଆଡ଼େ ଦୂରେଇଗଲେ । ପିୟୁଷ ଆଖିର ଛଳଛଳ ଲୁହ ବର୍ଷା ପାଣି ସହ ମିଶି ବହିଯାଉଥାଏ ବନ୍ୟା ପ୍ଲାବିତ ସାଗରରେ ମିଶିବା ପାଇଁ । କେହି ଜଣେ କିଛି ଦୂରରୁ କହୁଥାଏ– ତୁମେ ସୁଖରେ ରୁହ ପିୟୁଷ । ମୁଁ ସେହି କ୍ଷଣିକ ସ୍ମୃତିକୁ ନେଇ ତୁମ ସହ ସାକ୍ଷାତ କରିବି ଯଦି କେବେ ସ୍ୱର୍ଗପୁରୀରେ ତୁମ ସହିତ ଭେଟ ହୁଏ..... ।

*– ଶଚିମଣି କୁଟୀର, କୋହ୍ଲି, ତିହିଡ଼ି, ଭଦ୍ରକ*




# ଉଷାର୍ ପହିଲି ଆଲୋକ

- ପ୍ରମିଳା ପ୍ରତାପ

ଗୋପୀନାଥପୁରରେ ପ୍ରତିବର୍ଷ ଚୈତ୍ରପୂର୍ଣ୍ଣମୀକୁ ପାଲା ହେଉଥିଲା ତିନି ଚାରି ରାତି । ଗତବର୍ଷ କିନ୍ତୁ ଓଲଟିଗଲା ଜମାନା । 'ପାଲା' ଗୋଟେ କିଏ ଦେଖିବ ରାତ୍ରି ଅନିଦ୍ରା ରହି । ହୋ, ହୋ.....ହେ....ହେ.......ଧନମାଳୀରେ.....ମୋ ସୁନାଥାଳୀରେ....ଝାଞ୍ଜମୃଦଙ୍ଗ ସହ .....ହାଏ....ହାଏ...... ଇଏ ଗୋଟେ ଶୁଣିବାର କଥା ନା । ଛି....ଛି..... ଏ ସଂସ୍କୃତିକୁ ବଦଳେଇବାକୁ ପଡ଼ିବ..... ଖୁବ୍ ଶୀଘ୍ର..... ପାଲାର ଅୟମାରମ୍ଭ ହୋଇଥିଲା ଉଣେଇଶ ଶହ ପଞ୍ଚଷଠି ମସିହାରୁ । ସେ କାଳର ବୟସ୍କମାନେ ପିଲାମାନଙ୍କୁ ଉସ୍‌କେଇ ପ୍ରଥମେ 'ପାରେଶ୍ୱର ଶରଣ'ଙ୍କୁ ନେଇ ପାଲାସଂସ୍କୃତି ଆରମ୍ଭ କରିଥିଲେ ଖୁବ୍ ଜାକଯମକ ସହ । ଗାଁ'ର କାର୍ତ୍ତିକେଶ୍ୱର ପୂଜା ସାଙ୍ଗକୁ ରାତି ପାଲା । ମଝିରେ ମଝିରେ ପୁଣି ଦି'ଦଳମାନଙ୍କର ବାଦୀ ପାଲା । ବହୁତ ହୋଇଗଲା । ଏଥର ଆଉ ଗାଁ ପୂଜାକୁ ପାଲାବାଲା ଆସିବେନି । ଗାଁ ପୋଖରୀରୁ ମାଛମରା ହୋଇ ବିକା ହେବ । କ୍ଲବ୍ ପିଲା ଚାନ୍ଦା ଅସୁଲ କରିବେ ଗାଡ଼ିବାଲାଙ୍କ ପାଖରୁ। ଟ୍ରକ୍, ବସ୍, ସବୁ ଶହେ ଲେଖାଏଁ । ଛୋଟ ଗାଡ଼ି ଏକାବନେ ଲେଖେଁ । ରାସ୍ତାରେ ପ୍ରାୟ ଦିନକୁ ହଜାରେ ଗାଡ଼ି ଯିବାଆସିବା । ଆଠଦିନ ଜଗିଦେଲେ ହେଲା ପଇସା । ରାଜାରାସ୍ତାକୁ ତ ଗାଁ ଲାଗିଛି, ଅସୁବିଧା କିଛି ନାହିଁ । ଟୋକାମାନଙ୍କର ବି ଅଭାବ ନାହିଁ । ଚାକିରି ବାକିରି ନାଇଁ କି କୂଳବେଉସା ନାଇଁ କି ଚାଷବାସ ନାଇଁ । ସରକାର ଦି' ଟଙ୍କିଆ ଚାଉଳ ତ ଦେଉଛି । ସପ୍ତାହରେ ଦି' ତିନିଦିନ ଖୁବ୍ ହେଲେ କ୍ରସର କାମ କୁ ଚାଲିଗଲେ ପନ୍ଦରଦିନ ବସି ଖାଇବା କଥା । ଦି'ଦିଖଣ୍ଡ ପେଣ୍ଟ ସାର୍ଟ ବର୍ଷକୁ ଯଥେଷ୍ଟ । କୋଉ ଚିରୁଛି ? ଗୁଣ୍ଡ ଦି'ଟଙ୍କାର କିଣି ପକେଇ ଦଳିଦେଲେ ସଫା ଚକ୍ ଚକ୍ । ଫୂର୍ତ୍ତି କରିବା ପାଇଁ ସମୟ ବି ବହୁତ । ସେ ଯାହାହଉ, କ୍ଲବ୍‌ଘରେ ସର୍ବସମ୍ମତି ସହ ସ୍ଥିରହେଲା ଯେ ଏ ବର୍ଷ ଖୋଲାରେ ଯାତ୍ରା ହବ । ସେମାନେ ନିଜେ ପାଉଡର ବୋଲି ହୋଇ ଚିତ୍ରାଳୟରୁ ବେଶପୋଷାକ ଆଣି ଯାତ୍ରା ଆରମ୍ଭ କରିବେ । ଯାତ୍ରାମାନେ ଗୀତିନାଟ୍ୟ କରିବେ ପ୍ରଥମେ । ଦି' ବର୍ଷ ଗଲେ ଉପନ୍ୟାସ ବହିରୁ ଯାତ୍ରା ହେବ । ଏ ବର୍ଷ ପ୍ରଥମ 'ବୈଷ୍ଣବପାଣି'ଙ୍କ ବହିରୁ ଗୀତିନାଟ୍ୟ ହେବ । 'କର୍ଣ୍ଣବଧ' ନାଟକଟା ବହୁତ ଭଲ ହୋଇଚି । ସେଇଟା ହିଁ ହବ । ହଁ କିଏ ବା ଏମାନଙ୍କ ଉପରେ ଅଛି କଥା କହିବାକୁ । ଯେଉଁମାନେ ଗାଁଆଁର ସଂସ୍କୃତି ଆରମ୍ଭ କରିଥିଲେ ସେମାନେ ଦୂରେଇ ରହିଲେଣି । 'ଅକର୍ମଣ୍ୟ ବୃଦ୍ଧ । ଆଉ ବା ବୟସ୍କମାନେ ଗାଁ ଟୋକାଙ୍କ ମୁହଁରେ କଥା କହିପାରୁ ନାହାନ୍ତି । ଭଗବାନ୍ ବୟସ ବାଣ୍ଟିବା ବେଳେ ଯେତେକ ଗୋରୁ ଆଉ ପେଚାଠାରୁ ଅଧିକ ବୟସ ମାଗି ଆଣିଥିଲେ । ମଣିଷମାନେ, ସେମାନେ ଏବେ ସେଇ ଅବସ୍ଥା ଭୋଗୁଛନ୍ତି । ପଚାଶଠାରୁ ସତୁରି ଯାଏ କଥା କହିପାରୁନାହାନ୍ତି । ଯାହା ଗଣ୍ଡେ ଦେଲେ ଖାଉଛନ୍ତି । ଗୋରୁପରି, ପେଚାପରି ଜୁଳୁଜୁଳୁ କରି ଚାହୁଁଛନ୍ତି । କିଛି କହିପାରୁନାହାନ୍ତି ଭରସି କରି । ଛାଡ଼ ଏମାନଙ୍କ କଥା..... । ଏ ବର୍ଷ ପାଇଁ ସବୁ ଠିକ୍‌ଠାକ୍ ହୋଇଗଲା କଥାରେ କଥାରେ । ପେଣ୍ଡାଲ୍ ଯୋଗାଡ଼ ହୋଇଗଲା ଆଠ ଦିନେ । ଆଗପରି ଖଟ ବେଞ୍ଚ ଥୋଇ ଇଟା ପଥର ତଳେ ଦେଇ ସମାନ କରି ନୁହେଁ ? ପୂରା କଂକ୍ରିଟ୍ ପେଣ୍ଡାଲ୍ । ଗାଁ ରାସ୍ତା କାମରୁ ସବୁ ଯୋଗାଡ଼ ହୋଇଗଲା । ଆଉ ରହିଲା ମାଇକ୍, ଲାଇଟ୍, ବେଶଭୂଷା । ଗାଁ'ର ଦି'ଜଣଙ୍କର ଟେଣ୍ଟ୍ ହାଉସ୍ ଅଛି ପାଖ ବଜାରରେ । ସେମାନେ ସବୁ ଦେବେ ଦିନେ ଦିନେ କରି । ଚିତ୍ରାଳୟ ତ ପଇସା ଦେଲେ ଜିନିଷ ଆସିବ । ଲେଡି ଆର୍ଟିଷ୍ଟ୍ ଅନେଇ ବସିଛନ୍ତି ଏଇପରି ମୌକାକୁ । ପୁଅପିଲାମାନଙ୍କୁ ଭଣ୍ଡେଇ ଖୁବ୍ କିଛି ଏଇସବୁ ମଉକାରେ ଆଦାୟ କରିହୁଏ, ଡ୍ରେସ୍‌ଠାରୁ, ମୋବାଇଲ୍ ଏପରିକି ଶସ୍ତା ଗହଣା ପର୍ଯ୍ୟନ୍ତ । ସେମାନଙ୍କ ଜୀବନରେ ଏସବୁ ନିତିଦିନିଆ । ସବୁ ଗାଁ, ସହରର ପୁଅପିଲାମାନେ ସର୍ବସ୍ୱ ଦେଇଦେବାକୁ ଭଲପାଆନ୍ତି । ଏପରିକି ମୋବାଇଲ୍‌ରେ ଆଜିକାଲି କାର୍ଡ ବି ପଡ଼ିଯାଉଛି ଗୋଟେ ଦି'ଟା । ଆଉରଷା ଫୋନ୍ କରିଦେଲେ ହିଁ ହେଲା । ତେବେ ଆପାତତଃ ସ୍ଥିର ହୋଇଗଲା 'କର୍ଣ୍ଣବଧ' ନାଟକ ହିଁ ହେବ । ଗ୍ରାମୀଣ ପରିବେଶରେ ଅନେକ ଆଧୁନିକତା ଥିଲେ ମଧ୍ୟ ଗ୍ରାମ୍ୟ କିଶୋରୀମାନଙ୍କର ମନ ଛନ୍‌ଛନ୍ ତରଳ ସରଳ । ଗାଁ'ର ସୁନ୍ଦରୀ ଅଳ୍ପ ପାଠୋଇ ଝିଅଟି ନାମ 'ଦ୍ରୌପଦୀ' ଥିଲା । ଗାଁ'ର ସରୋଜ ନାମର ପିଲାଟି ବେଶ୍ ସୁନ୍ଦର । ପାଠ ଦି' ଅକ୍ଷର ମଧ୍ୟ ପଢ଼ିଛି । ତା'ର ଜାକଯମକ ଟିକେ ଅଧିକ, ଆକର୍ଷଣୀୟ । କର୍ଣ୍ଣ ଭୂମିକାରେ ସରୋଜ ପାର୍ଟ କଲା । ନିର୍ଦ୍ଦିଷ୍ଟ ସମୟାନୁଯାୟୀ ଯେତେବେଳେ 'କର୍ଣ୍ଣବଧ' ନାଟକର ଅୟମାରମ୍ଭ ହେଲା ସବୁ ଗାଁ' ଝିଅଙ୍କ ପରି ସେ ବି

ଦ୍ରୌପଦୀ ବି ଖୁବ୍ ଉଲ୍ଲସିତ ହେଲା । କର୍ଣ୍ଣର ଆଭୂଷଣ କବଚ କୁଣ୍ଡଳ । ମୁଣ୍ଡର ବାବୁରି ବାଳ, ତା' ସହିତ ସାଞ୍ଜୁପୋଷାକ, ଗଳାରେ ଚାପସରି ମୁକୁତାର ମାଳ ଆଜାନୁଲମ୍ବିତ ଗୌର ଚେହେରାର ସାଗର ଗମ୍ଭୀର କଣ୍ଠର ଅପୂର୍ବ ସଙ୍ଗୀତ ଧ୍ୱନିରେ ଦ୍ରୌପଦୀ ଜଡ଼ସଡ଼ ହୋଇଗଲା । ମୁଗ୍ଧ, ବିମୁଗ୍ଧ ପ୍ରଲୁବ୍ଧ ହୋଇ ଆପଣା ଅଜାଣତରେ ଓଜାଡ଼ିଦେଲା ତନ ମନ ଯୌବନକୁ ସରୋଜର ପାଦ ତଳେ । 'କର୍ଣ୍ଣ ବଧ' ହେଲା ସତ; ମାତ୍ର ଅର୍ଜୁନକୁ ମନଭରି ଗାଳିଦେଇ ଦ୍ରୌପଦୀ ଆତ୍ମପ୍ରସାଦ କଲା ନିଜେ ନିଜେ । ତରଙ୍ଗାୟିତ ପ୍ରେମର ଫେନରାଶି କୁଢ଼ କୁଢ଼ ହୋଇ ଗଦା ହୋଇଗଲା । ପରିବେଶ ପରିବେଷ୍ଟନୀରେ ଆତ୍ମବିସ୍ମୃତ ହୋଇ ସହଜ, ସରଳ ହେଲାବେଳକୁ ସରୋଜର ଜାଣତରେ କି ଅଜାଣତରେ ତରବରିଆ ଥରିଲା ହାତରେ କିଏ ଗୋଟାଏ ଭଙ୍ଗାଭଙ୍ଗି କାଗଜ ଫର୍ଦ୍ଦଟିଏ ଗେଞ୍ଜି ହୋଇଗଲା । ଆଖିରେ ମିଶିଲା ଆଖି... ସରୋଜର ପ୍ରୀତି ଉପବନରେ କଢ଼ଟିଏ ପ୍ରସ୍ଫୁଟିତ ହେବାକୁ ଲାଗିଲା । ଗ୍ରାମ୍ୟ ପରିବେଶରେ ଅଗାଧ ପ୍ରେମରେ ବୁଡ଼ିଗଲେ ଦୁହିଁଙ୍କୁ ଦୁହେଁ । ଦିନଭରି ଥରେ ଦେଖା ନ ହେଲେ ଅଚଳ । ଲୁଚି ଛପି, ପୋଖରୀ କୂଳ, ଗାଁ ମନ୍ଦିର, ଆମ୍ବ ବଗିଚା ପ୍ରଭୃତି ପ୍ରୀତିର ଲୁଚକାଳି ଖେଳ । ଦ୍ରୌପଦୀ ହଜିଗଲା, ମଜ୍ଜିଗଲା, ପ୍ରେମ ପାରାବାରରେ । ଦ୍ରୌପଦୀ ଥିଲା ସମ୍ଭ୍ରାନ୍ତ ବଂଶୀୟ; ମାତ୍ର ସରୋଜର ରୂପଛଡ଼ା ପ୍ରାୟତଃ ଅନ୍ୟ କୌଣସି ବିଭବ ନ ଥିଲା । ପିତାମାତାଙ୍କର ଅନେକ ବାରଣ, ବନ୍ଧୁବାନ୍ଧବ, ସାହିପଡ଼ିଶା ସମସ୍ତଙ୍କର ଅନିଚ୍ଛାସତ୍ତ୍ୱେ ବାହା ହେଲା ଦ୍ରୌପଦୀ ସରୋଜକୁ ପାଖ ଏକ ମନ୍ଦିରରେ ବରଣମାଳାର ଅଦଳବଦଳରେ । ଶଙ୍ଖ, ମହୁରୀ, ହୁଳହୁଳି, ବାଜା, ବାଣ, ବିଧିବିଧାନ ନ ଥିଲା କିଛି ଏଇ ବାହାଘରରେ । ଦ୍ରୌପଦୀର ଅଯାଚିତ ପ୍ରେମରେ ସରୋଜ ସିନା ବାହା ହେଲା । ମାତ୍ର ସଂସାର ଚଳଣିରେ ସେ ତ ଅନଭିଜ୍ଞ । ଅସ୍ୱଚ୍ଛଳ ପରିବାରରେ ଦ୍ରୌପଦୀ ତାକୁ ବୋଝଭଳି ମନେହେଲା । ହୃଦୟର ପ୍ରେମ ଅଲଗା; ମାତ୍ର ତେଲ ଲୁଣ ସଂସାର ଅଲଗା । ଏଠି ଅଭାବର ତାଡ଼ନାରେ ଜୀବନରେ ଆସେ ବେଶୀ ଯନ୍ତ୍ରଣା, ବେଶୀ ଜ୍ୱଳନ, ବେଶୀ ଯାତନା । ରୂପର ଫୁଆର ଫିକା ପଡ଼ିଯାଏ । ଖାଲି ସୁନ୍ଦର ରୂପକୁ ନେଇ କ'ଣ ସଂସାର ଗଢ଼ିହୁଏ ନା, ନା... । ସରୋଜର ଆନ୍ତରିକତା ନ ଥିଲା ଦ୍ରୌପଦୀର ଚିତ୍ତ ପାଖରେ । ଥିଲା ତା'ବାପାର ବିତ୍ତ ପାଖରେ । ମାତ୍ର ଯେଉଁଭଳି ପରିସ୍ଥିତିରେ ରୂପ ଆଲୁଅରେ ଜଳକା ହୋଇ ସରୋଜ ସାଙ୍ଗରେ ସଂସାର ବାନ୍ଧିବା ପାଇଁ ପିତୃଗୃହର ସମ୍ମାନ, ମାନ, ଗାରିମା, ପଦମର୍ଯ୍ୟାଦା ସବୁକୁ ତୁଚ୍ଛ କରିଦେଇ ଦ୍ରୌପଦୀ ମନ୍ଦିର ବେଢ଼ାକୁ ଚାଲିଆସିଲା । ସେଇଦିନଠୁ ତା' ପିତା ଗୃହର ବାଟ ଦରଜା ତା' ପାଇଁ କିଳିହୋଇଯାଇଥିଲା ପରିବାରର ଅଦେଖା, ଅଖୋଜା, ଅଲୋଡ଼ା ହୋଇଯାଉଥିଲା । ଗେଲବସରୀ, ହସକୁରୀ, ସୁନ୍ଦରୀ ମନୋହାରିଣୀ ଦ୍ରୌପଦୀ ।

ସରୋଜର ସଂସାର ପାଖକୁ ଅଭାବ ତା' ଲମ୍ବା ହାତଟା ବଢ଼ାଇଲାଣି ଆସ୍ତେ ଆସ୍ତେ । ତାକୁ ସୁଯୋଗ ମିଳିଲେ ତା' ହାତ ମୁଠାରେ ସେ ଚାପିବେ ସବୁ ସୁଖ, ଶାନ୍ତି, ସୌନ୍ଦର୍ଯ୍ୟ, ହସଖୁସି, ପ୍ରେମ, ସ୍ନେହ ଭଳି ଦାମିକିଆ ଜିନିଷଗୁଡ଼ିକୁ ମୁଠିଏ ପାଉଁଶ ଭଳି । ଦ୍ରୌପଦୀର ସୁଖର ସାଗରରେ ଭଟ୍ଟା ପଡ଼ି ଆସିଲାଣି । ତା'ର ପ୍ରେମ ଯମୁନାରେ ଏପରି ଶିଥିଳତା ସେ ଆଶା କରି ନ ଥିଲ । ମହାବଳୀ 'କର୍ଣ୍ଣ' ରୂପୀ ସରୋଜ ଆଜି ତା' ପାଖରେ ସନ୍ଦେହର ନିଆଁ ଝୁଲଟାଏ । କାହିଁକି ଜାଣି ଜାଣି ସେ ପତଙ୍ଗ ସାଜି ଏ ନିଆଁଗଦାଠାରୁ ଡେଇଁପଡ଼ିଲା ? କଥା କଥା କେ ଶୁଣେ, ବାପାଘରର ସମ୍ପତ୍ତି ଲୋଭର ଅପୂର୍ଣ୍ଣ ଲାଳସା । ମାତ୍ର ସେ ତ ଏପାରି ନୁହେଁ କି ସେପାରିର ନୁହେଁ ? ମଝି ନଈର ଦଦରା ନାଆର ନୀରବ ଯାତ୍ରୀ ସିଏ । କ'ଣ କଲା ସିଏ ? କ୍ଷଣିକ ରୂପ ସୌନ୍ଦର୍ଯ୍ୟର ଉତ୍ତେଜନାରେ ପ୍ରେମ ସାଗରକୁ ଡେଇଁପଡ଼ିଲା ? ମହାଦାନୀ 'କର୍ଣ୍ଣ' ଏତେ ଦୁର୍ବଳମନା, ହୀନମନା ? ହଜିଗଲା ତା'ରି ସପନର ସାଇତା ଶାମୁକାର ମୁକୁତା । ହାରିଗଲା ସିଏ ଜୀବନ ନାଟକର ଯନ୍ତ୍ରଣାରେ, ଦୁର୍ଦ୍ଦଶାର ଘୋର ମାନସିକତା ତାକୁ ଗ୍ରାସି ଗ୍ରାସି ଚାଲିଛି । କୋଉଠୁ ପାଇବ ସେ ଆଉ ସ୍ୱାଧୀନତା ? ମୁକ୍ତ ବିହଙ୍ଗୀର ଜୀବନକୁ ତ କାଠପିଞ୍ଜରାରେ ବନ୍ଦ କରି ଦେଉଛି ସେ ନିଜେ ନିଜେ । ପ୍ରେମ ଜାଣିଥିଲା, ହତାଶ ଜାଣି ନ ଥିଲା । ଯନ୍ତ୍ରଣା ଜାଣିଥିଲା, ଦରଜ ଜାଣି ନ ଥିଲା, ଅଭାବ ଶୁଣିଥିଲା, ତାତ୍ପର୍ଯ୍ୟ ବୁଝି ନ ଥିଲା, ପିଞ୍ଜରା ଦେଖିଥିଲା, ହେଲେ କାରା ଜୀବନ ଅନୁଭବ କରି ନ ଥିଲା । କାହାର ହବ ଆଉ ଦ୍ରୌପଦୀ ? ମନେପଡ଼ିଲା ତା'ର ଗୋପୀନାଥ ପୁରର । ପାଲା, ଦାସକାଠିଆ ଅପୂର୍ବ ସାହିତ୍ୟ ସଂସ୍କୃତି । କେଡ଼େ ଗାରିମାମୟ ଜୀବନ ଜୀଇଁଥିଲା ସେ ? 'ପ୍ରେମ'ର ସଂଜ୍ଞା ତା'ହେଲେ ଏଇପରି ଲୋକଦେଖାଣିଆ ଧନର ମାପକାଠିରେ ଗୁନ୍ଥା ? ଅତୀତର ସୁଖର ବାଲିଘର ଭାଙ୍ଗିଗଲା ଏଇ ବର୍ତ୍ତମାନର ଗୋଟିଏ ପବନର ଦଲକାଏରେ । ଅତୀତ ଆଉ ଫେରିବନି କି ସେ ଆଉ ଅନୂଢ଼ା କନିଆଁ ହୋଇପାରିବନି । ଆଉ ଗେଲବସରର ଦ୍ରୌପଦୀ ଫେରିପାରିବନି ପିତୃ ଆସରକୁ । ସମସ୍ତଙ୍କ ମନା ନ ମାନି 'କର୍ଣ୍ଣ' ରୂପର ଆଲୁଅରେ ସରୋଜର ପଥକୁ ଅନୁଗମନ କରିଥିଲା । ମାତ୍ର ଜୀବନ ଜଞ୍ଜାଳ ଯେ ମସ୍ତବଡ଼ ଦାୟିତ୍ୱ ଏକଥା ତା' ମୁଣ୍ଡରେ ଢୁକି ନ ଥିଲା । କେଉଁ ଦୁର୍ବଳ ମୁହୂର୍ତ୍ତରେ ପ୍ରେମରୂପକ ଅମାନିଆଁ ବଢ଼ନ୍ତା ବୃକ୍ଷଟିର ସର୍ଜନା ନିଜେ କରି ତା' ମୂଳରେ ଆଶା, ଆଶ୍ୱାସନା, ଭରସାର ଜଳ ଢାଳି

ବଢ଼େଇ ଚାଲିଥିଲା ବୃକ୍ଷଟିକୁ ଯେ, ସେ ଛାୟା ଦେବା ପରିବର୍ତ୍ତେ ତା'ରି ଉପରେ ଅକାଳରେ ମଡ଼ ମଡ଼ ହୋଇ ଭାଙ୍ଗିଚାଲିଲା ।

ଦ୍ରୌପଦୀର ଦୁର୍ଦ୍ଦଶା ବେଳୁବେଳ ବଢ଼ି ଚାଲିଥିଲା । ଅମାନିଆଁ ଲୁହର ତତଲା ଧାର ତା' ଗାଲ ଦେଇ ଶାଢ଼ୀ କୁଞ୍ଚକୁ ଓଦା କରିଦେଉଥିଲା । କ'ଣ ଏ ପ୍ରେମର ସଂଜ୍ଞା ତା'ହେଲେ ? ଅଭାବ ପାଖରେ 'ଭଲ ପାଇବାର' ମାନେ ମଧ୍ୟ ପାଣିଚିଆ ପଡ଼ିଯାଉଛି । ଅଗାଧ ଦୁଃଖ ବାରିଧିରେ ଦ୍ରୌପଦୀ କୂଳକିନାରା ପାଉନାହିଁ । 'ସରୋଜ'ର ସାଙ୍ଗମେଳ, ବୁଲାବୁଲିରେ କଟିଯାଉଛି ସମୟ । ସତେଯେମିତି ମାଗିଆଣିଲା ତିଅଣ ଗିନାଏ 'ଦ୍ରୌପଦୀ' । ସ୍ୱାଦ ଚାଖିବାର ସଉକ ନାହିଁ କି ଗିନା ଖାଲି ହୋଇଗଲେ ଦୁଃଖ ନାହିଁ । ନିଜେ ଯଦି କୌଣସି କାର୍ଯ୍ୟରେ ନିର୍ଦ୍ଦିଷ୍ଟ ଭାବରେ ମନ ଦେଇ ଶାରୀରିକ ପରିଶ୍ରମ କରି ରୋଜଗାରର ପନ୍ଥା ବାହାର କରନ୍ତା, ତା'ହେଲେ ହୁଏତ ଘର ଚଳିବାରେ ଅନେକ ସାହାଯ୍ୟ ହୋଇପାରନ୍ତା । ମାତ୍ର ସ୍ୱଳ୍ପ ଜମିବାଡ଼ିର ଆୟରେ ପିତାମାତାଙ୍କର ଅକ୍ଲାନ୍ତ ପରିଶ୍ରମରେ ଯାଇତାଇ ଖାଇବା, ପିନ୍ଧିବା ଚଳିଯାଉଛି । ହେଲେ ଏ ଭବିଷ୍ୟତର ସଂସାର ? ଦ୍ରୌପଦୀର କୌଣସି କଥାକୁ ଗୁରୁତ୍ୱ ଦିଏ ନାହିଁ ସରୋଜ । ସତେଯେମିତି ଏମିତ କ'ଣ ଗୋଟାଏ ଘଟଣା ଘଟିବାର ଥିଲା, ତାହା ସରିଯାଇଛି ।

ଦ୍ରୌପଦି ଆଖିରୁ ଲୁହ ପୋଛିଲା । ସିଏ କଲେଜରେ ଦି'ବର୍ଷ ପାଠ ପଢ଼ିଛି । ଗାଁ'ର ସୁଧାର ଝିଅ ବୋଲି ସେ ସମସ୍ତଙ୍କର ଆପଣାର ଥିଲା । ନାଃ କିଛି ଗୋଟାଏ ସିଦ୍ଧାନ୍ତ ସେ ନିଜେ ଗ୍ରହଣ କରିବ । ସଂସାରକୁ ଦେଖେଇଦେବ ସେ ନିଜ ଇଚ୍ଛାରେ ବିଭା ହୋଇଛି ବୋଲି ଅପାରଗ ନୁହେଁ । ଝିଅ ନାହିଁ ସତ; ହେଲେ ବୋହୂର ତ ମାନ୍ୟତା ପାଇଛି । ସରକାରୀ ଚାକିରି ନ ହେଲାନାହିଁ । ସେ ଏମିତି ଭାବରେ ଭାଙ୍ଗି ଯିବିନ । ସରୋଜ ଭଳି ସେ ନିର୍ମୂଳି ଲଟା ହୋଇପାରିବନି କିମ୍ବା ହାରିଯାଇ କୂଅ, ପୋଖରୀ, ଦଉଡ଼ି, ବିଷର ଆଶ୍ରୟ ବି ନବନି । 'ଦ୍ରୌପଦୀ' ଜୀବନରେ କେତେ ହାରିଯାଇ ନଥିଲେ । ଉପଯୁକ୍ତ ଭାବରେ ବଞ୍ଚି ରହିବା ପାଇଁ ତାଙ୍କ ଜୀବନରେ ଅନେକ କଷ୍ଟକୁ ସ୍ୱୀକାର କରିନେଇଥିଲେ । ପଞ୍ଚପତିଙ୍କୁ ସୁଖୀ ରଖି ସେ ଜୀବନ ନିର୍ବାହ କରିଥିଲେ । ଅତୀତରେ ବି କର୍ଣ୍ଣଙ୍କ ପ୍ରତି ଦୌପଦୀଙ୍କର ଆସକ୍ତି ରହିଥିଲା । ଏ ତ ମହାଭାରତ ଯୁଗର କଥା । ତେବେ ଆଜିର ଦ୍ରୌପଦୀ କର୍ଣ୍ଣରୂପୀ ସରୋଜକୁ ଜୀବନ, ତନ ଓ ମନ ଦେଇ ଭୁଲିଯାଇଛି ଆପଣାର କର୍ତ୍ତବ୍ୟ; ତଥାପି ଏ ସମାଜ ଏ ସଂସାର, ଏ ପରିବାରକୁ ସେ ନିଶ୍ଚେ କିଛି ସତ୍ ଶିକ୍ଷାଦେବ । ଝିଅମାନେ ଏମିତି ମନ ଦେଇ ଆପଣାର ଭବିଷତ୍ୟକୁ ନଷ୍ଟ ନ ହେବାର ପଥକୁ ଚିହ୍ନେଇଦବ । କ'ଣ ଦରକାର ଏପରି ଭଲପାଇବା କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ଆଗପଛ କିଛି ନ ଭାବି, ନ ବିଚାରି ଯେଉଁ ଜୀବନ ବିରାଟ ଭୁଲ୍‌କୁ ଆପଣେଇ ନେଇଛି । ଅନ୍ତତଃ ଏପରି ଭୁଲ୍‌ର ଶିକାର ଆଉ କୌଣସି ତରୁଣୀ ନ କରନ୍ତୁ । ଜୀବନର ଏହା ଏକ ମହାନ୍ ଶିକ୍ଷା, କାହକୁ ଆଉ କହିବ ? ଆପଣା ଦୋଷୁ ପ୍ରାଣୀ ମରେ । ଆଜିବି ଭାବିପାରେନି ଦ୍ରୌପଦୀ ଏତେ ବଡ଼ ଗୁରୁ ନିଷ୍ପତ୍ତିକୁ କେମିତି ସେ ଆଦରି ନେଲା ? ସଞ୍ଜ ନଇଁ ଆସିଲାଣି, ଗୋଧୂଳି ପଟଳରେ ଆଚ୍ଛାଦିତ ଗାଁ ଗୋହିରୀ । ଛୋଟ ବଡ଼ ଛୁଆଗୁଡ଼ିଏ ଖେଳୁଛନ୍ତି ଦଉଡ଼ାଦଉଡ଼ି କରି । ଆହାଃ କେଡ଼େ ସୁନ୍ଦର ଏଇ ପ୍ରଜାପତି ଭଳି ଡେଇଁଡେଇଁବା ଜୀବନ । ଆଚ୍ଛା, ଏଇମାନଙ୍କୁ ନେଇ ଶିକ୍ଷାଦୀକ୍ଷା ଦେଇ ଶିକ୍ଷିତ କରାଇଲେ ତ ଜୀବନଟା ଅନ୍ତତଃ ଟିକିଏ ଖୁସିରେ କଟନ୍ତା । ଆପଣାର ଲାଗନ୍ତି ତାକୁ ସଭିଏଁ । ଯିଏ ଯେତିକି ସକ୍ଷମ ସେତିକି ପାରିଶ୍ରମିକ ଦେଇପାରିଲେ ସେ ବି ଖୁସି ହବ । ତା'ର ଇଚ୍ଛା ସେ ନିଜେ କିଛି କାର୍ଯ୍ୟକ୍ଷମ ହୋଇ ଏ ମାନସିକ ଦୁଃଶ୍ଚିନ୍ତାକୁ ଲାଘବ କରିବ । ଅନ୍ଧାର ଘୋଟିଆସିଲାଣି । ପିଣ୍ଡା ଉପରୁ ଘର ଭିତରକୁ ଗଲା ଦ୍ରୌପଦୀ । ତା' ଆଖି ଆଗରେ ଭାସିଉଠିଲା କର୍ଣ୍ଣର ସେଇ କବଚକୁଣ୍ଡଳର ରକ୍ଷାକାରୀ ବର୍ତ୍ତୁଳ ଚନ୍ଦ୍ର, ସୂର୍ଯ୍ୟ ପରି ତେଜୋଦୀପ୍ତ ଶକ୍ତିସ୍ୱରୂପ । ମାତ୍ର ମହାଦାନୀ କର୍ଣ୍ଣ ସେତକ ବି ଦାନ କରିଥିଲେ ଆପଣା ବ୍ୟକ୍ତିତ୍ୱ ନିମନ୍ତେ । ଏଇଠି ତା'ର ପ୍ରେମର ଅୟମାରମ୍ଭ । ଭଲପାଇବାର ଅଙ୍କୁରୋଦ୍‌ଗମ ହୋଇଥିଲା । ସେ ସତ୍ୟ ମାନିଥିଲା ନାଟକଟିକୁ । ବିଭୋର ହୋଇଥିଲା ଆଉ ପ୍ରେମ କରି ବସିଲା ଅବୁଝା ସରୋଜକୁ । ସାରା ରାତି ସେ ଶୋଇ ପାରିଲା ନାହିଁ ଭଲରେ । ତା' ଆଖିଆଗରେ ଭାସିଉଠିଲା ଏକ ନବସକାଳର ପହିଲି ଆଲୋକ । ସେ ନିଜକୁ ମୁକ୍ତ କରିବ । ଛୋଟ ଛୋଟ ପିଲାମାନଙ୍କୁ ଶିକ୍ଷା ଦେଇ ଶିକ୍ଷିତ କରି ସମାଜରେ ଦିଗ୍‌ଦର୍ଶନ ଦେବ । ରାତ୍ରିର ଅନ୍ଧକାର କ୍ରମେ ଦୂରେଇ ଯାଉଥିଲା । ଦ୍ରୌପଦୀ ଅପେକ୍ଷା କଲ ନବ ଉଷାର ପହିଲି ଆଲୋକକୁ.... ।

*- ପ୍ରଜ୍ଞାଶ୍ରୀ ସାହିତ୍ୟ ସଂସଦ, ବଡ଼ଚଣା, ଯାଜପୁର*

# କର୍ମଫଳ

- ପ୍ରଦୀପ୍ତ କୁମାର ଦାଶ

ରଘୁ ବେହେରା ଜଣେ କୃଷକ । ରଘୁ ଓ ତା' ସ୍ତ୍ରୀ କେଲୁଣୀକୁ ନେଇ ତା'ର ସଂସାର । ସକାଳୁ ସଞ୍ଜ ପର୍ଯ୍ୟନ୍ତ ଜମିରେ ସେ ଅକ୍ଳାନ୍ତ ପରିଶ୍ରମ କରେ । ଜମିବାଡ଼ି, ଘରଡ଼ିହ କେଉଁଥିରେ କମ୍ ନାହିଁ । କେଲୁଣୀ ଦୁଇ ଦୁଇଟା ପିଲାଙ୍କୁ ଜନ୍ମ ଦେଇଛି । କିନ୍ତୁ ଦୁର୍ଭାଗ୍ୟକୁ କେହି ବଞ୍ଚିଲେ ନାହିଁ । ଦୁହିଁଙ୍କର ପିଲାପିଲି ନଥିବାରୁ ବହୁତ ମନ ଦୁଃଖ । ତାଙ୍କର କେଉଁଥିରେ ଅଭାବ ନ ଥିଲେ ମଧ୍ୟ ଏହି ଅଭାବ ତାଙ୍କୁ ବହୁତ ବାଧୁଥିଲା । ଦିନ ପରେ ଦିନ ଅତିକ୍ରାନ୍ତ ହୋଇଚାଲିଲା । ସେମାନେ ସ୍ଥିର କଲେ ଭଣଜାକୁ ପୁଅ କରି ଆଣିବେ, ଯିଏ କି ବାର୍ଦ୍ଧକ୍ୟ ସମୟରେ ତାଙ୍କର ସହାୟ ହେବ । ତାଙ୍କର ପିଣ୍ଡପାଣି ଦେବ ଓ ଜମିବାଡ଼ି ଘରଡ଼ିହର ଦେଖାଶୁଣା କରିବ । ଭଣଜା ସୁଦାମକୁ ସେମାନେ ପୁଅ କରି ଆଣିଲେ । ବେଶ୍ ହସିଖୁସିରେ ରଘୁ ବେହେରାର ସମୟ ଅତିକ୍ରାନ୍ତ ହେଲା । ରଘୁ ବେହେରା ପୁଅକୁ କୌଣସି କାମ କରିବାକୁ ଦିଏ ନାହିଁ । ଯେତେ କଷ୍ଟ ହେଉପଛେ ନିଜେ କରେ । ପୁଅକୁ ଅତି ଯତ୍ନରେ ଓ ସ୍ନେହରେ ସେମାନେ ବଡ଼ କଲେ । ପୁଅର କୌଣସି ଅଭାବ ହେବାକୁ ଦେଲେ ନାହିଁ। ପୁଅ ମଧ୍ୟ ବାପାମାଆଙ୍କୁ ସମ୍ମାନ ଦେଉଥିଲା ଓ ଭଲପାଉଥିଲା । ପୁଅର ବିବାହ ବୟସ ହେବାରୁ ତା'ର ବିବାହ ମଧ୍ୟ କରାଇଦେଲେ । ବୋହୂ ମଧ୍ୟ ଶାଶୂ, ଶ୍ୱଶୁରଙ୍କ ଉପଯୁକ୍ତ ସେବାଯତ୍ନ କଲା । ରଘୁ ଓ କେଲୁଣୀ ବହୁତ ଆନନ୍ଦରେ ସମୟ ବିତାଇଲେ; କିନ୍ତୁ ବିଧିର ବିଧାନ ବଡ଼ ବିଚିତ୍ର । ବର୍ଷକ ମଧ୍ୟରେ ବୋହୂ ଆରପାରିକୁ ଚାଲିଗଲା । କୁଳ ରକ୍ଷା କଥା ସେମାନଙ୍କୁ ପୁଣି ଘାରିଲା । ପୁଅକୁ ସେମାନେ ଦ୍ୱିତୀୟ ବିବାହ କରାଇଲେ । ଏଇଠୁ ଆରମ୍ଭ ହେଲା ବିପର୍ଯ୍ୟୟ । ଦ୍ୱିତୀୟ ସ୍ତ୍ରୀ ସଚଳା ଥିଲା ଉଗ୍ର । ଅମାନବିକତାର ସବୁ ଲକ୍ଷଣ ତା'ଠାରେ ସବାର ହୋଇଥିଲେ । ରଘୁ ଓ କେଲୁଣୀ ବାର୍ଦ୍ଧକ୍ୟରେ ଉପନୀତ ହୋଇସାରିଥିଲେ । ବାର୍ଦ୍ଧକ୍ୟ ଅବସ୍ଥାରେ ସେବାଯତ୍ନ ପାଇବା ଆଶାରେ ସେମାନେ ଯେଉଁ ପୁଅ କରି ଆଣିଥିଲେ ତାହା ଆଶାରେ ରହିଗଲା । ବୋହୂର ଅତ୍ୟାଚାରରେ ସେମାନେ ଅତିଷ୍ଠ ହୋଇଉଠିଲେ; କିନ୍ତୁ ସେମାନଙ୍କର କିଛି ଚାରା ନ ଥିଲା । ପୁଅ ମଧ୍ୟ ବୋହୂ କଥାରେ ପରିଚାଳିତ ହେଲା । ଯେଉଁ ବୟସରେ ସେମାନେ ବିଶ୍ରାମ ନେବା କଥା, ସେମାନଙ୍କୁ ଗଧ ପରି ଖଟିବାକୁ ପଡ଼ିଲା । କାମରେ ଟିକେ ଏପଟସେପଟ ହେଲେ, ବୋହୂ ବାଡ଼ିରେ ବାଡ଼େଇବାକୁ ପଛାଇଲା ନାହିଁ । ପୁଅର ଖରାପ ବ୍ୟବହାର ଅସହ୍ୟ ଥିଲା । ରଘୁ ବେହେରା ସର୍ବଦା ଉଦୟ ସୂର୍ଯ୍ୟଙ୍କୁ ନମସ୍କାର କରି ନିଜର ଦୁଃଖ ଜଣାଏ ଓ କାନ୍ଦି ପକାଏ । ଶେଷରେ କେଲୁଣୀ ଆଖି ବୁଜିଲା । ବୁଢ଼ା ଏକୁଟିଆ ହୋଇଗଲା । ବୁଢ଼ା ଉପରେ ଦୁହିଁଙ୍କ ଅତ୍ୟାଚାର ବଢ଼ିଚାଲିଲା । ବୁଢ଼ାକୁ ଅନେକ ସମୟରେ ଉପବାସରେ ରହିବାକୁ ପଡ଼ିଲା । ବୁଢ଼ା କେବଳ ନିଜର ଦୁଃଖ ପ୍ରତିଦିନ ଧର୍ମଦେବଙ୍କୁ ଜଣାଉଥାଏ । ଶେଷରେ ବୁଢ଼ା ମଧ୍ୟ ଆଖି ବୁଜିଲା । ସୁଦାମ ଓ ସଚଳା ଭାବିଲେ ସେମାନଙ୍କର କଣ୍ଟା ଗଲେ । ଏବେ ସେମାନେ ଖୁସିରେ ରହିବେ । ସମୟକ୍ରମେ ସୁଦାମ ଓ ସଚଳା ସେମାନଙ୍କର ପୁଅର ବିବାହ କରାଇ ଘରକୁ ବୋହୂ ଆଣିଲେ । ବିଧିର ବିଧାନ ବଡ଼ ବିଚିତ୍ର । କଥାରେ ଅଛି – "God sees the truth but waits" ଏହି କଥା ସତ୍ୟରେ ପରିଣତ ହେଲା । ବୋହୂ ସ୍ୱପ୍ନା ଥିଲା । ସେ ସଚଳାଠାରୁ ଥିଲା ଅଧିକ ଉଗ୍ର ଓ ଦୁର୍ଦ୍ଦାନ୍ତ । ନାରୀର ଅନେକ ଲକ୍ଷଣ ତା'ଠାରେ ନ ଥିଲା । ବିବାହର ମାସକ ମଧ୍ୟରେ ସେ ସୁଦାମ ଓ ସଚଳା ଉପରେ ଅତ୍ୟାଚାର ଆରମ୍ଭ କରିଦେଲା । ଈଶ୍ୱର ଯେପରି ସ୍ୱପ୍ନାକୁ ସେଇଥିପାଇଁ ପଠାଇଥିଲେ । ଏହା ଏକ ବିଚିତ୍ର ସଂଯୋଗ ଥିଲା । ସଚଳା ତା' ଶାଶୂକୁ ଯେଉଁ ପ୍ରକାର ବାଡ଼ିରେ ବାଡ଼େଇଥିଲା, ସ୍ୱପ୍ନା ସେଇ ପ୍ରକାର ବାଡ଼ିରେ ସଚଳାକୁ ବାଡ଼େଇଲା । ଏକଥା ଯିଏ ଶୁଣିଲେ ତାଙ୍କୁ ଏହା କାହାଣୀ ପରି ଲାଗିଲା; କିନ୍ତୁ ଏହା କାହାଣୀ ନ ଥିଲା । ଏହା ଥିଲା ସତ୍ୟ ଓ ବିଚିତ୍ର ସଂଯୋଗ । ମାସକ ମଧ୍ୟରେ ସ୍ୱପ୍ନା ଯେଉଁପ୍ରକାର ଅତ୍ୟାଚାରୀ ଓ ହିଂସ୍ର ହୋଇଉଠିଲା, ସେଇ ଚିନ୍ତାରେ ସୁଦାମର ଅକାଳ ବିୟୋଗ ଘଟିଲା । ବିଚରା ସଚଳା ଏକୁଟିଆ ବୋହୂକୁ ପ୍ରତିରୋଧ କରି ନ ପାରି ଘର ଛାଡ଼ିଲା । କଳିଯୁଗରେ କର୍ମର ଫଳ ଯେ ଏତେଶୀଘ୍ର ମିଳିଯାଏ ଲୋକେ ଶୁଣି ଓ ଦେଖି ବିଶ୍ୱାସ କରିପାରିଲେ ନାହିଁ ।

*- ସାଗବାରିଆ, ତିରଣ, ଜଗତ୍‌ସିଂହପୁର*

# ଉଲ୍‌କା

- ସୁଧାମୟୀ ଦାସ

ବହୁଦିନ ପରେ ଦେଖା.....

ବାଣୀବିହାର ଗେଟ୍ ପାଖରେ, ଯେଉଁଠି ବିଶ୍ୱବିଦ୍ୟାଳୟକୁ ପ୍ରବେଶ ପଥ । ଠିକ୍ ତା'ରି ପାଖରେ ଶୁଭ୍ରବସନା ତଥା ସୁଶ୍ରୀ ଗୋଟିଏ ତରୁଣୀ କାନ୍ଧରେ ଭ୍ୟାନିଟ୍ ବ୍ୟାଗ୍‌ଟିଏ । ତାହା ବି ଧଳା, ଧଳା ଚପଲ, ଧଳା ଟିପା, ଏମିତି ଧବଳମୟ ତଥା ଚଳନ୍ତ୍ ବରଫ ସ୍ତମ୍ଭଟିଏ ଭଳି ଆଗକୁ ଆଗକୁ ମାଡ଼ି ଚାଲିଥାଏ ।

ତରୁଣୀଟିକୁ ଥରୁଟିଏ ଚାହିଁ ଦେବାପରେ ପୁଣି ଥରେ ଚାହିଁବାକୁ ଇଚ୍ଛା ହେଲା ।

ଚିହ୍ନା ଚିହ୍ନା ଲାଗିଲା ।

ପାଖକୁ ଯିବାକୁ ଇଚ୍ଛାଥିଲେ ବି ସମ୍ଭ୍ରମ ଭୟରେ ବିବେକ ବାଧା ଦେଉଥାଏ, କେଉଁଠି ଦେଖିଥିଲି ?

ମନେପକାଇଲେ ବି ମନେପଡୁ ନ ଥିଲା । ତରୁଣୀ ଜଣକ ଗେଟ୍ ଡେଇଁ ଭିତରକୁ ପଶିଲେ, ବିଶ୍ୱବିଦ୍ୟାଳୟ ଭିତରକୁ, କାମ ନ ଥିଲେ ବି ତରୁଣୀଙ୍କ ପଛେ ପଛେ ଗଲି । ମନରେ କୌତୂହଳ, କେଉଁଠି ଦେଖିଛି, ମନରେ ମଧ୍ୟ କେତେ କେତେ ସାଉଁଟା ଅନୁଭୂତିକୁ କାନିପାତି ଖେଳେଇ ଖୋଜି ହେଉଥାଏ ସେଇ ତରୁଣୀଙ୍କ ପରିଚୟ ।

ବ୍ୟସ୍ତ ଜୀବନ ଓ ଅବିନ୍ୟସ୍ତ କାର୍ଯ୍ୟକାରିତା ଭିତରେ ଏମିତି ଚିହ୍ନା ଚିହ୍ନା ମଣିଷଙ୍କର ମଧ୍ୟ ପରିଚୟ ଖୋଜିବାକୁ ପଡ଼େ ।

ବାଣୀବିହାର କାଉଣ୍ଟର୍........ କାଉଣ୍ଟରରେ ଲମ୍ବା ଲାଇନ୍ । ପି.ଭି.ଟି. ପି.ଜି ପିଲାଙ୍କ ପାଇଁ ଫର୍ମ ଦିଆଯାଉଥିଲା । ସେଇଠି ଛିଡ଼ାହେଲେ ତରୁଣୀ ଜଣକ, ପ୍ରାୟ ୪୦-୫୦ ଜଣଙ୍କ ପଛରେ । ରୁମାଲ କାଢ଼ି ମୁହଁରୁ ଝାଳ ପୋଛିଲେ, ମୁଁ ମଧ୍ୟ ତାଙ୍କ ଅଜାଣତରେ ତାଙ୍କ ପଛରେ ଛିଡ଼ାହେଲି ।

ଶୁଣିବେ କି ? ଖୁବ୍ ସନ୍ତର୍ପଣରେ କହିଲି । ବୁଲି ଚାହିଁଲେ, ଚିହ୍ନିଲେ ବୋଧେ । କହିଲେ ନମସ୍କାର – ବେଶ୍ ଶୁଖିଲା ଶୁଖିଲା ଲାଗିଲା ।

ଚମକିପଡ଼ିଲି, ସେଇ କଣ୍ଠ, ସେହି ହସ, ହେଲେ ଯାହା ମୁହଁଟି ଶୁଖିଯାଇଛି ।

କଅଣ ଏମିତି ହେଲା, ଯଦି ସେ ହୋଇଥାନ୍ତି ? ମୁହଁଟି ବେଶ୍ ମଳିନ ଦେଖାଯାଉଛି, ଯେଉଁ ମୁହଁରେ ସେଦିନ ଚପଳାଖେଳା କରୁଥିଲା, ସେଥିରେ ଆଜି ଅନ୍ଧାର ଘୋଟିଯାଇଛି କାହିଁକି ? ପଦେ କଥାରେ ଯିଏ ଅନର୍ଗଳ ଅଯଥା ଗୁଡ଼ାଏ ବକ୍ ବକ୍ କରି ଚାଲିଥାଏ । ସେ ଆଜି ନମସ୍କାରଟିଏ ଜଣାଇ ପୁଣି ଆଗକୁ ମୁହଁ କରି ଛିଡ଼ା ହୋଇଛନ୍ତି କାହିଁକି ? ଯେମିତି ନମସ୍କାରଟିଏ କରିବା ତାଙ୍କର କର୍ତ୍ତବ୍ୟ ଓ ସେତକ କହିସାରି ସେ ଚିନ୍ତାମୁକ୍ତ ।

ମନେ ମନେ ଚିନ୍ତା କରୁଥିଲି ବିଗତଦିନର କଥାକୁ.....

ବସ୍‌ଟି ରହିଲା ଆମ ଗାଁ ବସ୍ ଷ୍ଟାଣ୍ଡରେ..... ବହୁ ଯାତ୍ରୀଙ୍କ ପରି ମୁଁ ମଧ୍ୟ ଭୁବନେଶ୍ୱର ପାଇଁ ବସ୍‌ରେ ଉଠିଲି । ଭିଡ଼ ଠେଲି ଠେଲି ବସ୍ ପଛ ଆଡ଼କୁ ଆସିଲାବେଳକୁ ଦେଖିଲି ଦୁଇଜଣିଆ ସିଟ୍‌ରେ ଜଣେ ତରୁଣୀ ପାଖରେ ତାଙ୍କର ୭-୮ ବର୍ଷର ବାଳକଟିଏ । ବାଳକଟିକୁ କୋଳକୁ ଆଣି ତରୁଣୀଙ୍କ ପାଖରେ ବସିଲି ।

କୌଣସି ପ୍ରତିକ୍ରିୟା ନାହିଁ...... ।

'ମୋତେ ଦିଅନ୍ତୁ ଧରୁଛି' । ତରୁଣୀ ଜଣକ କହିଲେ–

ନା, ଠିକ୍ ଅଛି, ମୋତେ କିଛି ଅସୁବିଧା ହେଉନାହିଁ । ଆପଣ କେଉଁଠିକୁ ଯିବେ ?

ଭୁବନେଶ୍ୱର ବାପଘର । ମା'ଙ୍କ ଦେହ ଖରାପ ଖବର ପାଇଯାଉଛି ଛୋଟ ଦିଅରକୁ ସାଙ୍ଗରେ ଧରି । ଘରେ କେହି ନାହାନ୍ତି, ଇଏ ତ ବାହାରେ । ହୁଏତ ଅନ୍ୟ କିଛି ପ୍ରଶ୍ନର ସାମ୍ନା ନ କରିବା ପାଇଁ ଏକାଥରକେ କହିଗଲେ ତରୁଣୀ ଜଣକ...... ।

ବାସ୍ ଆଉ କିଛି ନ ପଚାରିବାକୁ ଠିକ୍ ଭାବିଲି । ହଠାତ୍ ଗୋଟିଏ ଅଭାବିତ ପରିସ୍ଥିତିକୁ ସାମ୍ନା କରିବି ସେଥିପାଇଁ ପ୍ରସ୍ତୁତ ନ ଥିଲି ।

''କିବେ ବାହାତୋଳା ହୋଇ ସାଙ୍ଗରେ ଧରି ବୁଲ ବାହାରିଲୁଣି ।'' ଆମକୁ ଟିକେ ଜଣେଇଲୁନି । 'ଭାଉଜ ନମସ୍କାର ।'

କିଏ ଭାଉଜ ? କାହାକୁ କିଏ କହୁଛି ବୁଝିବା ପୂର୍ବରୁ ଦେଖିଲି ପ୍ରକାଶ । ମୋର ସାଙ୍ଗ, ମୋରି ଉଦ୍ଦେଶ୍ୟରେ ହସି ହସି କହୁଛି ।

ଅପ୍ରସ୍ତୁତ ହୋଇପଡ଼ିଲି । ବିଚରା ଭଦ୍ରମହିଳା ! ମୋର ଅସହାୟତାକୁ ହୃଦୟଙ୍ଗମ କରି 'ଭାଉଜ ନମସ୍କାର' ର ପ୍ରତି ନମସ୍କାର ଜଣାଇସାରିଥାନ୍ତି । ହୁଏତ ପୁରୁଷ ଜାତିର ଅବିବେକୀତାକୁ ମନରେ ଘୃଣା କରୁଥିବେ ତରୁଣୀ ଜଣକ; ତଥାପି ପରିସ୍ଥିତିକୁ ହାଲୁକା କରିବା ପାଇଁ ପ୍ରକାଶ ନମସ୍କାରର ଉତ୍ତର ଦେଇଥିବେ ଯାହା।

ହେଲେ ପ୍ରକାଶ, ସେ ସବୁବେଳେ ସେଇଆ । କହିଲି 'ପିଲାଳିଆମୀ ତୋର ଗଲାନି ଦେଖୁଛି, ତୁ ସବୁବେଳେ ସେହିପରି ରହିଗଲୁ ?'

ପ୍ରକାଶ ହସିଲା ଠୋ ଠୋ ହୋଇ.......

ତାକୁ ମନା କରିପାରୁନି ସେ ମୋର ସ୍ତ୍ରୀ ନୁହେଁ । ସେ ମୋର ପରିଣୀତା ନୁହେଁ । ସେ ସଂପୂର୍ଣ୍ଣ ଅପରିଚିତ ମୋ ପାଇଁ........ ।

ମନା ନ କରିପାରିବାର କାରଣ ଖୋଜିଲି, କାହିଁକି ମନା କରିଦେଲେ ତ କିଛି କ୍ଷତି ନାହିଁ ? ହେଲେ ତରୁଣୀ ଜଣକ ଯେ ପ୍ରତି ନମସ୍କାର ଜଣାଇ ସେ ରାସ୍ତା ବନ୍ଦ କରିଦେଇଛନ୍ତି । ଏତେ ଲୋକ ସାମ୍ନାରେ ଯିଏ ନମସ୍କାର ଜଣାଇଛି, ସେଠି ପ୍ରକାଶକୁ ମନା କଲେ ହୁଏତ ତରୁଣୀ ଜଣକ ଅପମାନିତ ହେବେ ବରଂ ଚୁପ୍‌ଚାପ୍ ବସି ରହିବା ଭଲ ।

ପ୍ରକାଶ ! ଆଉ ଏବେ ତୋର ଖବର କଅଣ ? ପି.ଜି. ପରେ ଏମ୍.ଫିଲ୍ କଲୁ କି ନାହିଁ ? କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ କେମିତି ଲାଗିଲା ? କଥାକୁ ବୁଲାଇବାକୁ ଗୁଡ଼ାଏ କଥା ପଚାରିଗଲି ।

ହଁ,ରେ ଭାଇ ! ତୁମେ ତ ଚାକିରି କଲ, ବିଭାତୋଳା ବି ହେଲ, ଆମ କଥା ପଚାରେ କିଏ ? ମୁଁ ଗୋଟେ ପ୍ରାଇଭେଟ୍ କଲେଜରେ ଏବେ ଅଛି, ଅନିଶ୍ଚିତ ଭବିଷ୍ୟତ । କିଏ ଆମକୁ ଝିଅ ଦେବ କହିଲୁ ?

ତରୁଣୀ ଜଣକ ହସୁଥାନ୍ତି ମୃଦୁ ମୃଦୁ......

ହୁଏତ ଇଚ୍ଛା ବିରୁଦ୍ଧରେ

ବରମୁଣ୍ଡା ବସଷ୍ଟାଣ୍ଡ୍.... । ବସ୍ ରହିଲା । ସମସ୍ତେ ଓହ୍ଲାଇଲୁ । ପ୍ରକାଶ କହିଲା, ଭାଉଜ ଆସନ୍ତୁ ଗୋଟେ ଗୋଟେ କୋଲଡ ଡ୍ରିଙ୍କ୍‌ସ ନେବା । ମୁଁ ମନା କଲି, ତରୁଣୀ ଜଣକୁ ରକ୍ଷା କରିବା ପାଇଁ । ଲକ୍ଷ୍ୟ କଲି ଲଜ୍ଜା ଓ ସଂକୋଚରେ ତାଙ୍କ ମୁହଁ ଲାଲ୍ ପଡ଼ିଯାଇଛି ।

ଅଗତ୍ୟା କେବଳ ପରିସ୍ଥିତିକୁ ସମ୍ଭାଳି ନେବାକୁ ସେ ଆମ ପଛେ ପଛେ ଚାଲିଲେ । କୋଲ୍‌ଡ୍ରିଙ୍କ୍‌ସ ପର୍ବ ସରିବା ପରେ ପ୍ରକାଶ ଆମଠାରୁ ବିଦାୟ ନେଲା, ପୁଣି ଭେଟିବାର ପ୍ରତିଶ୍ରୁତି ଦେଇ ।

କ୍ଷମା ମାଗିଲି, ପ୍ରକାଶର ଧୃଷ୍ଟତା ପାଇଁ । ଆରେ ନାଇଁ ନାଇଁ, ଏମିତି ବି ହୋଇଯାଏ । ଆମ ଏତେ ବ୍ୟସ୍ତ ଭିତରେ ଥାଉ ଯେ, କେଉଁଟା ଭୁଲ୍ କେଉଁଟା ଠିକ୍ ହଠାତ୍ ବୁଝିପାରୁନା । ସେଥିପାଇଁ ତ ଆମେ ମଣିଷ । ଆପଣ ବୋଧହୁଏ ଜାଣିଥିବେ, ''ଭୁଲ୍ କେବଳ ମଣିଷ ହିଁ କରିଥାଏ । ମଣିଷ ଭିନ୍ନ କୌଣସି ଜୀବନ୍ତ ପ୍ରାଣୀ ଭୁଲ୍ କରନ୍ତି ନାହିଁ ।''

ତରୁଣୀଙ୍କର ବାକ୍‌ଚାତୁରୀ ତଥା ପରିସ୍ଥିତିକୁ ସମ୍ଭାଳିବାର କ୍ଷମତାକୁ ମନେ ମନେ ପ୍ରଶଂସା କଲି । ପୁଣି ଥରେ କ୍ଷମା ମାଗି ତାଙ୍କଠାରୁ ବିଦାୟ ନେଲି ।

ତା' ପରଠାରୁ, ସେହି ତରୁଣୀ ଜଣଙ୍କ ସହିତ ମୋର ଆଉ କେବେ, କେଉଁଠାରେ ବି ଭେଟ ହୋଇ ନ ଥିଲା । ହଠାତ୍ ଦୀର୍ଘ ତିନିବର୍ଷ ପରେ ହଠାତ୍ ବାଣୀବିହାର ଭିତରେ ଯେ ଭେଟ ହେବ, ତାହା କେବେ କଳ୍ପନା କରି ନ ଥିଲି । ଏହାକୁ ଏକ ଦୁର୍ଘଟଣା ଭାବି ଭୁଲିଯାଇଥିଲି ।

କୁଆଡ଼େ ଆସିଥିଲେ ।

ପି.ଜି. ପାଇଁ ପ୍ରାଇଭେଟ୍ ଫର୍ମ ଫିଲ୍‌ଅପ୍ କରିବି ତ, ତେଣୁ ଆସିଥିଲି ଫର୍ମଟିଏ ନେବାକୁ । ମୋର ତ ଆଉ କୌଣସି ଉପାୟ ହିଁ ନାହିଁ ।

ମାନେ...... ପ୍ରଶ୍ନ କଲି ।

ମାନେ କିଛି ନାହିଁ, ଯାହାକୁ ଆଶ୍ରା କରିଥିଲି, ଜୀବନରେ ଗୁଡ଼ାଏ ସ୍ୱପ୍ନ ଯାହାକୁ ନେଇ ଦେଖିଥିଲି, ସେ ଆଉ ନାହାନ୍ତି । ତେଣୁ ମୋତେ ତ ପୁଣି କିଛି ଗୋଟେ କରିବାକୁ ପଡ଼ିବ । ତା'ପରେ ଘରେ ବସି ବସି ସମୟ କଟୁନି । ତେଣୁ ଭାବିଲି ଟାଇମ୍ ପାସ୍ ପାଇଁ ପରୀକ୍ଷାଟା ଦେଇଦେବି । ତରୁଣୀ ଜଣକ ଲୁହ ପୋଛିଲେ ଏତକ କହି । ସମବେଦନା ଜଣାଇବାକୁ ମୋ ପାଖରେ ଭାଷା ନ ଥିଲା, ପଚାରିଲି 'କେମିତି ଏ ସବୁ ହେଲା ?'

ସେମିତି କିଛି ନୁହେଁ । ବାରିପଦାର ସେଇ କାଳାନ୍ତକ ମଧୁବନର ଅଗ୍ନିକାଣ୍ଡରେ ସେ ଚାଲିଗଲେ । ଏତେ ଭଲ ଲୋକଙ୍କୁ ବୋଧହୁଏ ଠାକୁର ତାଙ୍କ ପାଖକୁ ଶୀଘ୍ର ନେଇଗଲେ, ମୋତେ ଯାହା ପାପବୋଧ ଭିତରେ ଘାଣ୍ଟି ହେବାକୁ ଛାଡ଼ିଗଲେ ।

କିଭଳି ଯେ ସାନ୍ତ୍ୱନା ଦେବି ଭାବିପାରୁ ନ ଥିଲି । ''ସ୍ୱାମୀଙ୍କ ମୃତ୍ୟୁକୁ ଯିଏ ଠାକୁରଙ୍କର ଆଶୀର୍ବାଦ ବୋଲି ଭାବି ନେଇଛନ୍ତି, ତାଙ୍କ ପାଇଁ ମୋ ପରି ଜଣେ ନାସ୍ତିକ, କିଭଳି ବା ସାନ୍ତ୍ୱନା ଦେବ, ତାହାହିଁ ଭାବୁଥିଲି ।

ପଚାରିଲି, ଠାକୁରଙ୍କର ପ୍ରତି ଆପଣଙ୍କର ମନ କେତେବେଳେ ବିଦ୍ରୋହ କରେ ନି ?

କହିଲେ, ସେପରି କୁହନ୍ତୁନି, ଠାକୁର ଯାହା ଠିକ୍ ବୋଲି ଭାବନ୍ତି ତାହାହିଁ କରନ୍ତି ଏବଂ ଆମେ ତାଙ୍କରି ନିର୍ଦ୍ଦେଶରେ କାମ କରୁ, ଆଜି ସେ ଗଲେ, କାଲି ମୁଁ ଯିବି ।

ମୃତ୍ୟୁ ତ ନିଶ୍ଚିତ, ମୃତ୍ୟୁ ହିଁ ସତ୍ୟ, ତେବେ ମଣିଷ ହିସାବରେ ଯାହା ଦୁଃଖ ଲାଗେ ।

କାଉଣ୍ଟରରେ ହାତ ଭରିଲେ ତରୁଣୀ ଜଣକ । ଫର୍ମ ଆଣି ବୁଲିପଡ଼ିଲେ । ନମସ୍କାର ଜଣାଇଲି, ହାତ ଦୁଇଟା ଉଠାଇ ପ୍ରତି ନମସ୍କାର ଜଣାଇ ଜଣାଇ ଆଗକୁ ଚାଲିବାକୁ ଆରମ୍ଭ କଲେ ।

ମୁଁ କେବଳ ତାଙ୍କରି ଚଲାପଥକୁ ଚାହିଁଥିଲି, ଭାବୁଥିଲି । ''ସତରେ କକ୍ଷଚ୍ୟୁତ ଉଲ୍‌କାଟିଏ, ଲକ୍ଷ୍ୟ ଭ୍ରଷ୍ଟ ହୋଇ ଘୁରିବୁଲୁଛି ଯେପରି..........'' ।

*- ୱା.ନଂ.-୧୦, ସୂର୍ଯ୍ୟ ନିବାସ, ବାରିପଦା, ମୟୂରଭଞ୍ଜ*

# ଉଜୁଡ଼ା ସଂସାର ସଜାଡ଼ି ହେଲା

**- ବନଲତା ସିଂହ**

ବାଡ଼ିଖିଆ ଅଳପେଇଷା.......ସବୁଦିନେ ମଦ ଖାଇ ପକେଟ ଖାଲି କରି ରାସ୍ତାକଡ଼ରେ ଶୋଇପଡୁଛୁ ? ତିନି ତିନିଟା ଛୁଆ । ତା' ସାଥିରେ ଅଶିବର୍ଷର ପାକେଲା ବୁଢ଼ୀ । ମୁଁ କେମିତି ତାଙ୍କୁ ଢୋକ ପାଣି ଦେବି । ଯାହା ତ ଥିଲା ସବୁ ବିକିରି କରି ସାରିଲିଣି, ଆଉ କ'ଣ ଅଛି ? କାନକୁ ହଲେ ଚମ୍ପାକଢ଼ି ଆଉ ବେକକୁ ହଲେ କଣ୍ଠି ବାପଘରୁ ଆଣିଥିଲି । ସେତକ ବି ବିକି ମଦ ଖାଇଲୁ ? ମୁଁ ଏବେ କ'ଣ କରିବି ? ଆରେ ଧରମ ଛଡ଼ା...... ବାହାରେ ପଡ଼ି ମଶାମାଛିଙ୍କୁ ଯେତିକି ରକ୍ତ ଦେଉଛୁ......ସେହି ରକ୍ତରୁ ଟିକିଏ ବିକ୍ରି କରି ପଇସା ଆଣିଲେ ମୋ ଛୁଆ ଖାଆନ୍ତେ........ ।

ଚିତ୍କାର କରି ଘର ଫଟାଉଥିଲା 'ସର'.......... ପିଣ୍ଡାରେ ବେହୋସ ହୋଇପଡ଼ିଛି ଶତ୍ରୁରା । ଛୋଟ ଚାକିରିଟିଏ କରିଛି, ଅଳପ ଦରମା । ତିନୋଟି ପିଲା, ବୁଢ଼ୀ ମା' ଆଉ ନିଜର ସ୍ତ୍ରୀଙ୍କ ପେଟ ପୂରେନି; ତଥାପି ମଦ ମାୟାକୁ ଛାଡ଼ିପାରୁନି ଶତ୍ରୁରା । ସବୁଦିନେ ପିଇ ଟଳି ଟଳି ଘରକୁ ଫେରେ । ରାଗ ଆଉ ଅଭିମାନରେ ଫୁଲି ଫୁଲି କାନ୍ଦୁଛି ସର । ପାଖପଡ଼ୋଶୁଣୀ ଯାମିନୀ, ମୁରୁକି ମୁରୁକି ହସି ଆସି ସରକୁ କହିଲା, ହଁ........ ଲୋ ଭଉଣୀ...... ତୁମେ କେତେ ସହୁଛ ? ଏ ମଦୁଆ ସ୍ୱାମୀକୁ ନେଇ ତୁମେ କି ହଇରାଣ ହେଉଛ......... ? ମୁଁ ହୋଇଥିଲେ.......... ।

ଗର୍ଜନ କରି ଉଠିଲା ସର.........ହେ ଚୁପ୍......ଯେତିକିରେ ଲୋକ ସେତିକିରେ ରହ । ମୋ ସ୍ୱାମୀ ଯାହା ହୁଅନ୍ତୁ, ସେ ମୋର ସ୍ୱାମୀ । ତୁ କିଏ କହିବାକୁ ? ସେ ମୋର ପରିବାରର ବ୍ୟକ୍ତିଗତ କଥା । ତୋର କହିବାର ଅଧିକାର ନାହିଁ କି ଏ ଦୁନିଆର ନାହିଁ । ତୁ ବଡ଼ଲୋକ । ତୋ ସ୍ୱାମୀ ମଦ ପିଏ, ମଦ ଘରକୁ ଆଣେ । ତୋ ପରିବାର ମିଶିକରି ପିଅ । ପଇସା ଅଛି, ଜଣାପଡ଼େନି । ଆଉ ମୋର ନିଅଣ୍ଟିଆ ପରିବାର । ମୁଁ ବ୍ୟସ୍ତ ହେଉଛି । ତୋ ଘରକୁ ତ ମୋ ପେଟ ଦେଖାଇ ଭିକ ମାଗୁନି ? ତୁ ଏଠୁ ପଳା ନ ହେଲେ ତୋତେ ଧକ୍କା ଦେଇ ବାହାର କରିଦେବି । ଏତିକିରେ ଯାମିନି ମୁହଁ ମୋଡ଼ି ଦେଇ ଅଣ୍ଟାକୁ ହଲାଇ ଦୁମ୍ ଦୁମ୍ ହୋଇ ଚାଲିଗଲା । ପିଲା ତିନୋଟି ମୁହଁ ଶୁଖାଇ ଠିଆ ହୋଇଥାଆନ୍ତି । ମାଆ ବୁଢ଼ୀ କୋରଡ଼ ଆଖିରେ ଜକଉଥିବା ଦୁଇ ଟୋପା ଲୁହକୁ ଚିପୁଡ଼ି ବାହାର କରିବାକୁ ଚେଷ୍ଟା କରୁଥିଲା ।

ସର ଦୁଃଖରେ ମ୍ରିୟମାଣ ହୋଇ ଦଉଡ଼ି ଆସିଲା ସ୍ୱାମୀ ପାଖକୁ । ନିଜ କୋଳରେ ଶତ୍ରୁରା ମୁଣ୍ଡକୁ ରଖି ଆଉଁଶି ଆଉଁଶି କାନ୍ଦୁଥିଲା ସର । ଦୁଇ ଆଖିରୁ ଗରମ ଲୁହ ଧାର ଗଡ଼ିପଡ଼ି ଶତ୍ରୁରା ପାଟିରେ ପଡ଼ିଯାଉଥିଲା । ଶତ୍ରୁରା ଗରମ ଲୁଣିଆ ଲୁହକୁ ପିଇଦେଇ ସାମାନ୍ୟ ଆଖି ଖୋଲି ଚାହିଁଲା । ଅର୍ଦ୍ଧଚୈତନ୍ୟ ଅବସ୍ଥାରେ ଥାଇ ସେ ସବୁ ଶୁଣୁଥିଲା । ଆଉ ଉପଲବ୍ଧି କରୁଥିଲା ସରର ଭଲ ପାଇବାକୁ । କେଡ଼େ ସରଳ ନିଷ୍କପଟ ଥିଲା ଏ ସର । ଅଭାବରେ ସ୍ୱଭାବ ନଷ୍ଟ ହୋଇ ତା' ଭିତରେ ଚଣ୍ଡୀ ରୂପ ଜାଗ୍ରତ ହୋଇଛି । କେଡ଼େ ଧର୍ମପରାୟଣା ସଂସ୍କାରୀ ଗରିବ ଝିଅଟି ବାପା ପସନ୍ଦ କରି ଆମ ଘରକୁ ବୋହୂ କରି ଆଣିଥିଲେ । ସେ ଆଜିପର୍ଯ୍ୟନ୍ତ ତା' କର୍ତ୍ତବ୍ୟରେ ଅବହେଳା କରିନି । ମୁଁ ତାକୁ କିଛି ଦେଇପାରିନି । ଦେଇଛି ଖାଲି ଦୁଃଖ ହିଁ ଦୁଃଖ । ମୁଁ ତା' ପାଖରେ ଅପରାଧୀ; କିନ୍ତୁ ମୁଁ କ'ଣ କରିବି ? ମଦ ରୂପକ ରାକ୍ଷସ କବଳରୁ ମୁଁ କେମିତି ଉଦ୍ଧାର ପାଇବି ? ତେବେ ଚେଷ୍ଟା କରିବି ଆଉ ନ ପିଇବାକୁ । ଚେତା ଫେରିଥିଲେ ମଧ୍ୟ ଅଭିନୟ କରି ଶୋଇରହିଥିଲା ଶତ୍ରୁରା.... ।

ଏଣେ ସର, ନିଜକୁ ଟାଣ କରିବାକୁ ଶପଥ ନେଲା । ଆଖି ଲୁହ ପୋଛିଦେଇ ଅଣ୍ଟାରେ ଲୁଗାକୁ ଭିଡ଼ି ଶତ୍ରୁରାକୁ ଘୋଷାଡ଼ି ଆଣି ବିଛଣାରେ ଶୁଆଇଦେଲା । ରାତି ପାହିଲା । ଶତ୍ରୁରା ସୁନା ପିଲା ପରି ଉଠିପଡ଼ି ନିତ୍ୟକର୍ମ ସାରି ବାହାରି ପଡ଼ିଲା ଅଫିସକୁ । ଘରେ ତ କିଛି ନାହିଁ । କଅଣ ଦେବ ଖାଇବାକୁ । ରାତିରେ ଟିକିଏ ଖୁଦଜାଉ କରିଥିଲା । ପିଲାଙ୍କ ପାଟିରେ ଟିକେ ଦେଇ ଶାଶୂ ବୁଢ଼ୀ ପାଟିରେ ଟିକେ ଦେଇଥିଲା । ବୁଢ଼ୀ ସେଇଥିରୁ ଟିକେ ନେଇ ବୋହୂ ପାଟିରେ ପୂରାଇ ଦେଇଥିଲା । ଆଉ ଚାମୁଚିଏ ଥୁଆ ହୋଇଛି । ସେଇଆଡକୁ ନେଇ ଶତ୍ରୁରା ପାଖରେ ଥୋଇ ନିରବରେ ଠିଆ ହୋଇ ରହିଲା । ଶତ୍ରୁରା ମଧ୍ୟ କିଛି ନ କହି ସେତକ ପାଟିରେ ପୂରାଇ ଚାଲିଗଲା ଅଫିସକୁ । ଚାଲି ଚାଲି ଯିବ । କାରଣ ସାଇକେଲଟିକୁ ବିକ୍ରିକରି ସେ ଟଙ୍କାରେ ମଦ ପିଇଦେଇଛି ।

ସର ସବୁ କାମ ସାରି ଛୁଆ ତିନୋଟିକୁ ଧରି ଚାଲିଲା । ଶାଶୂ ବୁଢ଼ୀକୁ ଘର ଜଗାଇ ବାହାରିପଡ଼ିଲା ପଚାରି ପଚାରି ଶତ୍ରୁରା ଅଫିସକୁ । ଶତ୍ରୁରା ଅଫିସ୍‌ରେ ପିଅନ କାମ କରେ । ସେ ସରକୁ ଦେଖି ଆଶ୍ଚର୍ଯ୍ୟ ହେଲେ ବି କିଛି ପଚାରିବାକୁ ତା'ର ସାହସ ନ ଥିଲା । କାରଣ ମଦ ସବୁ ସାହସ ଛଡ଼ାଇ ନେଇଥିଲା । ସମୟ ହୋଇଗଲା ।

ବଡ଼ବାବୁ ଆସିଗଲେ । ସର ଆସିଛି ବୋଲି ବଡ଼ବାବୁଙ୍କୁ କିଏ କହିବ ? କାରଣ ମଇଳା ଲୁଗା ପିନ୍ଧା 'ସର' ତାକୁ କିଏ ପଚାରେ ? କିଛି ପାଟିତୁଣ୍ଡ ଶୁଣି ବଡ଼ବାବୁ କହିଲେ..... କ'ଣ ହୋଇଛି ? ପାଟି କ'ଣ ପାଇଁ ହେଉଛି ? ଜଣେ ଚପରାସୀ କହିଲା, ଆଜ୍ଞା ଜଣେ ସ୍ତ୍ରୀ ଲୋକ ଆସିଛି, ଆପଣଙ୍କୁ ଦେଖା କରିବାକୁ ଚାହୁଁଛି । ବଡ଼ବାବୁ କହିଲେ, ହେଉ ତାକୁ ଛାଡ଼ । ସର ତିନୋଟି ପିଲାଙ୍କୁ ଧରି ବାବୁଙ୍କ ପାଖରେ ପହଞ୍ଚି ଭୋ ଭୋ କରି କାନ୍ଦି ମୁଣ୍ଡିଆ ମାରିଲା । ବଡ଼ବାବୁ ପଚାରିଲେ, କ'ଣ ହୋଇଛି ? ସର କହିଲା, ଆଜ୍ଞା ମୁଁ ଶତ୍ରୁଘ୍ନ ଦାସଙ୍କ ସ୍ତ୍ରୀ..... ସର । ଆଜ୍ଞା ମୋ ସ୍ୱାମୀଙ୍କୁ ବଞ୍ଚାନ୍ତୁ । ସେ ବଞ୍ଚିଲେ ଆମେ ବଞ୍ଚିବୁ । ବଡ଼ବାବୁ ପଚାରିଲେ ଶତ୍ରୁରାର କ'ଣ ହୋଇଛି ? ନାଇଁ..... ଆଜ୍ଞା...... ତାଙ୍କର କିଛି ହୋଇନି । ତାଙ୍କୁ ମଦ ନିଶା ଧରିଛି । ସବୁ ପଇସା ମଦରେ ଉଡ଼ାଇ ଦେଉଛନ୍ତି । ଆମେ ପାଞ୍ଚଜଣ ଉପାସ । ଆଜ୍ଞା ଆପଣ ସାହାଯ୍ୟ କରନ୍ତୁ...... ନ ହେଲେ ବିଷ କିଣିବାକୁ ପଇସା ଦିଅନ୍ତୁ । ଆମେ ପାଞ୍ଚ ପରାଣୀ ଆନନ୍ଦରେ ଖାଇ ଶୋଇପଡ଼ିବୁ ।

ବଡ଼ବାବୁ ନିରବରେ ସରର ବ୍ୟାକୁଳତାକୁ ତନଖୁ ଥିଲେ । କିଛି ସମୟ ପରେ ବଡ଼ବାବୁ କହିଲେ, ହେଉ କାନ୍ଦନି....... ଆଠଦିନ ପରେ ଆସିବ । ଏବେ ଯାଅ......ମୁଁ ଚେଷ୍ଟା କରୁଛି । ଚମକିପଡ଼ିଲା ସର...... । ଆଉରି ଆଠଦିନ ? ଆମେ ବଞ୍ଚିଥିବୁ ତ ? ବଡ଼ବାବୁ କିଛି ଟଙ୍କା ଦେଇ କହିଲେ, ନିଅ । ଏତକ ପଇସା ନେଇ ତୁମ ଗୁଜୁରାଣ ମେଣ୍ଟାଉଥାଅ । ଠିକ୍ ଆଠଦିନ ପରେ ଆସିବ । ନିରବରେ ସର ଟଙ୍କା ଧରି ପିଲାଙ୍କୁ ନେଇ ଚାଲିଆସିଲା । ଶତ୍ରୁରା ଆଡୁଆଳରେ ବସି ମୁରୁକି ମୁରୁକି ହସୁଥିଲା । କାରଣ ବଡ଼ବାବୁ ତ ଏବେ ପିଇବା ଆରମ୍ଭ କରିବେ । ଆଉ ସେ ମଦ ମୁଁ ନେଇ ଦେବି । ଶତ୍ରୁରା ଠିକ୍ ସମୟରେ ମଦ ବୋତଲ ନେଇ ଓଠ ଚାଟି ଚାଟି ଟେବୁଲ ପାଖରେ ପହଞ୍ଚି ବୋତଲଟି ରଖି ଗିଲାସ ବାହାର କରିବାକୁ ଗଲାବେଳକୁ ବଡ଼ବାବୁ ରହ କହି ତାକୁ ଅଟକାଇଦେଲେ । କହିଲେ, ଏଇଠାରେ ରଖି ତୁମେ ଯାଅ । ଶତ୍ରୁରା ମୁହଁ ଶୁଖାଇ ଚାଲିଆସିଲା । ଦିନସାରା ଗଲାଣି, ବାବୁ ଡାକୁନାହାନ୍ତି । ମଦ ପିଇବାକୁ । ସେ ପିଇଲେ ତାଙ୍କ ବଳକା ପ୍ରସାଦ ଟିକେ ଶତ୍ରୁରା ପିଏ । ପଇସା ତ ନାହିଁ, ବାହାରେ ପିଇବାକୁ । ମଦ ଦୋକାନୀ, ଟୁଙ୍ଗା, ବାକି ପଇସା ମାଗିବ, ନ ଦେଲେ ଆଜି ନିଶ୍ଚେ ବାଡ଼େଇବ । ଅଫିସ୍ ଛୁଟି ହେଲା । ଶତ୍ରୁରା ଦୁଃଖରେ ଘରେ ପହଞ୍ଚିଲା । ସର, ଶତ୍ରୁରା ଡରରେ ଟଙ୍କାକୁ କେଉଁ ଅଳିଆ ଜାଗାରେ ତ କେଉଁ ଫୁଟା ଡବାରେ ଲୁଚାଇ ରଖିଲା । ସବୁଦିନ ସାମାନ୍ୟ ଖାଦ୍ୟ ଯୋଗାଡ଼ କରି ସମସ୍ତଙ୍କୁ ଢୋକ ପାଣି ଦେଉଥାଏ । ଶତ୍ରୁରାକୁ ସର କିଛି କହୁ ନଥାଏ । ଏମିତି ଆଠ ଦିନ ଶତ୍ରୁରା ବଡ଼ବାବୁଙ୍କୁ ମଦ ବୋତଲ ଦିଏ । ବଡ଼ବାବୁ ତାକୁ ରଖି ଦିଅନ୍ତି । ଶତ୍ରୁରା ମଧ୍ୟ ନ ପିଇ ଭାରାକ୍ରାନ୍ତ ମୁଣ୍ଡକୁ ଧରି ଗେଟ୍ ପାଖରେ ବସି ରହେ ।

ଠିକ୍ ଆଠଦିନ ପରେ ସର ଯାଇଁ ପହଞ୍ଚିଗଲା । ବଡ଼ବାବୁ ଦେଖି ଆନନ୍ଦ ହେଲେ, କହିଲେ ସର ତୁମ କାମ ହୋଇଯାଇଛି । ଆଜି ମାସର ପ୍ରଥମ ଦିନ । ତୁମେ ଶତ୍ରୁରାର ସମସ୍ତ ଦରମା ନେଇ ଘରକୁ ଯାଅ । ଆନନ୍ଦରେ ରୁହ, ସର ପଚାରିଲା......... ବାବୁ । ଆପଣ ମୋ କାମ କ'ଣ କଲେ ? ବଡ଼ବାବୁ କହିଲେ ତୁମ ଭାଷାରେ ମୁଁ ମଧ୍ୟ ଜଣେ ମଦୁଆ ।

ତୁମର ଦୁଃଖ ଦେଖି ମୁଁ ନିଜେ ଛାଡ଼ିବାକୁ ଚେଷ୍ଟାକଲି ଏବଂ ସଫଳ ହେଲି । ହେଇ ଦେଖ ଆଠ ଦିନେ ଆଠଟି ବୋତଲ ଏଠି ଥୁଆ ହୋଇଛି । ମୁଁ ପିଇନି କି ଶତ୍ରୁରା ମଧ୍ୟ ପିଇନି, ତୁମେ ତୁମ ସହିତ ମୋର ମଧ୍ୟ ଉପକାର କଲ । ଏଣିକି ଆଉ କିଛି ଅସୁବିଧା ହେବନି । ତୁମେ ସବୁ ମାସରେ ଆସି ମୋ ପାଖରୁ ଦରମା ନେଇଯିବ । ଶତ୍ରୁରାକୁ ଡାକି କହିଲେ, ତୁମେ ଯଦି ଆଉ ପିଇବାକୁ ଚେଷ୍ଟାକର ତେବେ ତୁମକୁ ଚାକିରିରୁ ବାହାର କରିଦିଆଯିବ । ସର ଆନନ୍ଦରେ ନିଜର ଲୁହକୁ ଲୁଚାଇ ବଡ଼ବାବୁଙ୍କୁ ମୁଣ୍ଡିଆ ମାରି ଚାଲିଆସିଲା ।

ଶତ୍ରୁରା ଆଉ ମଦ ପିଉନି । ସର ବହୁତ ଖୁସି । ତା' ପରିବାରରେ ଖାଲି ଖୁସି ଆଉ ଖୁସି । ପାକେଇ ପାକେଇ ବୁଢ଼ୀ ତା'ର କୋରଡ଼ ଆଖିରୁ ଆଉ ଲୁହ ଚିପୁଡ଼ିବାକୁ ଚେଷ୍ଟା କରୁନି । ଆଜି ଦାଣ୍ଡପିଣ୍ଡାରେ ବସି ପାନ କୁଟାରେ ପାଦ କୁଟି ପାନ ଖାଇ ପାଟିକୁ ଚିପି ହସି ଦେଉଛି । ନାଲିଆ ପିକ ଓଠର ଦୁଇ ପଟରେ ଦୁଇ ଧାର ହୋଇ ଗଳିପଡୁଛି........ ।

*- ଗଣ୍ଡରପୁର, କଟକ।*

# ଆଜିର୍ କଥା

- ଡଃ ପଦ୍ମଲୋଚନ ମହାକୁଡ

ସମୟ ଦୁଇଟା । ବର୍ଷର ବର୍ଷାଋତୁ, ବାର ଶନିବାର । ସୋରର ଏକ ରାସ୍ତା । ରାସ୍ତା ପାଖରେ ଛୋଟ ରାସ୍ତାଟିଏ । ସେଇଟା ସିନେମା ଗୃହ । ଆଗରେ ସମଝୁଟାର ଚିତ୍ର, ସୋର ସିନେମା ଘରରେ ଚାଲୁଛବି । ତରବରରେ ଛୁଟି ଆସୁଥାଏ ଝିଅଟିଏ । ପ୍ରାୟ ଅବିବାହିତା । ଷୋହଳ କି ସତର । ହାତରେ ଗୋଲାପ ଫୁଲ । ଗୋଡ଼ରେ ଚପଲ, ମୁଣ୍ଡରେ ନେହ୍ଲାଏ ମଲ୍ଲୀଫୁଲ । ପିନ୍ଧିଛି ଖଣ୍ଡିଏ ନୀଳ ରଙ୍ଗର ବ୍ରାସୋ ଶାଢ଼ୀ । ବକ୍ଷୋଜ ପାଖରେ ନୀଳବର୍ଣ୍ଣର ଛଅ ଇଞ୍ଚିଆ ବ୍ଲାଉଜ୍ । ମୁହଁରେ ପଦ୍ମ ଫୁଲର ଗନ୍ଧ । ସତେକି ପରୀଟାଏ..... । ସତେକି...... ?

ତା'କୁ ଲକ୍ଷ୍ୟ କରିଛି ଏକ ଯୁବକ । ଜରାଜୀର୍ଣ୍ଣ ଶରୀର ମୁହଁରେ ବ୍ରଣର ଦାଗ । ଆଖିରେ ଅନେକଦିନର ଭାଷା । ମନରେ କୋହ । ହୃଦୟରେ ଯନ୍ତ୍ରଣା । ଶରୀରରେ ଗାନ୍ଧୀ ଲୁଗା– ଗଲାଦିନର ଚଲା ବସ୍ତ୍ର । ପାଟିରେ ସ୍ନେହ ମମତାର ସ୍ଫୁରଣ - ସ୍ୱର୍ଣ୍ଣ...... ସ୍ୱର୍ଣ୍ଣ....... ।

ଫେରି ଚାହିଁଛି ସେ । ପରେ ଯିବାକୁ ବସିଛି । କିନ୍ତୁ ଯୁବକର ହସ୍ତ ପ୍ରତିବନ୍ଧକ - ମୁଖ ଅନୁରାଗରେ କମ୍ପନ ।

– ''ସୁନା, ତୁ ମୋତେ ଚିହ୍ନିପାରୁନୁ ସୁନା ?''

– ''କିଏ ତୁ ?''

ମୁଖମଣ୍ଡଳରେ ଘୃଣାର ରୂପ ।

– ଏ କ'ଣ ?

ଆଙ୍ଗୁଳି ଦେଖାଇଲା ଯୁବତୀ, ନିଜ ବ୍ଲାଉଜ୍ ପାଖରେ ହାତ ମାରି କହିଲା–

– ''ଏ, ଏ ଯୁଗର କଟ୍ (ବିୟୁଟି)'' ।

– ''ଛି, ତା' ଉପରେ ଶାଢ଼ୀ କାନିଟା ପକା । ମୋ' ରାଣଟି ।''

– '' ଆରେ ଯା, ଏଇଟା ନିହାତି ଗଧଟାଏ ।''

ଆଗେଇ ଚାଲିଲା ନବ ରମଣୀ ।

– ସୁନା ! ସୁନା !!

ତ୍ୱରା ତରୁଣୀର ହାତ ଧରିଥିଲା ସଂସ୍କାରପ୍ରୟାସୀ କ୍ଷୀଣ ତରୁଣ ।

ଝିଅଟି ହାତ ଛିଞ୍ଚାଡ଼ି ରାଗରେ କହି ଉଠିଲା –

– ଗଧ........... ।

ତା'ପରେ..............

ଚଳଚ୍ଚିତ୍ର ଗୃହର ଚିକ୍କଣ ଅନ୍ଧକାର ମଧ୍ୟରେ, ନବରମଣୀର ଅବଶ ଅଙ୍ଗ କେଉଁ ଏକ ରୂପଚର୍ଯ୍ୟା ରୂପବାନ୍‌ର ରସାଳ ହସ୍ତରେ । ଆଉ ସ୍ମରଣ ହଜା ଇତିହାସରେ ଛାତି ଉପରେ ଆଜିର କଥାକୁ ରୂପ ଦେଇ, ସଂସ୍କାର ପ୍ରୟାସୀ ମାନବ ହସି ଉଠୁଛି ପ୍ରଳାପର ହସରେ - ସାବଧାନର କରୁଣ ହାସ୍ୟରେ - ସୟତାନର ନିର୍ମମ ରୋଳରେ । କାହା ପାଇଁ ? କେଉଁଥିପାଇଁ ?? ଆଧୁନିକ ଯୁଗର ସଭ୍ୟତା ପାଇଁ - ନର୍କଧାମର କୀଟ ଲାଗି, ପୁରାତନ ଯୁଗର ମହାତ୍ମାଙ୍କ ବାଣୀ ପାଇଁ - ସ୍ୱର୍ଗ ଲୋକର ସନ୍ଧାନ ଲାଗି । ତେବେ କେଉଁଟା ଠିକ୍ ? ନୂତନ ନା ପୁରାତନ ! ଯା'ର ଉତ୍ତର ଦେବ କିଏ ? କିଏ ଆଣିବ ଯା'ର ମୀମାଂସା ? କିଏ ସେହି ବରପୁତ୍ର ?

– ମୁଁ, ମୁଁ ଯା'ର ଉତ୍ତର ଦେବି, ମୁଁ ଯା'ର ମୀମାଂସା କରିବି ?

– କିଏ ତୁମେ ?

– ମୁଁ - ହାଃ - ହାଃ - ହାଃ.....

ହାଃ....ହାଃ..... ହାଃ..... ଜଗତର ସ୍ରଷ୍ଟା...... ।

*- ପାଖର, ଅନନ୍ତପୁର (ସୋର), ବାଲେଶ୍ୱର*

# ଶେଷ ଅଙ୍କ

- ଧନେଶ୍ୱର ସାହୁ

ସେ ଉଚ୍ଚଶିକ୍ଷିତା ଝିଅଟି ବହୁତ ଉପଭୋଗ ପରେ, ଅର୍ଥ ଓ ଦ୍ରବ୍ୟ ସଂଗ୍ରହ କରିପାରିଥିଲା । ଶେଷ ଜୀବନରେ ସାମାଜିକ ସ୍ୱୀକୃତି ପ୍ରାପ୍ତ ଆଶ୍ରୟଟିଏ ବାଞ୍ଛାକରି ଶିକ୍ଷିତ ରୋଜଗାରକ୍ଷମ ଯୁବକର ଅନୁସନ୍ଧାନରେ ଲାଗିପଡ଼ିଲା । ଫଳ ବ୍ରତୀ ହେଲା ମଧ୍ୟ । ସେ ଯୁବକ ଥିଲା ବୁଦ୍ଧିମାନ୍; କିନ୍ତୁ ସରଳ ।

ଯେଉଁ ଦଶ-ବାର ଜଣ ଧନୀ ଯୁବକଙ୍କୁ ଭେଣ୍ଡାରୁ ମେଣ୍ଢା ବନେଇ ନଚଉଥିଲା, ସେମାନେ ଯେତେବେଳେ ଜାଣିପାରିଲେ ହାତରୁ ଚଢ଼ିଆ ଖସିଗଲା, ସତ୍ୟତା ଜାଣିବାକୁ ମୋବାଇଲ୍‌କୁ ଫୁରସତ୍ ଦେଲେନାହିଁ । କାରଣ ସେ ଯନ୍ତ୍ରଟି ଏ ଯୁଗର ସମ୍ପର୍କର ସୂତ୍ରଧର ।

ଏପଟରୁ ମଧୁର କଣ୍ଠରେ ସାନ୍ତ୍ୱନାର ବାଣୀ ଲହଡ଼ି ତୋଳିଲା – ''ବନ୍ଧୁ ମୋର, ପ୍ରିୟ ମୋର । ବ୍ୟସ୍ତ ହୁଅ ନାହିଁ – ''ଫେରିଲେ ତୁମର ।'' ଏକ ନାରୀ ପାଇଁ ସ୍ଥାୟୀ ଆଶ୍ରୟଟେ ଲୋଡ଼ା । ତୁମେ ମୋତେ ଖାଲି ଭଣ୍ଡେଇଲ; ତଥାପି ମୁଁ ଜାଣିଛି ପ୍ରଥମ ପ୍ରେମ ଭୁଲି ହୁଏନା ।

ସ୍ୱାମୀଙ୍କୁ ଦେହଦାନ ବେଳେ ତୁମ୍ଭମାନଙ୍କ ଛବି ମୋ ମନରେ ନିଶ୍ଚୟ ଉଙ୍କି ମାରିବ । ତୁମ ସଂପର୍କର ଭୂତ କେବେ ମୋତେ ଛାଡ଼ିବ ନାହିଁ । ବରଂ ସେ ସମୟରେ ତୁଳନା କରୁଥିବି । କା' ପ୍ରୀତି କେତେ ଗଭୀର, କେତେ ମଜାଳିଆ ।

ଧନୀ ଯୁବକମାନଙ୍କର ଧନ ସବୁ ବରବାଦ୍ ହୋଇଗଲା ଭାବି, ସବୁ କଥା ଭାବିସ୍ୱାମୀଙ୍କୁ ଜଣାଇଦେବାପାଇଁ ତା' ଠିକଣା ଖୋଜିବାକୁ ଲାଗିଲେ । ଚତୁରୀର ଚାତୁରୀକୁ ପଣ୍ଡ କରି ଦେବାକୁ ଯୋଜନା କଲେ ।

ଦୁର୍ବଳ ମୁହୂର୍ତ୍ତର ଛବି ସହ ଧମକ ମଧ୍ୟ ଥିଲା ସେ ନାମୀ-ବେନାମୀ ଚିଠିରେ । ଭାବୀ ସ୍ୱାମୀ ବୁଝିଲେ– ଏହା ଏକ ଷଡ଼ଯନ୍ତ୍ର । ସେ ଝିଅକୁ ବଦ୍‌ନାମ କରିବାକୁ ଏ ଯୁଗର ଏହା ଏକ ସହଜ ସୂତ୍ର । ସେ ଯୁବକ ଭାବୀ ପତ୍ନୀକୁ ସବୁ ଜଣାଇବା ସହିତ ତାଙ୍କ ପରିବାର ଲୋକଙ୍କୁ ମଧ୍ୟ ଜଣାଇଲେ ।

ଚତୁରୀ ଜାଣିଛି – ଜୀବନ ନାଟକର ଏହା ଏକ ଅଂଶ ମାତ୍ର । ସେ ସେଥିରେ ଦକ୍ଷ ଅଭିନେତ୍ରୀ । ଯାଦୁଭରା ମିଠା କଥା ଓ ଆଖି ଲୁହରେ ଭାବିପତିର ହୃଦୟକୁ  ଜିଣିବାକୁ ତାକୁ ଅଳ୍ପ ସମୟ ଲାଗିଲା ।

ଯୋଜନା ମୁତାବକ ଉଭୟ ପରିବାର ପୋଲିସର ଆଶ୍ରୟ ନେଇ ଚତୁରେ ଚତୁର କୋଳାକୋଳି ନୀତିରେ ଉଦ୍‌ଭ୍ରାନ୍ତ ଯୁବକମାନଙ୍କୁ ବଧାଇ ଜଣାଇ ନିମନ୍ତ୍ରଣ ପତ୍ର ଦ୍ୱାରା ବିଭାଘର କ୍ଷେତ୍ରଠାରେ ଉପସ୍ଥିତ ହେବାପାଇଁ ଭାବି ପତି ଅନୁରୋଧ କଲେ ।

ଖୁସିର ସୀମା ରହିଲା ନାହିଁ ପ୍ରେମିକପ୍ରବରଙ୍କର । ବିଭାଘର ବେଦୀ ନିକଟରେ ରୁଣ୍ଡ ହୋଇ ବରକୁ ଦେଖା କଲେ । ପୋଲିସ୍‌ବାବୁମାନେ ସାଧା ପୋଷାକରେ ତାଙ୍କୁ ଘେରି ଯିବାର ଜାଣିପାରି ଚୁପ୍‌ଚାପ୍ ଖଣ୍ଡେ ଖଣ୍ଡେ ଚେୟାର ଟାଣି ଆଣି 'ଜଡ଼ାଭୁତ୍ ମୁରାରୀ' ପରି ବସିବା ଛଡ଼ା ଅନ୍ୟ କିଛି ବାଟ ପାଇଲେ ନାହିଁ ।

ଏହି ସମୟରେ ବରପାତ୍ର ତାଙ୍କ ସ୍ଥାନରୁ ଉଠିଆସି ତାଙ୍କ ସହ କରମର୍ଦ୍ଦନ ପୂର୍ବକ ସ୍ୱାଗତ ଜଣାଇ ସ୍ମିତହାସ୍ୟ ବଦନରେ ନିଜ ସ୍ଥାନକୁ ଫେରିଆସିଲେ ।

ଏହି ସମୟରେ ବ୍ରାହ୍ମଣ ହୋମକୁଣ୍ଡରେ ଘୃତ ଆହୂତି ଦେଇ ମନ୍ତ୍ର ଉଚ୍ଚାରଣ କରିବାକୁ ଲାଗିଲେ । ଯଥା ଇନ୍ଦ୍ରସ୍ୟ.... ଇନ୍ଦ୍ରାଣୀ । ଯଥା ରାମସ୍ୟ ସୀତା । ସେହି ସମୟରେ ବରପାତ୍ର ପୁରୋହିତଙ୍କୁ ଟିକିଏ ଅଟକାଇ ପାଇଥିବା ଫଟୋ ଓ ପ୍ରେମପତ୍ରକୁ ଗୋଟି ଗୋଟି ପଢ଼ି ହୋମକୁଣ୍ଡରେ 'ସ୍ୱାହା' କରି ଚାଲିଲେ ।

ଏହାଦେଖି ଉପସ୍ଥିତ ପ୍ରେମିକମାନେ ଲାଜରେ ମଥା ତଳକୁ କରି ବସି ରହିଲେ । ନିଜକୁ ଅତି ଛୋଟ ମଣିବାକୁ ଲାଗିଲେ । ନିମନ୍ତ୍ରିତ ଭଦ୍ର ଲୋକ ଯୁବକ ବରପାତ୍ରର ସାହସ ଓ ଧୈର୍ଯ୍ୟକୁ ତାରିଫ୍ କରି ଧନ୍ୟ ଧନ୍ୟ କହିଲେ ।

ବରପାତ୍ର ଉଠିପଡ଼ି ଧୀର କଣ୍ଠରେ କହିଲେ– ''ମୋତେ ପ୍ରଶଂସା କରିବାର କିଛି ନାହିଁ । ଆଗକୁ ଯେଉଁ ସମୟ ଆସୁଛି, ସେଥିରୁ ନିଜ ପୁଅ-ଝିଅ ଓ ଭାଇ-ଭଉଣୀଙ୍କୁ ଉଦ୍ଧାରିବା ପାଇଁ ନିଜେ ପ୍ରସ୍ତୁତ ହୁଅ । ଅଇଁଠା ହଉଛି କିଏ, ଅଇଁଠା କରୁଛି କିଏ ଓ ଅଇଁଠା ଖାଉଛି କିଏ । ଆମେ ସମସ୍ତେ ସେଇ ରୋଗରେ ରୋଗୀ । ସେଥିପାଇଁ ଯଦି ଆମେ ସଚେତନ ନ ହେବା ଆମ ପାଠ, ଆମ ଶିକ୍ଷା, ଆମ ସଂସ୍କୃତି ଓ ଆମ ପରମ୍ପରାସବୁ ମାଟିରେ ମିଶିଯିବ । ମୁଁ ସେଥିରୁ ଗୋଟିଏ ଉଦ୍ଧାର କରିଛି । ଆପଣମାନେ ମଧ୍ୟ ଏହିମାନଙ୍କୁ ରକ୍ଷା କରିବାକୁ ଆଗକୁ ବାହାରି ଆସନ୍ତୁ ।

ଆସନ୍ତୁ ସାଥିରେ ପଂକ୍ତି ଭୋଜନରେ ବସି ଆନନ୍ଦ ଉପଭୋଗ କରିବା ସହିତ ସମାଜ କଲ୍ୟାଣ ପାଇଁ କିଛି ଶପଥ ନେବା ।

ମୋର ଆଶା, ଆଶ୍ରୟଦାତାକୁ ଭରସା କରି ପଛକୁ ଭୁଲିଗଲେ ଜୀବନ ପଥରେ କିଛି କେଳଙ୍କାରୀ ଘଟିବ ନାହିଁ । ଦେଖିବାର ବାକି ରହିଲା । ମୋ ଛାତିରେ ଶୋଇରହି ତୁମକୁ ଝୁରୁଛି କି, ମୋତେ ଗଭୀର ଆଲିଙ୍ଗନରେ ଜାବୁଡ଼ି ଧରି ସତସତିଆ ଚୁମା ଦେଉଛି ।

ବିଦାୟ ବେଳା ଉପଗତ । ଶୋକାକୁଳ ପରିବେଶ ସୃଷ୍ଟି କରି ବର-ବୋହୂଙ୍କୁ କୋଳରେ ଧରି ଯନ୍ତ୍ରଚାଳିତ ଯାନ ଆଗକୁ ମାଡ଼ିଚାଲିଲା । ଭକୁଆ ହୋଇ ଠିଆ ହୋଇଥିବା ପ୍ରେମିକ ପୁଙ୍ଗବମାନେ ଗାଡ଼ିର ପଛକୁ ଚାହିଁ ପଢ଼ିବାକୁ ଲାଗିଲେ– 'ସଞ୍ଜୟ ଓ ସଂଯୁକ୍ତାଙ୍କର ଶୁଭପରିଣୟ ।'

*– ନୂଆଶାସନ, ଜିତାନଗା, ଭଦ୍ରକ*

# ପାପ-ପୁଣ୍ୟ

- ସ୍ମୃତି ପଟ୍ଟନାୟକ

ଜୀବନରେ ଅନେକ କଥାକୁ ପଛକରି ଦିଆଯାଏ, ଜୀବନ ଦା' । ଖୋଜି ବସିଲେ କିନ୍ତୁ ହଜିଯାଇଥିବା ସମୟ ଫେରେନି । ଚଳନ୍ତା ଟ୍ରେନ୍ ପରି ସମୟକ୍ରମେ ପାରେଇ ଯାଏ ଇତିହାସର ପୃଷ୍ଠାକୁ ଯୋଉଥିରେ ଏକାତ୍ମ ହୋଇଯାଇଥାଏ କିଛି ନୀଳାଭ ଆଉ ଲୋହିତ ଦୁଃଖ ।

ଦୁଃଖର କ'ଣ କିଛି ସଂଜ୍ଞା ଥାଏ ?

ଦୁଃଖକୁ ବ୍ୟକ୍ତ କରିବାର ମାଧ୍ୟମ କ'ଣ ତମେ ଜାଣିଛ ଜୀବନ ଦା' ?

ଦୁଃଖ ତ ସବୁ ମଣିଷର ଏକାନ୍ତ ନିଜର, ବ୍ୟକ୍ତିଗତ ସମ୍ପତ୍ତି । ସେଠି ଆଉ କାହାର ପ୍ରବେଶ ନାହିଁ । ସତରେ କ'ଣ ଦୁଃଖକୁ ବାଣ୍ଟି ହୁଏ ଜୀବନ ଦା' ?

ମୋତେ ଯଦି ପଚରାଯାଏ କ'ଣ ତୋର ଦୁଃଖ, ତେବେ କ'ଣ ଉତ୍ତର ଦେଇପାରିବି ମୁଁ ? ପରିପୂର୍ଣ୍ଣ ସଂସାର କ'ଣ ମୋ ଦୁଃଖର ପ୍ରତିଛବି ? ମୋ ପ୍ରତି ସଦା ଭଲପାଇବା ଓ ସହାନୁଭୂତି ରଖୁଥିବା ସ୍ୱାମୀ କ'ଣ ମୋ ଦୁଃଖୀ ଜୀବନର ଛାୟା ନା ସବୁଠୁ ବେଶୀ ଭଲପାଉଥିବା ସନ୍ତାନମାନଙ୍କର ଆନୁଗତ୍ୟ ମୋ ଦୁଃଖମୟ ଜୀବନର କାୟା ?

ମୁଁ ଜାଣେ ନାହିଁ ଜୀବନ ଦା' ଏତେସବୁ ପାଇବା ପରେ ମୁଁ ନିଜକୁ ଦୁଃଖୀ ମନେକରିବାର କାରଣ କ'ଣ ? ଏହା ଆତ୍ମପ୍ରବଞ୍ଚନା ନୁହେଁ ତ ଆଉ କ'ଣ ? ଏହାଠୁ ବଳି ସୁଖ କୌଣସି ନାରୀ ପାଇଁ ଅନ୍ତତଃ ଆଶା ବି କରାଯାଏନା ।

ତେବେ କାହିଁକି ମୋ ଭିତରେ ଏତେ ଉଦ୍‌ବେଳନ ? କାହିଁକି ସବୁ ପ୍ରାପ୍ତି ଭିତରେ ମୋତେ ଲାଗେ କିଛି ଗୋଟିଏ ଯେମିତି ହଜିଯାଇଛି ନଈପାଣିରେ, ତାହାକୁ ଗର୍ଭସ୍ଥ / ଉଦରସ୍ଥ କରି ଦେଇଛି ପାଣି ଭିତରେ ଥିବା ଶାମୁକାଟି ଏବଂ ତାହା ପୋତିହୋଇଯାଇଛି ମହାସମୁଦ୍ରର ଅତଳ ଗର୍ଭରେ ଯାହାର ପୁନରୁଦ୍ଧାର ନାହିଁ ।

ତାକୁ ବି ଆଶା କରିବା କ'ଣ ଠିକ୍ ?

ଠିକ୍‌ଭୁଲର ଦ୍ୱନ୍ଦ୍ୱ ଏବେ ବି ଦୋଳାୟିତ କରୁଛି ମୋ ମନକୁ । ମନ ଉପରେ ମଣିଷ କାହିଁକି ଦେଇପାରୁନାହିଁ ଶକ୍ତ ଶିକୁଳି ? ସବୁ ସତ୍ତ୍ୱେ କାହିଁକି ମନଟି ଶରୀରଠାରୁ ଅଲଗା ହୋଇ ବେଳେବେଳେ ଉଡ଼ିଯାଉଛି କାହିଁ କୋଉ ଦୂରକୁ ? ଆବେଗରେ ରୁନ୍ଧି ଯାଉଛି ନିଶ୍ୱାସ । ବରଫ ପାଲଟିଯାଉଛି ଧମନୀରେ ପ୍ରବାହିତ ହେଉଥିବା ରକ୍ତ ।

ମଣିଷର ମନ ମଣିଷକୁ ଏତେ ବିବଶ କରିଦିଏ କାହିଁକି ? ବିଷାଦିତ କରିଦିଏ ତା'ର ସମଗ୍ର ଜୀବନକୁ । ବିଷାଦର ରଙ୍ଗ କ'ଣ ? କାହିଁକି ଆସେ ସିଏ ? ତା'ଠାରୁ ମୁକ୍ତି ପାଇବାର ରାସ୍ତା କ'ଣ ସତରେ ନାହିଁ ?

ଯେତେ ବୁଝାଇଲେ ମନ ବୁଝେନାହିଁ । ମୁଁ ଜାଣେ ସମୟ ଫେରେ ନାହିଁ କି ଯେତେ ଆତୁର ହେଲେ ବି ସେ ଫେରେଇ ପାରେନା ନେଇଯାଇଥିବା କିଛି ମୂଲ୍ୟବାନ୍ ବସ୍ତୁ । ପାପୁଲିରୁ ନିଗିଡ଼ି ଯାଇଥିବା ଆଞ୍ଜୁଳାଏ ପାଣିକୁ ମାଟି ଶୋଷିନିଏ ସିନା, ସିଏ କିନ୍ତୁ ପୁଣି ପାଣି ହୋଇ ଫେରିପାରେ ନାହିଁ ମଣିଷ ହାତକୁ । ଆଖିରୁ ନିଗିଡ଼ି ଯାଇଥିବା ଲୁହ ଛାତିରେ କୋହ ହୋଇ ଜମାଟ ବାନ୍ଧିଯାଏ । ମନ କଥା ସବୁବେଳେ ମନର ସଫେଦ୍ ପୃଷ୍ଠାରେ ଲେଖାଯାଇଥାଏ । ମାତ୍ର ତାକୁ କ'ଣ କେହି ପଢ଼ିପାରେ ? ଯଦି ସତରେ ତାହା ପଢ଼ି ହେଉଥାନ୍ତା ତେବେ କ'ଣ କିଏ ସଂଗୋପନରେ ଲେଖନ୍ତା ନିଜ ମନ କଥା ?

ମନ କଥା କହିଲେ ତମେ କ'ଣ ବୁଝ ଜୀବନ ଦା' ?

ମନ କ'ଣ ସତରେ ଗୋଟେ ଇଚ୍ଛାମତୀ ନଈ ?

ଯୋଉ ନଈର ସୁଅ ମାନେ ନାହିଁ ବାଡ଼, ବନ୍ଧ, ଯୋଉ ନଈ କୁଳୁକୁଳୁ ସ୍ୱରରେ ଗୀତ ଗାଇ ଜାଣେ, ଯୋଉ ନଈ କେବଳ ମାଡ଼ି ଚାଲେ ଆଗକୁ । ତେବେ ପଛକୁ ଫେରି ଚାହିଁବାକୁ କାହିଁକି ବେଳେବେଳେ ଉତ୍କଣ୍ଠା ଆସେ ମନରେ ? କାହିଁକି ମନେହୁଏ କୋଉଠି ଶାଗୁଆ କ୍ଷେତ ତାକୁ ଡାକୁଛି ହାତ ଠାରି । କେତେବେଳେ ମନେହୁଏ ପାଗଳା ପବନ ତାକୁ ଉତ୍ତାଳ କରୁଛି । ଆଗକୁ ମାଡ଼ି

ଚାଲିବା ଯୋଉଠି ଅବଧାରିତ ସତ୍ୟ ସେଠି ମନର ନଈକୁ ଆମେ ଇଚ୍ଛାମତୀ କହିବା କାହିଁକି ଜୀବନ ଦା' ?

ମୁଁ ତ ଭାବେ, ନଈ ହେଉ କି ସମୁଦ୍ର, ପବନ ହେଉ କି ଶାଗୁଆ କ୍ଷେତ, ମୁଁ ହୁଏ ବା ତମେ; କେହି ବି ବିଧିଠାରୁ ଅଲଗା ନୋହୁ । ରାତି ପାହିଲେ ସୂର୍ଯ୍ୟ ଉଏଁ, ସୂର୍ଯ୍ୟ ଉଇଁଲେ ଅପସରି ଯାଏ ତମସା, ଦିନର ଆଲୁଅରେ ସବୁ ସ୍ୱଚ୍ଛ । ସବୁ ନିର୍ମଳ । ପୁଣି ସୂର୍ଯ୍ୟ ତଳେ, ଅନ୍ଧାର ଆସେ । ଅନ୍ଧାରରେ ଆସେ ସ୍ୱପ୍ନ । ତା'ର ମିଠା ଅନୁଭବରେ ତନୁ ମନ ସବୁକୁ ପ୍ଲାବିତ କରିଦିଏ; କିନ୍ତୁ ଶେଷରେ ମନରେ ଭରିଦିଏ ସାହାରା ମରୁଭୂମିର ଶୂନ୍ୟତା, ଏଇଆ ନା ?

ସେଇ ଶୂନ୍ୟତା କ'ଣ ମଣିଷ ମନରେ ଆଣିପାରିବ ନାହିଁ ପୂର୍ଣ୍ଣତା, ନା ପାଇବା ଠାରୁ ପାଇବା ଆଶାରେ ପ୍ରତି ମୁହୂର୍ତ୍ତରେ ଭିଜୁଥିବା ଆତ୍ମାଟି ପରମାତ୍ମାଙ୍କ ଠାରୁ ଅଲଗା ବୋଲି ସ୍ୱୀକାର କରିପାରିବ ଶେଷଯାଏ ?

ଏମିତି ଅନେକ ଅସମାହିତ ପ୍ରଶ୍ନ ମୋ ଭିତରେ । ଉତ୍ତର ଖୋଜିଲାବେଳେ ମନେହେଉଛି ମୁଁ ହୁଏତ ନିଜେ ଗୋଟିଏ ପ୍ରଶ୍ନବାଚୀ । ନ ହେଲେ ଆଜିଯାଏ ଅତିକ୍ରମି ପାରି ନ ଥାନ୍ତି ଗୋଟିଏ ପ୍ରଶ୍ନର ପାହାଡ଼କୁ !

ତମେ ବି କ'ଣ ସତରେ ଭଲପାଇବାକୁ / ପ୍ରେମକୁ ପାପ ବୋଲି ଭାବ ଜୀବନ ଦା' । ଥରଟିଏ ଚିନ୍ତା କରି ଦେଖ ତ, ପାପୀଙ୍କର ତାଲିକା କେତେ ଲମ୍ବା ? ସୂର୍ଯ୍ୟ / ଚନ୍ଦ୍ର / ନୀଳକଇଁ / କଳାମେଘ / ମାଟି / ପାଣି / ପବନ କିଏ ପ୍ରେମ କରିନାହାନ୍ତି ତାଙ୍କ ଜୀବନରେ । ଭକ୍ତ ପ୍ରେମ କରିନାହିଁ ଭଗବାନଙ୍କୁ ? ନୀଳକଇଁ ପ୍ରେମ କରିନାହିଁ ଚନ୍ଦ୍ରକୁ ନା ସୂର୍ଯ୍ୟଙ୍କୁ ସୂର୍ଯ୍ୟମୁଖୀ, ନା ଭୂମିକୁ ଭୂମା ।

ତେବେ ଯୋଉ ଶବ୍ଦଟି ଏତେମାତ୍ରାରେ ଆବେଗମୟ, ଭାବମୟ; ଯୋଉ ଶବ୍ଦଟି ଉଚ୍ଚାରଣ ମାତ୍ରେ ଏଇ ଦେହରେ ସୃଷ୍ଟି ହୋଇଥାଏ ଗୋଟିଏ ମୁଗ୍ଧ ଶିହରଣ ତାକୁ ଅନ୍ୟମାନେ ପାପ ବୋଲି କାହିଁକି ଭାବନ୍ତି ଜୀବନ ଦା' ?

ମୁଁ ଜାଣେ, ତମ ମନରେ ପ୍ରଶ୍ନଟିଏ ନିଶ୍ଚୟ ଠିଆହେଲାଣି । ସେଇ ପ୍ରଶ୍ନ ଯୋଉ ପ୍ରଶ୍ନ ତମେ ପଚାରିବ ପଚାରିବ ହୋଇ ପଚାରି ପାରିନାହିଁ ଆଜିଯାଏ ।

ସ୍ୱାମୀ / ସନ୍ତାନ ପରିବାର ନେଇ ବଞ୍ଚୁଥିବା ନାରୀଟିର ତୁଣ୍ଡରେ ପ୍ରେମ ଶବ୍ଦ କ'ଣ ଶୋଭାପାଏ ?

କିନ୍ତୁ କାହିଁକି ଜୀବନ ଦା', ପ୍ରେମ ପାଇଁ କ'ଣ ଖାଲି କୁଆଁରୀ ମନଟିଏ ଲୋଡ଼ା ? ରାଧା କ'ଣ ବିବାହିତା ନ ଥିଲେ କୃଷ୍ଣଙ୍କୁ ପ୍ରେମ କଲାବେଳେ ? ମୀରା କ'ଣ ବିବାହିତା ନ ଥିଲେ ନିଜ ପ୍ରେମରେ ହଜିଗଲାବେଳେ ? ଦ୍ରୌପଦୀ କ'ଣ ପ୍ରେମ କରୁ ନ ଥିଲେ କୃଷ୍ଣଙ୍କୁ ? ତେବେ ?

ପ୍ରେମ ଏ ପୃଥିବୀମାଟିକୁ ଏମିତି କେତେପ୍ରକାରେ ଆସିଛି ଜୀବନ ଦା' । କେତେବେଳେ ପ୍ରେମିକ ପରି ତ, କେତେବେଳେ ଭକ୍ତ ପରି, ପୁଣି କେତେବେଳେ ସଖା ପରି । ସବୁର ଅନୁଭବ ଭିନ୍ନ ଭିନ୍ନ । ଆଖିବୁଜି ହାତ ବଢ଼େଇଦେଲେ ଛୁଇଁପାରୁଥିବ ଆକାଶ । ନିରବରେ ହାତ ଯୋଡ଼ିଦେଲେ କଣ୍ଟା ପାଲଟି ଯାଉଥିବ ଫୁଲ ଏବଂ ହାତଟେକି ନିଜକୁ ଅହଂରୁ ମୁକ୍ତ କରିଦେଲେ ଖଞ୍ଜି ହୋଇଯାଉଥିବ କୋଟି ବସ୍ତ୍ର ।

ଯା'ର କ'ଣ ଅଲଗା ଅନୁଭବ ନାହିଁ ଜୀବନ ଦା' !

ନାରୀଟିଏ କ'ଣ ତା' ସ୍ୱାମୀ ବ୍ୟତୀତ ଭଲପାଇପାରେ ନାହିଁ ଆଉ କାହାକୁ ? ଭଲପାଇପାରେ ନାହିଁ ତାଙ୍କ ଆତ୍ମୀୟସ୍ୱଜନ / ଭାଇ ବନ୍ଧୁ କୁଟୁମ୍ବଙ୍କୁ ? ତାଙ୍କ ସହିତ ବାଣ୍ଟିପାରେ ନାହିଁ ନିଜର ସୁଖ-ଦୁଃଖ / ହସ-ଲୁହକୁ ? ପରକୁ ଆପଣାର କରେ ନାହିଁ ନିଜର ଭଲ ପାଇବା ଦେଇ ? ତେବେ ସେଠି ତ କେହି ତାକୁ ପ୍ରଶ୍ନ କରେନାହିଁ ଭଲପାଇବାର ସଂଜ୍ଞା ସଂପର୍କରେ ? କେହି ତ ଟାଣେ ନାହିଁ ତା' ଆଗରେ ସୀମାରେଖା ? କେହି ତ କହେ ନାହିଁ ସେମାନଙ୍କ ମନ ନେବାପାଇଁ / ସେମାନଙ୍କ ଛାତି ଭିତରେ ଜାଗାଟିଏ ତିଆରି କରିବା ପାଇଁ କାହିଁକି କରୁଛ ଏ କୃଚ୍ଛ ସାଧନା ? କାହିଁକି ନିଜ ଶରୀର / ନିଜ ମନକୁ କଷ୍ଟଦେଇ, ଦିନରାତି ଲାଗିପଡ଼ିଛ ସେଇ ଭଲପାଇବା ଟିକକ ହାସଲ କରିବା ପାଇଁ !

ତେବେ ? ଖାଲି ଯୋଡ଼ାଯାଇଥିବା ସଂପର୍କ ବ୍ୟତୀତ ଆଉ କାହାକୁ ଭଲପାଇବାକୁ ନେଇ ଏତେ ପ୍ରଶ୍ନ କାହିଁକି ? ବିନା ସଂପର୍କରେ କ'ଣ ଭଲପାଇବା ତିଆରି ହୋଇପାରେନା ଜୀବନ ଦା' ? ସେତୁଟିଏ ବନ୍ଧା ଯାଇପାରେ ନା ?

ପୁରୁଷ-ନାରୀ ସଂପର୍କକୁ ବାଦ୍ ଦେଇ ଗଢ଼ାଯାଇପାରେ ନା ସଂପର୍କ ? ଲୋଡ଼ାଯାଇପାରେନା ମୁହୂର୍ତ୍ତ ?

ତମେ ତ ଜାଣିଥିବ ଜୀବନ ଦା', ପୁରୁଷ-ନାରୀ ଭିତରେ ଥରଟିଏ ସଂପର୍କ ଯୋଡ଼ିଲାବେଳେ ଲୋଡ଼ାଯାଏ ସମାଜକୁ । ତାକୁ

ପୁଣି ନିଧାର୍ଯ୍ୟ କରିଥାଏ ବହି । ସଂପର୍କର ସନ୍ତକକୁ ପୁରୁଷଟି କେମିତି / କେତେ ମାତ୍ରାରେ ଧରି ରଖେ ତାହା ମୁଁ ଜାଣେ ନାହିଁ; ମାତ୍ର ନାରୀଟି ତାକୁ ସାଇତି ରଖେ ଜୀବନର ସବୁଠୁ ଗଭୀରତମ ପ୍ରଦେଶରେ । ସାତ ତାଳ ପାଣି, ସାତ ତାଳ ପଙ୍କ ତଳେ ସୁନାର ଫରୁଆ । ସେଇଥିରେ ତାକୁ ସମ୍ପାଦି ରଖେ ଅତି ଯତ୍ନରେ । ସଂପର୍କ ବୁଝୁଥିବା ନାରୀଟି ସଂପର୍କ ଯୋଡ଼ାଯାଇଥିବା ପୁରୁଷଟି ପାଖରେ ଅନ୍ତତଃ ସେତେଦିନ ପର୍ଯ୍ୟନ୍ତ ବିଶ୍ୱସ୍ତ ରହେ, ଯେ ପର୍ଯ୍ୟନ୍ତ ତା'ର ପ୍ରାଣ ଶରୀରକୁ ତ୍ୟାଗ ନ କରିଛି । ସିଏ ତ ଏମିତି ଆସନରେ ଆସୀନ ଯେ ଯୋଉଠି ଭଗବାନଙ୍କୁ ବି ପଛ କରିଯାଇପାରେ, ଯୋଉଠି ନିଜର ନିଜତ୍ୱ ସମର୍ପି ଦିଆଯାଇପାରେ ବିନା ବିଚାରରେ / ନିର୍ବିବାଦରେ । ସେଠି ଏକୀଭୂତ ହୁଏ ଦେହ । ନିର୍ବାପିତ ହୁଏ ଦାହ । ଧ୍ୱଂସାବଶେଷ ତଳୁ ଉଙ୍କିମାରେ ଭବିଷ୍ୟତର ସ୍ୱପ୍ନ ଯୋଉ ସ୍ୱପ୍ନରେ ଗଢ଼ାଯାଏ ଇମାରତ ।

ଶଙ୍ଖା ସିନ୍ଦୂର ପିନ୍ଧି ପୃଥିବୀରୁ ବିଦାୟ ନେବାର ସ୍ୱପ୍ନ, ଆକର୍ଷଣ କାହାର ନ ଥାଏ କହିପାରିବ ଜୀବନ ଦା' ? ମୁଁ ଜାଣେ, ଯା'ଠାରୁ ବଳି ଚରମ ସତ୍ୟ ଆଉ କିଛି ନାହିଁ । ତେବେ ବେଳେବେଳେ ସତ୍ୟ / ଅସତ୍ୟ, ପାପ-ପୁଣ୍ୟ / ଜୀବନ-ମୃତ୍ୟୁର ଜାଲରେ ଯେ ମୁଁ ଛନ୍ଦି ହୋଇନାହିଁ ଏ କଥା ବି ନୁହେଁ । ନିଜ ସହ ନିଜେ ଯୁଝିବାଠାରୁ ବଳି ଆଉ ଯୁଦ୍ଧ କ'ଣ ଅଛି ?

ଜୀବନ ତ ଶରଶଯ୍ୟା । ଯୋଉଠି ଆରମ୍ଭରେ ମଣିଷ ନିଜେ ଓ ଶେଷରେ ବି ନିଜେ ନିଜ ପାଖରେ ସାକ୍ଷୀ ହୋଇ ରହିଯାଏ । ଦେଖୁନ ସ୍ୱର୍ଗକୁ ଗଲାବେଳେ ଯୁଧିଷ୍ଠିର ଜଣ ଜଣ କରି ତାଙ୍କର ପାଞ୍ଚଭାଇ ଓ ପତ୍ନୀ ପାଞ୍ଚାଳୀଙ୍କୁ ହରାଇଲାବେଳେ କ୍ଷଣଟିଏ ବି ଅଟକି ନ ଥିଲେ ।

ତେଣୁ ଝଡ଼ର ଦାୟରେ ଆଉ ଭୟ ଲାଗୁନାହିଁ ଜୀବନ ଦା' । ଝଡ଼ ତ ମଣିଷ ଜୀବନର ଏକ ବିରାଟ ଅଂଶ । ଝଡ଼ ନ ଥିଲେ ଜୀବନର ମୂଲ୍ୟ କାହିଁ ?

କହିବି କହିବି ହୋଇ କହିପାରି ନଥିଲି ନିଜ ମନର କଥା କାହା ଆଗରେ । ସଂସାରର ସବୁ କଥା, ସବୁ ବ୍ୟଥା, ସବୁ ଭାବନା ସମସ୍ତଙ୍କ ଆଗରେ କ'ଣ କହିହୁଏ ?

କିନ୍ତୁ କହିଦେଲେ ଯଦି ନଈ ପରି ବହିଯାଉଥାନ୍ତା ନିଜର ବ୍ୟଥା / ବେଦନା, ସତରେ ଯଦି କାହା ସହ ବାଣ୍ଟି ହୋଇଥାନ୍ତା ନିଜର ଦୁଃଖ, ତେବେ ଏ ସଂସାର ଦୁଃଖପୂର୍ଣ୍ଣ ବୋଲି କେହି ବୋଧହୁଏ କହି ନ ଥାନ୍ତେ ।

ଜାଣେ, ଆକାଶର ଯେମିତି ଆଦି ଅନ୍ତ ନାହିଁ, ସେମିତି ମଧ ନାହିଁ ସୂର୍ଯ୍ୟର ଉଦୟ ଅସ୍ତ । ଜୀବନରେ ନାହିଁ ଶୂନ୍ୟତା କି ପୂର୍ଣ୍ଣତା । ପାଇବା ହଜେଇବାର ଦ୍ୱିଧା ତେବେ କାହିଁକି ? କ'ଣ ପାଇଛି / କେତେ ପାଇଛିର ହିସାବନିକାଶ ଭିତରେ କାହିଁକି ହଜେଇଦେବା କୁହ ନିଜର ଅନିତ୍ୟ ଅନୁଭବ ।

ମୁଁ ତ କୋଉକାଳେ ହାତରେ ମୁଠେଇ ଧରିଥିବା ଧୂଳିର କଣିକାଟିକୁ ବି ମୋର ବୋଲି କହିପାରିନାହିଁ । ଭୟ ମୋତେ ସଦାକାଳେ ଆଚ୍ଛନ୍ନ କରି ରଖିଛି । ମୋର ବୋଲି ଭାବି ଦେବାମାତ୍ରେ ଅଦୃଷ୍ଟ ମୋତେ ତାକୁ 'ପର' କରିବା ପାଇଁ ବାଧ କରିବ ନାହିଁ ତ ?

ଜୀବନ ଦା', ମୋର ଭାବ ମୋର ହୋଇ ଥାଉ ଚିରକାଳ । ତା' ପାଇଁ କେବେ ଲୋଡ଼ିନାହିଁ ରତ୍ନ ସିଂହାସନ କି ରାଣୀହଂସପୁର । ଇଚ୍ଛା ନାହିଁ ନିରୋଳା ଯମୁନାର କୂଳ କି ବଉଳର ମାଳ ।

ତେବେ ପ୍ରେମ ପାଇଁ, ଭଲ ପାଇବା ପାଇଁ ଟଣା ନ ଯାଉ ଲକ୍ଷ୍ମଣରେଖା କି ଇତିରେ ଖୋଜା ନ ଯାଉ ସଂପର୍କର ସଂଜ୍ଞା ।

ପାପ-ପୁଣ୍ୟର ବିଚାରବୋଧ ସଂପର୍କର ପବିତ୍ରତାକୁ ବିରୋଧ କରିବ ନାହିଁ ଜୀବନ ଦା' ? ଯୋଉ ପ୍ରବଣତା ଟିକକକୁ ନେଇ ଜଣେ ମଣିଷ କଟେଇ ଦେବାକୁ ଚାହେଁ ସମଗ୍ର ଜୀବନ, ତା' କଡ଼ରେ ପ୍ରଶ୍ନବାଚୀ କେତେ ଦୂର ସମୀଚୀନ ?

ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି, କେବଳ କର୍ମ, କେବଳ ଜ୍ଞାନ, କେବଳ ଭକ୍ତିର ମୂଲ୍ୟ ନାହିଁ । ଏ ତିନୋଟିର ସମନ୍ୱୟରେ ତ୍ରିବେଣୀ ସଙ୍ଗମ ହୁଏ । ମଣିଷ ଜୀବନ ସାର୍ଥକ ହୁଏ । କର୍ମ, ଜ୍ଞାନ ଓ ଭକ୍ତି ଭିତରେ ମଣିଷ ବଞ୍ଚିବାର ପ୍ରୟାସ କଲାବେଳେ ପାପ-ପ୍ରାୟଶ୍ଚିତ୍ତର ତର୍ଜମା କାହିଁକି ?

ନିଷ୍କାମ ପ୍ରେମର ଅନ୍ୟ ନାମ କ'ଣ ? ଶ୍ରଦ୍ଧା ନୁହେଁ ? ଭକ୍ତି ନୁହେଁ ?

ଏ ଅସମାହିତ ପ୍ରଶ୍ନର ଉତ୍ତର ତମକୁ ଦେବାକୁ ପଡ଼ିବ ଜୀବନ ଦା' - ଯେବେ ହେଉ, ଏବେ ଅବା ଆଉ କେବେ ଦେବାକୁ ତ ପଡ଼ିବ ।

ସେତିକିକୁ ମାତ୍ର ମୋର ଅପେକ୍ଷା ।

*- ଗଣପତିନଗର -୧ମ ଗଳି, ପାଣିଗ୍ରାହୀ ପେଣ୍ଠ,*
*ଆସ୍କାରୋଡ଼, ବ୍ରହ୍ମପୁର, ଗଞ୍ଜାମ*

# ସୁଲୋଚନା

- ପ୍ରତାପ ଚନ୍ଦ୍ର ରାଉତ

୧୯୮୦ ମସିହା କଥା । ସେତେବେଳେ ପ୍ରାୟ ପ୍ରତି ଘରେ ଘରର ମୁରବିତୁଲ୍ୟ ବ୍ୟକ୍ତିଙ୍କୁ ଯଥାମାନ୍ୟ ସମ୍ମାନ କରୁଥିଲେ ଲଘୁଜନମାନେ । ତାଙ୍କରି ଆଦର୍ଶ, ନୀତି ନିୟମରେ ଘର ପରିଚାଳିତ ହେଉଥିଲା । ସେ ଉଠ୍ କହିଲେ ଉଠୁଥିଲେ, ବସ୍ କହିଲେ ବସୁଥିଲେ । ସେଥିରେ ବ୍ୟତିକ୍ରମ ହେଲେ ତ କଥା ସରିଲା । ଏମିତି ଏକ କଥାକୁ ନେଇ କିପରି ସୁଲୋଚନା ଜୀବନରେ କଳାବାଦଲ ଛାଇ ମାଡ଼ିଯାଇ ତାଙ୍କୁ ତଳିତଳାନ୍ତ କରି ପକାଇଛି ସେ କଥା ସବୁ ବର୍ଣ୍ଣନା କରାଯାଇଛି । ମଦମପୁର ଗାଁ'ର ସୁର ସାର୍‌ଙ୍କ ଝିଅ ସୁଲୋଚନା ଦେଖିବାକୁ ସୁନ୍ଦର, କଥା କହିବାର ଶୈଳୀ ବେଶ୍ ମଧୁର । ସାର୍‌ଙ୍କ ଇଚ୍ଛା ଝିଅକୁ ପାଠପଢ଼ାଇବେ ହେଲେ ସାରଙ୍କ ବୋଉ ରମାଦେବୀଙ୍କ ଏକ ଜିଦ୍ ଯେ ଝିଅ ସ୍କୁଲ ଯିବନାହିଁ, କି ପାଠ ପଢ଼ିବ ନାହିଁ । ଝିଅ ଯଦି ପାଠ ପଢ଼ିବ ତା'ହେଲେ ମୁଁ ଘରେ ରହିବି ନାହିଁ । ଝିଅ ପିଲା ପାଠ ପଢ଼ିଲେ ବି ଚୁଲି ଫୁଙ୍କିବ । ପାଠପଢ଼ି ଝିଅମାନେ ଉପରମୁହାଁ ହୋଇଯିବେ । ନାରୀର ଭୂଷଣ ଲଜ୍ଜା, ତାକୁ ସେମାନେ ଭୁଲିଯିବେ । ଏପରି ଅନେକ କଥା ବୁଢ଼ୀ ପାଟିରୁ ବାହାରିଆସିଲା । ଶେଷରେ ସୁଲୋଚନାର ପାଠ ପଢ଼ାରେ ଡୋରି ବନ୍ଧା ହୋଇଗଲା । ସେ ଆଉ ପାଠ ପଢ଼ିପାରିଲା ନାହିଁ । ଘରର ସବୁ ପ୍ରକାର କାମଧନ୍ଦା, ସଣ୍ଟଣା ଶିକ୍ଷାଦେଲା ବୁଢ଼ୀ ମା' । ସୁଲୋଚନା ଯୌବନ ବୟସରେ ଉପନୀତ ହେଲା । ସେହି ସମୟରେ ପାଖ ଗାଁ'ର ଜଣେ ଉଚ୍ଚଶିକ୍ଷିତ ଯୁବକ ସୁଲୋଚନାକୁ ଭଲପାଇ ବସିଲା । ସୁଲୋଚନା ମଧ୍ୟ ଯୁବକକୁ ମନପ୍ରାଣ ଦେଇ ଭଲପାଇଲା । କାରଣ ଯୁବକ ବହୁତ ସୁନ୍ଦର ଏବଂ ବିଦେଶରେ ଇଞ୍ଜିନିୟର ଭାବରେ କାମ କରୁଥିଲା । ସୁଲୋଚନା ପାଠ ପଢ଼ିନାହିଁ ବୋଲି ଏକଥା ଯୁବକ ଜଣକୁ ଜଣାନାହିଁ । ସୁଲୋଚନା ମଧ୍ୟ ଯୁବକକୁ ଜଣାଇବାକୁ ଚାହୁଁନାହିଁ କାରଣ କାଳେ ଯୁବକ ଜଣକ ତାକୁ ଆଉ ପୂର୍ବପରି ଭଲପାଇବନି । ଏହିପରି ଭଲପାଇବା ମଧ୍ୟରେ ହଠାତ୍ ଯୁବକ ଜଣକ ଘରକୁ ଆସି ସୁଲୋଚନାକୁ କହିଗଲେ ଯେ ମୋର ଦୂର କମ୍ପାନୀରେ ଚାକିରି ହୋଇଯାଇଛି ମୁଁ ଆଉ ଚାରିଦିନ ପରେ ଚାଲିଯିବି, ମୋ ପାଖକୁ ଚିଠି ଦେବ । ଯେତେବଡ଼ କଷ୍ଟକର ପରିସ୍ଥିତି ଆସୁ ପଛେ ମୋତେ ତୁମେ ଭୁଲିବ ନାହିଁ । ମୁଁ ଆସିଲେ ତୁମର ମୋର ବାହାଘର ହେବ । ଆଉ ଯଦି କେଉଁଆଡ଼େ ତୁମର ବାହାଘର ହୁଏ, ମୋ ମଲାମୁହଁ ଦେଖିବ । କିଛିଦିନ ଗଲା । ଯୁବକ ରାଜୁର ଦେହ ସେଠାରେ ଖରାପ ହେଲା । ତାକୁ ଅନ୍ୟ ଏକ ଟ୍ରେନିଂରେ ଏକ ବର୍ଷ ପାଇଁ ଅନ୍ୟତ୍ର ପଠାଗଲା । ଏହାକୁ ସେ ଚିଠିରେ ଲେଖି ସୁଲୋଚନା ପାଖକୁ ପଠାଇଲା । ଆଉ ବ୍ୟସ୍ତ ହେବନାହିଁ, ମୁଁ ଗଲେ ନିଶ୍ଚୟ ଆମର ବାହାଘର ହେବ । ସୁଲୋଚନା ଚିଠି ପାଇଲା; କିନ୍ତୁ ପାଠ ପଢ଼ିନି ପ୍ରେମ ଚିଠି କାହାକୁ ଦେଖାଇବ, କିଏ ତା' ଚିଠି ପଢ଼ାଇ ତାକୁ ଶୁଣାଇବ । ସୁଲୋଚନା ରାଜୁକୁ ଅପେକ୍ଷା କରି କରି ମନ ମଧ୍ୟରେ ସନ୍ଦେହ ଜାତ ହେଲା । ଭାବିନେଲା ରାଜୁ ଅନ୍ୟତ୍ର ବାହା ହୋଇଯାଇଛି ତେଣୁ ବାପାବୋଉଙ୍କ ଅନୁରୋଧରେ ଅନ୍ୟତ୍ର ବାହା ହୋଇଗଲା । ମନ ମଧ୍ୟରେ ଅନେକ ସ୍ୱପ୍ନ ତା' ମୂର୍ଖତା ପାଇଁ ମଉଳିଗଲା । କିଛିଦିନ ପରେ ରାଜୁ ଜାଣିବାକୁ ପାଇଲା ଯେ ସୁଲୋଚନା ଅନ୍ୟତ୍ର ବାହା ହୋଇଯାଇଛି । ସେ ତା'ପରେ ଆତ୍ମହତ୍ୟା କରି ମରିଗଲା । ସୁଲୋଚନା ଯାହାକୁ ବାହା ହେଲା ସେ ମଧ୍ୟ ଘରଠାରୁ ବହୁଦୂରରେ ଚାକିରି କରି ସେଠାରେ ରହୁଥିଲା । କିଛିଦିନ ପାଇଁ ସେ ଘରକୁ ଆସୁଥିଲା । ପୁଣି ସହରକୁ ଯାଇ ରହୁଥିଲା । ଦିନେ ଦେଇଥିବା ଚିଠିକୁ ସୁଲୋଚନା କାହାରିକୁ ନ ପଢ଼ାଇ ଚୁପ୍‌ଚାପ୍ ରଖିଦେଲା । ଚିଠି ନ ପଢ଼ିବାର କାରଣ ପାଠ ପଢ଼ିନି, ପ୍ରେମ ଚିଠି ଅନ୍ୟକୁ ପଢ଼ାଇବା ଠିକ୍ ନୁହେଁ । ସେ କିନ୍ତୁ ପ୍ରେମ ଚିଠି ନ ଥିଲା । ସେଠାରେ ରମେଶବାବୁଙ୍କୁ ମ୍ୟାଲେରିଆ ଜ୍ୱର ହୋଇଛି ଏବଂ ଘରକୁ ଏକୁଟିଆ ଯିବା ସମ୍ଭବ ନୁହେଁ, ତୁମ ଦିଅରକୁ କହିବ ମୋତେ ଏଠାରୁ ଆସି ନେଇଯିବେ । ରମେଶ ପାଖକୁ କେହି ଗଲେ ନାହିଁ । ସେଠାରେ ତାଙ୍କର ଦେହପା, ମେଡିକାଲ ଖବର କେହି ବୁଝିଲେ ନାହିଁ । ପନ୍ଦର ଦିନ ପରେ ଘରକୁ ରମେଶର ମଲା ଶବ ଆସିଲା । ସୁଲୋଚନା ବିଶ୍ୱାସ କରୁ ନ ଥାଏ । ଏ କ'ଣ ହୋଇଗଲା । ସୁଲୋଚନାର ଝିଅ ପ୍ରାୟ ବାରବର୍ଷର ହୋଇଯାଇଥାଏ । ସେ ଷଷ୍ଠ ଶ୍ରେଣୀରେ ପାଠ ପଢୁଥାଏ । ବାପଛେଉଣ୍ଡ ଝିଅକୁ ଦେଖି ସୁଲୋଚନା ରୋଗିଣା ହୋଇ କାନ୍ଦୁଥାଏ । ମନେ ମନେ ଭାବୁଥାଏ କେମିତି ଝିଅକୁ ନେଇ ବଞ୍ଚିବ, କିପରି ତାକୁ ମଣିଷ କରିବ । କିଛିଦିନ ଗଲାପରେ ଦିନେ ହଠାତ୍ ଝିଅ ପୁନମ୍ ପାଠ ପଢ଼ିବନି ବୋଲି ଅରାଜି ହେଲା । ସୁଲୋଚନା ସାଇତି ରଖିଥିବା ରାଜୁ ଓ ରମେଶଙ୍କର ଦୁଇଖଣ୍ଡ ଚିଠି ପୁନମ୍‌କୁ ଆଣିଦେଲା ଏବଂ ପଢ଼ିବାକୁ କହିଲା । ପୁନମ୍ ପଢ଼ିସାରିବା ପରେ ସୁଲୋଚନା ପୁନମ୍‌କୁ ଧରି କାନ୍ଦିବାକୁ ଲାଗିଲା ଏବଂ ରାଜୁ ରମେଶର ମୃତ୍ୟୁ ପାଇଁ ନିଜକୁ ଏବଂ ନିଜେ ପାଠ ପଢ଼ି ନ ଥିବାକୁ ଦାୟୀ କଲା । ଯଦି ମୁଁ ପାଠ ପଢ଼ିଥାନ୍ତି ତା'ହେଲେ ତୋତେ ଆଜି ବାପଛେଉଣ୍ଡ ହେବାକୁ ପଡ଼ି ନ ଥାଆନ୍ତା । ମୋତେ ବିଧବା ହେବାକୁ ପଡ଼ି ନ ଥାଆନ୍ତା । ମୁଁ ମଧ୍ୟ ଯେଉଁ ଦରିଦ୍ରର ଶିକାର ହୋଇଛି କେବଳ ମୋ ମୂର୍ଖତା ପାଇଁ । ମୁଁ ଯଦି ପାଠ ପଢ଼ିଥାଆନ୍ତି ଆଜି ମୋ ସଂସାର ହସୁଥାଆନ୍ତା । ଅଭାବ କ'ଣ ଆମକୁ ସ୍ପର୍ଶ କରିପାରି ନ ଥାନ୍ତା । ତେଣୁ ଝିଅ ମନ ଲଗାଇ ପାଠପଢ଼ି, ତୋ' ବାପାର ସ୍ୱପ୍ନକୁ ସାକାର କର । ସେଇଥିରେ ମୁଁ ମୋର ସବୁ ଦୁଃଖ ଭୁଲିଯିବି । ତେଣୁ ସମସ୍ତ ଛାତ୍ରଛାତ୍ରୀ ପିଲାମାନଙ୍କୁ ମୋର ଗୋଟିଏ ଅନୁରୋଧ, ଯେତେ ବାଧା ପ୍ରତିବନ୍ଧକ ଆସୁ ପଛେ ପାଠପଢ଼ାକୁ ବିସର୍ଜନ ଦିଅ ନାହିଁ । ପାଠ ପଢ଼ି ଚାକିରି ନ ମିଳିଲେ ମଧ୍ୟ ପାଠ ଆମ ଜୀବନରେ ଅନେକ ଅନେକ ସାହାଯ୍ୟରେ ଆସିବ ।

*- ସାହାନିୟାଜପୁର, ନିଶ୍ଚିନ୍ତକୋଇଲି, କେନ୍ଦ୍ରାପଡ଼ା*

# ଅଭିସାରିକା

- ସୁଦେଷ୍ଣା ମିଶ୍ର

ଅନୀତା ଗୋଟିଏ ଚୁଲ୍‌ବୁଲି ଝିଅ । ପାଠ ପଢ଼ା ସାଙ୍ଗକୁ ସେ ନାଚରେ ରୁଚି ରଖିଥିଲା । ସେ ଭଲ ନାଚିପାରୁଥିଲା । କିନ୍ତୁ ନୃତ୍ୟର କୁଶଳତା ତାକୁ ଜଣା ନ ଥିଲା । ସେଥିପାଇଁ ଅନୀତା ବିଧିବଦ୍ଧ ଭାବେ ନୃତ୍ୟ ଶିଖିବାକୁ ଇଚ୍ଛା ପ୍ରକାଶ କରିଥିଲା । କଳାକେନ୍ଦ୍ରକୁ ଯାଇ ପ୍ରଥମେ ବୁଝିଥିଲା କ'ଣ କ'ଣ ଜିନିଷ ଦରକାର ପଡ଼ିବ ନୃତ୍ୟ ତାଲିମ ନେବାପାଇଁ । ନୃତ୍ୟଶିକ୍ଷା ଶିକ୍ଷକ ମିଷ୍ଟର ସିଂ ତାକୁ ସମସ୍ତ ବିବରଣୀ ଦେଇଥିଲେ । ଅନୀତା ମନକୁ ପାଇଲା ମିଷ୍ଟର ସିଂ ଦେଇଥିବା ବିବରଣୀ । ଭାବିଲା ଯାହାହଉ ପଛକେ ନୃତ୍ୟ ଶିଖିବି । ପ୍ରତିଦିନ ସକାଳୁ ନିଜର ନିତ୍ୟକର୍ମ ସାରି ଅନୀତା ବାହାରିପଡ଼େ କଳାକେନ୍ଦ୍ରକୁ । ସିଏ ତାର ସମସ୍ତ ଧ୍ୟାନ ଲଗେଇ ନୃତ୍ୟ ଶିଖିଚାଲେ । ଅନୀତାର ଶିକ୍ଷକ ମିଷ୍ଟର ସିଂ ନୃତ୍ୟ ଶିକ୍ଷା କରିବାରେ ତାକୁ ସହଯୋଗ ମଧ୍ୟ କରୁଥିଲେ । ତାର ଅଣ୍ଟା, ଆଖି, ପାଦ, ହାତ ଇତ୍ୟାଦି କିଭଳି ସୁନ୍ଦର ଭାବରେ ହଲେଇ ନାଚିପାରିବ । ସେ ଦିଗ ପ୍ରତି ଧ୍ୟାନ ମଧ୍ୟ ରଖନ୍ତି ମିଷ୍ଟର ସିଂ । ଅନୀତାକୁ ମିଷ୍ଟର ସିଂ ନାଚ ଶିଖାଇଲାବେଳେ ଯୋଉ ସ୍ପର୍ଶ କରନ୍ତି । ଅନୀତାକୁ ଏଇ ଛୁଆଁ ତା' ଦେହ ମନରେ ଏକ ଅଜଣା ଶିହରଣ ସୃଷ୍ଟି କରୁଥିଲା । ଧୀରେ ଧୀରେ ଅନୀତା ତା' ଅଜାଣତରେ ମିଷ୍ଟର ସିଂଙ୍କ ପ୍ରତି ଆକୃଷ୍ଟ ହେବାକୁ ଲାଗିଲା । ମନେ ମନେ ଭଲପାଉଥିଲା ମିଷ୍ଟର ସିଂଙ୍କୁ । ମିଷ୍ଟର ସିଂଙ୍କ ସାନ୍ନିଧ ଚାହୁଁଥିଲା ଅନୀତା । ଆଗରୁ ନାଚ ଶିଖିବା ଥିଲା ଇଚ୍ଛା । କିନ୍ତୁ ଏବେ ନାଚ ଶିଖିବାରେ ତାର ଆଉ ମନ ଲାଗୁନି । ସବୁବେଳେ ନାଚର ତାଳ ଭୁଲ୍ କରୁଥାଏ ଜାଣି ଜାଣି ମିଷ୍ଟର ସିଂଙ୍କ ସ୍ପର୍ଶ ପାଇବା ପାଇଁ । ପ୍ରତିଦିନ ଅଭିସାରିକା ସାଜୁଥିଲା ମିଷ୍ଟର ସିଂଙ୍କ ପାଇଁ । ଜହ୍ନରାତିର ଶୀତଳ ଜ୍ୟୋସ୍ନା ତଳେ ବସି କେତେ କ'ଣ ସ୍ୱପ୍ନ ସଜାଉଥିଲା ମିଷ୍ଟର ସିଂଙ୍କୁ ନେଇ । ଅନୀତା ଯୁଆଡ଼େ ଚାହୁଁଥିଲା ତାକୁ କେବଳ ମିଷ୍ଟର ସିଂ ଦିଶୁଥିଲେ । କିନ୍ତୁ ମନରେ ତା'ର ସାହସ ନ ଥିଲା ମିଷ୍ଟର ସିଂଙ୍କ ଆଗରେ ନିଜ ମନ କଥା ପ୍ରକାଶ କରିବା ପାଇଁ । ମନେ ମନେ ସିଏ ମିଷ୍ଟର ସିଂଙ୍କୁ ସ୍ୱାମୀ ରୂପେ ମାନି ନେଇଥିଲା । ମିଷ୍ଟର ସିଂ ଦେଖିବାକୁ ଥିଲେ ଖୁବ୍ ସୁନ୍ଦର । ହୃଷ୍ଟପୁଷ୍ଟ, ବଳିଷ୍ଠ ଚେହେରା । ଶ୍ୟାମଳ ରଙ୍ଗ ସାଙ୍ଗକୁ ଲମ୍ବା ଶରୀର । ଯେ କେହି ବି ଯୁବତୀ ତାଙ୍କ ପ୍ରେମରେ ପଡ଼ିଯିବାଟା ସହଜ କଥା । ମିଷ୍ଟର ସିଂ ଘରଠାରୁ ଦୂରରେ ରହୁଥିବାରୁ ଅନୀତା ତାଙ୍କ ପାଇଁ ନିଜ ହାତରେ ରାନ୍ଧି ଖାଇବା ନେଇଆସେ । ସବୁଥର ଭଳି ମିଷ୍ଟର ସିଂ ଅଳ୍ପ ହସି ଅନୀତାକୁ କହନ୍ତି, କାହିଁକି ଏତେ ହଇରାଣ ହୋଇ ମୋ ପାଇଁ ଖାଇବା ଆଣିଲ । ମୁଁ ଏଇଠି କୋଉଠି କ'ଣ ଟିକେ ଖାଇଦେଇ ନ ଥାନ୍ତି । ଅନୀତା ହସିଦେଇ କହେ, ନାଇଁ ସାର୍, ଏଥିରେ ହଇରାଣ ହବାରେ କ'ଣ ଅଛି ? ମୁଁ ଭାବିଲି ଆପଣ ବାହାରେ ଖାଇଲେ ଆପଣଙ୍କର ଦେହ ଖରାପ ହେବ, ସେଇଥିପାଇଁ ନିଜ ହାତରେ ରାନ୍ଧି ଘର ଖାଇବା ଆପଣଙ୍କ ପାଇଁ ନେଇଆସିଲି । ଅଳ୍ପ ରାଗରେ ମୁହଁ ଫୁଲାଇ ପୁଣିଥରେ କହିଲା ଆପଣଙ୍କର ଯଦି ପସନ୍ଦ ନାହିଁ, ମୋ ହାତ ରନ୍ଧା ଖାଇବା, ତା'ହେଲେ ମୁଁ ଆଉ କେବେ ଆଣିବି ନାହିଁ । ମିଷ୍ଟର ସିଂ ସାଙ୍ଗେ ସାଙ୍ଗେ ଅନୀତାକୁ ବୁଝାଇ କହନ୍ତି, ମୁଁ ଏମିତି କହୁଥିଲି । ତମ ହାତରନ୍ଧା ଖାଇବା ମୋର ଭାରି ପସନ୍ଦ । ସତ କହିବାକୁ ଗଲେ, ମୁଁ ଚାହିଁରହିଥାଏ, ତୁମ ହାତରନ୍ଧା ଖାଇବା କେତେବେଳେ ତୁମେ ମୋ ପାଇଁ ନେଇଆସିବ । ଦୁହେଁ ଦୁହିଁଙ୍କର ମୁହଁକୁ ଚାହିଁ ହସନ୍ତି । ଅନୀତା ମନେ ମନେ ଭାବେ ତା' ପ୍ରେମକୁ ବୋଧେ ମିଷ୍ଟର ସିଂ ଉପଲବ୍ଧି କରିପାରୁଛନ୍ତି । ତା' ପ୍ରେମକୁ ଏବେ ସ୍ୱୀକୃତି ମିଳିଯିବ ।

କିଛିଦିନ ପରେ ମିଷ୍ଟର ସିଂ ବାହାରକୁ ଚାଲିଗଲେ । ବିଚାରୀ ଅନୀତା ଅଭିସାରିକା ସାଜି ରହିଗଲା । ନିଜ ମନର ଭାଷାକୁ ଖୋଲି କହିପାରି ନ ଥିଲା । ମନ ତା'ର ଆଇନା ପରି ଭାଙ୍ଗି ଚୂର୍‌ମାର୍ ହୋଇଯାଇଥିଲା । ତାକୁ ଆଜି ଆଉ କିଛି ଭଲ ଲାଗୁ ନ ଥିଲା । ଅନୀତା କେବେ ଜାଣି ନ ଥିଲା ଯେ ମିଷ୍ଟର ସିଂ ଦୂରକୁ ଚାଲିଯିବେ ତାକୁ ଛାଡ଼ି । ଏସବୁ ଏତେ ଶୀଘ୍ର ହୋଇଗଲା ଯେ କେହି କାହାରିକୁ ଶେଷଦେଖା ବି କରିପାରି ନ ଥିଲେ । ବମ୍ବେର ଗୋଟେ ବହୁତ ବଡ଼ ଡ୍ୟାନ୍ସ ଗ୍ରୁପ୍‌ର ଟ୍ରେନର ହିସାବରେ ମିଷ୍ଟର ସିଂ ନିଯୁକ୍ତ ହୋଇଥିଲେ । ଆଉ ଏତେ ଶୀଘ୍ରତାରେ ସିଏ ଅନୀତାକୁ ଜଣାଇପାରି ନ ଥିଲେ । ଅନୀତା ନିଜ ବିରହ ଯନ୍ତ୍ରଣା ଭୁଲିବା ପାଇଁ କୁନି କୁନି ପିଲାମାନଙ୍କୁ ନୃତ୍ୟ ଶିଖାଇବା ଆରମ୍ଭ କରିଦେଲା । ପିଲାମାନଙ୍କ ଗହଣରେ ନିଜର ଯନ୍ତ୍ରଣା ଭୁଲିବାକୁ ଚେଷ୍ଟାକଲା ।

ଅନୀତାର ମନର ଘା' କିନ୍ତୁ ସହଜରେ ଶୁଖି ନ ଥିଲା । ବହୁତଥର କଳାକେନ୍ଦ୍ରକୁ ଯାଇ ମିଷ୍ଟର ସିଂଙ୍କ ଠିକଣା ପଚାରିଛି । ପଚାରିଛି ମିଷ୍ଟର ସିଂଙ୍କ ଫେରିବା କଥା । କେତେ ତା' ଆଖି ଖୋଜିଛି ମିଷ୍ଟର ସିଂଙ୍କୁ ରାସ୍ତାରେ, ଗଳିରେ, ବସ୍ ଷ୍ଟପ୍‌ରେ । ହେଲେ ସବୁଥର ଭଳି ତା' ହାତରେ ଖାଲି ନିରାଶ ହିଁ ଲାଗିଛି । ମନେ ମନେ ଭାବେ ମନର କଥା ତ ରହିଗଲା ମନରେ । ମିଷ୍ଟର ସିଂ ବା ଆସିବେ କାହିଁକି ମତେ ଦେଖାକରିବା ପାଇଁ । ହୁଏତ ମିଷ୍ଟର ସିଂଙ୍କ ପ୍ରତି ତା' ଭଲପାଇବା ଏକତରଫା ଥିଲା । ଅନୀତାର ଖୋଜିଲା ଆଖି ସବୁବେଳେ ମିଷ୍ଟର ସିଂ ଖୋଜୁଥିଲା । ମାସ, ବର୍ଷ, ଦିନ ପରେ ଦିନ ବିତିଚାଲିଲା । ଶେଷରେ ନିରାଶ ହୋଇ ମନ ସାଥେ ବୁଝାମଣା କରିବାକୁ ଚେଷ୍ଟା କଲା ।

ଘରେ ତାର ବାହାଘର କରିଦେବା ଇଚ୍ଛା କଲେ । କାରଣ କେତେ ଦିନ ଲକ୍ଷ୍ୟହୀନ ବାଟୋଇ ହୋଇ ଏମିତି କେତେଦିନ ଲକ୍ଷ୍ୟସ୍ଥଳ ଖୋଜିବ । ଘରେ ଜଣାଇଥିଲା ଅନୀତା ମିଷ୍ଟର ସିଂଙ୍କ ପ୍ରତି ଥିବା ଭାବନା । ହେଲେ ମିଷ୍ଟର ସିଂଙ୍କୁ ଖୋଜି ବାହାର କରିବାକୁ ନ ଥିଲା ଠିକଣା । ଶେଷରେ ଅନୀତା ନିରାଶ ହୋଇ ବାହା ହେବା ସମ୍ମତି ପ୍ରଦାନ କଲା ଅନ୍ୟତ୍ର । ବାହା ହୋଇଗଲା ଆଉ ଗୋଟେ ପୁରୁଷକୁ । ଆପଣା କରିବାକୁ ଚେଷ୍ଟା କରୁଥିଲା ସ୍ୱାମୀକୁ । ହେଲେ ଭୁଲିପାରୁ ନ ଥିଲା ମିଷ୍ଟର ସିଂଙ୍କୁ । ମନ ଚାହୁଁଥିଲା ସଂସାର କରିବାକୁ ସ୍ୱାମୀ ସାଙ୍ଗରେ । ହେଲେ ହୃଦୟ ନିଜର କରିପାରୁ ନ ଥିଲା ନୂଆ ପୁରୁଷଟିକୁ । କିଛିଦିନ ସ୍ୱାମୀ ସାଙ୍ଗରେ କାଟିଲା । ସତକୁ ମାନିବାକୁ ଚେଷ୍ଟା କଲା । ଆଉକିଛି ବାଟ ନ ଥିଲା । ଏଇ ପୁରୁଷ ଏବେ ତା'ର ସ୍ୱାମୀ, ତା'ର ଶଙ୍ଖା ସିନ୍ଦୂର, ବର୍ତ୍ତମାନ, ଭବିଷ୍ୟତ, ଆପଣେଇନେଲା ସେହି ପରପୁରୁଷକୁ । ଦୁହେଁ ବେଶ୍ ଖୁସି ଥିଲେ ନିଜ ସାଂସାରିକ ଜୀବନରେ । ଅଳ୍ପ କେଇଟା ଦିନରେ ତାର ଖୁସି ଦୁଃଖରେ ବଦଳିଯାଇଥିଲା । ବିବାହର ପ୍ରଥମ ବାର୍ଷିକୀରେ ସ୍ୱାମୀ ତାର ଅନୀତା ପାଇଁ ଉପହାର ନେଇ ଆସୁ ଆସୁ ରାସ୍ତାରେ ଏକ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଲେ । ଏପଟେ ଅନୀତା ଚାହିଁ ବସିଥାଏ ସ୍ୱାମୀର ଫେରିବା ବାଟକୁ । ବାରମ୍ବାର ଘଣ୍ଟାକୁ ଦେଖୁଥାଏ । ସୋଫା ଉପରେ ବସୁଥାଏ, ପୁଣି ଉଠୁଥାଏ । କାହାର ଗାଡ଼ି ଶବ୍ଦ ଶୁଭୁଥିଲେ ଦୌଡ଼ିଯାଉଥିଲା ଦୁଆର ବନ୍ଧ ପାଖକୁ । ନିରାଶ ହୋଇ ଫେରୁଥିଲା । ମନରେ ହଜାରେ ପ୍ରଶ୍ନ କୁଆଡ଼େ ଗଲେ ସ୍ୱାମୀ । କମ୍ ସେ କମ୍ ଆଜି ଭଳି ଦିନରେ ଟିକେ ଦାୟିତ୍ୱବାନ୍ ହୋଇ ଶୀଘ୍ର ଘରକୁ ଫେରିବା କଥା । ହେଲେ ଦାୟିତ୍ୱ ଜ୍ଞାନ ତାଙ୍କର ମୋଟେ ନାହିଁ । କିଛି ଘଣ୍ଟାର ବିଳମ୍ବ ପରେ ପୋଲିସ୍ ଆସି କବାଟ ଠକ୍ ଠକ୍ କଲେ । ଅନୀତା ଆଖିକୁ ନିଦ ଲାଗିଯାଇଥିଲା । ଶବ୍ଦ ଶୁଣି ତା' ନିଦ ଭାଙ୍ଗିଗଲା । ଭାବିଲା ବୋଧେ ଇଏ ଆସିଗଲେ । ମନରେ ରାଗ ଭରି ନିଜେ ନିଜେ ଗପିବାକୁ ଆରମ୍ଭ କରିଦେଲା । ଆସନ୍ତୁ ଆଜି ତାଙ୍କୁ ଜମା ଛାଡ଼ିବିନି । କ'ଣ ଭାବୁଛନ୍ତି ନିଜକୁ । ମୁଁ ବି କିଛି ଉପହାର ଆଣିଥିଲି; କିନ୍ତୁ ସବୁ ଫିକା କରିଦେଲେ । ଆଜି ଯାହାହଉ ପଛକେ ତାଙ୍କୁ ଜମା ଛାଡ଼ିବିନି । କବାଟ ଖୋଲିଲା ଅନୀତା । ପଚାରିଲା କିଏ ଆପଣ କାହାକୁ ଖୋଜୁଛନ୍ତି ? ମ୍ୟାଡାମ୍ ଆମେ ଭିତରକୁ ଆସିପାରୁ କି ? ନାଇଁ, ମୋ ସ୍ୱାମୀ ବର୍ତ୍ତମାନ ଘରେ ନାହାନ୍ତି । ଯାଆନ୍ତୁ ପରେ ଆସିବେ । ନାଇଁ ମ୍ୟାଡାମ୍ କାମ ଆପଣଙ୍କ ପାଖରେ ଥିଲା । ଅନୀତା ଆଶ୍ଚର୍ଯ୍ୟ ହୋଇ ପଚାରିଲା ମୋ ପାଖରେ । ଅନୀତା କହିଲା, କ'ଣ କାମ କହନ୍ତୁ । କ'ଣ କହିବାକୁ ଚାହୁଁଛନ୍ତି । ମ୍ୟାଡାମ୍ ଏଇ ପର୍ସ, ଡ୍ରେସ୍ ଓ ଚପଲକୁ ଆପଣ ଚିହ୍ନିଛନ୍ତି କି ? କାହାର କହିପାରିବେ ? ଇଏ ତ ମୋ ସ୍ୱାମୀଙ୍କର କିନ୍ତୁ ଆପଣ କୋଉଠୁ ପାଇଲେ । ମ୍ୟାଡମ୍ ପର୍ସରେ ଆପଣଙ୍କର ଫଟୋ ଥିଲା, ବହୁତ ସମୟ ଖୋଜାଖୋଜି କଲାପରେ ଆପଣଙ୍କ ଠିକଣା ପାଇଲୁ । ଠିକ୍ ଅଛି ଯାଆନ୍ତୁ, ମୋ ସ୍ୱାମୀଙ୍କୁ କହିଦେବେ, ମୁଁ ତାଙ୍କ ଉପରେ ରାଗିଛି । ମୁଁ ତାଙ୍କୁ ଅପେକ୍ଷା କରି ଏଠି ବସିଛି ଭୋକ ଓପାସରେ । ସବୁତକ ଖାଇବା ଥଣ୍ଡା ହୋଇ ଗନ୍ଧିଆ ହୋଇଗଲାଣି । ତାଙ୍କର ଟିକିଏ ବି ସମୟ ଜ୍ଞାନ ନାହିଁ । ଯାଇ ବସିଛନ୍ତି ଆପଣଙ୍କ ପାଖରେ । ଯାଆନ୍ତୁ ଆପଣମାନେ ଶୀଘ୍ର, ତାଙ୍କୁ କହିଦେବେ ଶୀଘ୍ର ଘରକୁ ଆସିବା ପାଇଁ । ମ୍ୟାଡାମ୍ ଆପଣଙ୍କ ସ୍ୱାମୀ ଏବେ ଆମ ପୋଲିସ୍ ଷ୍ଟେସନ୍‌ରେ ଅଛନ୍ତି । ସିଏ ଆସିପାରିବେ ନାହିଁ ବରଂ ଆପଣ ଆମ ସାଙ୍ଗରେ ଚାଲନ୍ତୁ । ଅନୀତା ବିରକ୍ତ ହୋଇ କହିଲା କି ଆଶ୍ଚର୍ଯ୍ୟ କଥା, ଆଜି ଆମ ବିବାହ ବାର୍ଷିକ । ମୋର ସବୁ ଉପହାର ପାଣି ଫୋଟକା ଭଳି ମିଳେଇଗଲାଣି । ଆଉ ଆପଣ କହୁଛନ୍ତି ମୋ ସ୍ୱାମୀ ଆସିପାରିବେ ନାହିଁ । ସିଏ ତୁମ ପାଖକୁ ଗଲେ କାହିଁକି ? ଆପଣ କ'ଣ ତାଙ୍କୁ ଜବରଦସ୍ତି ଅଟକାଇ ରଖିଛନ୍ତି କି ପୋଲିସ୍ ଷ୍ଟେସନ୍‌ରେ ? କିନ୍ତୁ ସିଏ କ'ଣ ଭୁଲ୍ କରିଛନ୍ତି, ଦୟାକରି କୁହନ୍ତୁ ? ମ୍ୟାଡାମ୍ ଆପଣ ଆମ ସାଙ୍ଗରେ ଚାଲନ୍ତୁ ସବୁ ପ୍ରଶ୍ନର ଉତ୍ତର ପାଇଯିବେ । ହଉ ଠିକ୍ ଅଛି ଟିକେ ଅପେକ୍ଷା କରନ୍ତୁ, ମୁଁ ଆସୁଛି ।

ପୋଲିସବାବୁମାନଙ୍କ ସାଙ୍ଗରେ ବାହାରିପଡ଼ିଲା ଅନୀତା, ପୋଲିସ ଷ୍ଟେସନ୍ ଅଭିମୁଖେ । ମନେ ମନେ ରାଗୁଥାଏ କେତେବେଳେ ପୋଲିସ୍‌ବାବୁମାନଙ୍କ ଉପରେ ତ କେତେବେଳେ ସ୍ୱାମୀ ଉପରେ । କିଛି ସମୟ ପରେ ଯାଇ ପହଞ୍ଚିଲା ପୋଲିସ୍ ଷ୍ଟେସନରେ ଅନୀତା । ପୋଲିସ ଷ୍ଟେସନ୍ ବାରଣ୍ଡାରେ ସ୍ୱାମୀ ତାର ଶୋଇଛି । ହାଲ୍‌କା ଆଘାତ ହୋଇଛି ସ୍ୱାମୀର ମୁଣ୍ଡରେ, ଅଳ୍ପ ରକ୍ତ ମଧ ବାହାରିଛି । ଇଏ କ'ଣ ହୋଇଛି ତୁମର କହି ଜାବୁଡ଼ିଧରିଲା । ଦେହ, ମୁଣ୍ଡ, ହାତ, ଗୋଡ଼ ସବୁ ଉଣ୍ଡାଳି ଆଣିଲା । କଉଠି କିଛି କ୍ଷତ ଚିହ୍ନ ନାହିଁ । ଅନୀତା ସ୍ୱାମୀକୁ ପଚାରିଲା ତୁମେ ଚୁପ୍ କାହିଁକି ? ମୋ ପ୍ରଶ୍ନର ଉତ୍ତର ଦିଅ । ତୁମେ ମୋ ପାଇଁ ଉପହାର ଆଣିବାକୁ ଯାଇଥିଲ । କିନ୍ତୁ ଏ ତୁମର କ'ଣ ହୋଇଛି । ସାର୍ (ପୋଲିସ୍‌ବାଲାଙ୍କୁ) ମତେ ସାହାଯ୍ୟ କରନ୍ତୁ, ୟାଙ୍କୁ ଡାକ୍ତରଖାନା ନେଇଯିବା ପାଇଁ । ପୋଲିସବାବୁମାନେ ଜାଣିଥିଲେ ଅନୀତାର ସ୍ୱାମୀ ମୃତ । ମରିବାର ତା'ର ପ୍ରାୟ ଆଠ, ନଅ ଘଣ୍ଟା ବିତିସାରିଛି । ତଥାପି ଅନୀତା କଥାରେ ଡାକ୍ତରଖାନା ନେଇଗଲେ ଶବଟିକୁ । ଡାକ୍ତରଖାନାରେ ପହଞ୍ଚି ଅନୀତା ଡାକ୍ତରମାନଙ୍କୁ ଯୋର ଯୋର ପାଟିରେ ଡାକିଲା । ଡାକ୍ତରବାବୁଙ୍କୁ କହିଲା, ଦୟାକରି ଦେଖନ୍ତୁ, ମୋ ସ୍ୱାମୀଙ୍କର କ'ଣ ହୋଇଛି । ତାଙ୍କ ହାତ ପାଦ କାହିଁକି ବରଫ ଭଳି ଥଣ୍ଡା ଲାଗୁଛି । ଶୀଘ୍ର କରନ୍ତୁ ଡାକ୍ତର, ତାଙ୍କୁ ବଞ୍ଚାନ୍ତୁ । ଆଶୁ ଚିକିତ୍ସା ପରେ ଡାକ୍ତର ମନା କରିଦେଲେ ଅନୀତାକୁ, 'ହି ଇଜ୍ ନୋ ମୋର୍' । ନା ନା ଆପଣ ଆଉ ଥରେ ଚିକିତ୍ସା କରି ଦେଖନ୍ତୁ, କାଳେ କୋଉଠି ଭୁଲ୍ ହୋଇଯାଇଥିବ । ଦୟା କରନ୍ତୁ ମୋ ଉପରେ, ତାଙ୍କ ମୁଣ୍ଡରେ ଖାଲି ଆଘାତ ଲାଗିଛି, ଆଉ ଶରୀରରେ କୌଣସି ସ୍ଥାନରେ କ୍ଷତ ଚିହ୍ନ ନାହିଁ । ନାଇଁ ମ୍ୟାଡାମ୍, ଆମ ତରଫରୁ କୌଣସି ତ୍ରୁଟି ନାହିଁ ବରଂ ଆପଣଙ୍କ ସ୍ୱାମୀଙ୍କ ମୁଣ୍ଡ ପଛରେ ଆଘାତ ଲାଗିବାରୁ ତାଙ୍କର ମୃତ୍ୟୁ ହୋଇଛି । ଆଉ ତାଙ୍କୁ ମରିବାର ଆଠ, ନଅ ଘଣ୍ଟା ବିତିସାରିଛି ।

ଅନୀତା ଶରୀର ମନ ଅବଶ ହୋଇସାରିଛି । ଯେମିତି ଓଠରେ ତାର ଭାଷା ନାହିଁ କି ଆଖିରେ ତାର ଲୁହ ନାହିଁ । ଖାଲି ନୀରବ ନିଶ୍ଚଳ ହୋଇ ଚାହିଁ ରହିଥାଏ ସ୍ୱାମୀର ମୁହଁକୁ । ଖାଲି ନିରବଦ୍ରଷ୍ଟା ସାଜି । ତା' ମନ ବିଶ୍ୱାସ କରିପାରୁନି ସତ; ଚାରି ପାଞ୍ଚମିନିଟ୍ ପରେ ଅନୀତା ଜୋର୍ ଜୋର୍ କାନ୍ଦିବାକୁ ଲାଗିଲା । ମୁଁ କିଛି କରିପାରିଲିନି ତୁମକୁ ବଞ୍ଚାଇବା ପାଇଁ । ମୁଁ ତ ତୁମ ଫେରିବା ବାଟକୁ ଚାହିଁରହିଥିଲି । ତୁମେ ଫେରିଲ; କିନ୍ତୁ ଏମିତି ସବୁ ବାଟ ବନ୍ଦ କରିଦେଲ । କାହିଁକି ଏମିତି କରିଲ ? କଥା ହୁଅ ମୋ ସାଙ୍ଗରେ ତୁମେ ଚୁପ୍ କାହିଁକି ଶୋଇରହିଛ ? ଦେଖ ମତେ ମୁଁ କେମତି ଦିଶୁଛି ? ମୋ ମଥାର ସିନ୍ଦୂର କେମିତି ଦାଉ ଦାଉ ହୋଇ ଜଳୁଛି । ତୁମେ ଏମିତି ମଜା ମୋ ସାଙ୍ଗରେ କରନି । ଦେଖ କହୁଛି ମୁଁ ରାଗିବି ଆଉ ତୁମ ସାଙ୍ଗରେ ଜମା କଥା ହେବିନି । ଏ ଡାକ୍ତରମାନେ କ'ଣ ୟାଡୁ ସ୍ୟାଡୁ କହୁଛନ୍ତି । ତୁମେ ଏମାନଙ୍କୁ କହିଥିଲ ନା ଏମିତି କହିବା ପାଇଁ । ଜାବୁଡ଼ି ଧରିଲା ସ୍ୱାମୀକୁ ତାର ଛାତିରେ । କଣ୍ଠରୁଦ୍ଧ ସ୍ୱରରେ କହୁଥିଲା ଅନୀତା, ଭଗବାନ୍ ମୋର ସବୁ ସାରିଦେଲେ । କେମିତି ଛାଡ଼ି ବଞ୍ଚିବି ମୁଁ ତୁମକୁ ? ମୋର ଏଇ ଅନ୍ଧାର ଜୀବନରେ ତୁମେ ହିଁ ଥିଲ ଆଲୋକ । କଥା ଦେଇଥିଲ ମତେ ମୁଁ ମରିବା ପର୍ଯ୍ୟନ୍ତ ତୁମେ ମୋ ସାଙ୍ଗରେ ଥିବ, ଏତେ ଶୀଘ୍ର ହାତ ଛଡ଼ାଇନେଲ । ପୁଣି ଏଇ ବିବାହବାର୍ଷିକ ଦିନ । ଯିବା ପୂର୍ବରୁ ଥରେ ବି ମୋ କଥା ଭାବିଲ ନାହିଁ । ମୁଁ ଏକା କ'ଣ କରିବି ତୁମ ବିନା । ଏତେ କଷ୍ଟରେ ତୁମକୁ ନିଜର କରିଥିଲି । ଆଉ ଅଳ୍ପ କେଇଟା ଦିନରେ ପର କରିଦେଲ । ମତେ ବି ତୁମ ସାଙ୍ଗରେ ନେଇଚାଲ । ଏ ସମାଜକୁ ଗୋଟେ ବିଧବା କ'ଣ ବା ସାମ୍ନା କରିବ । ମୋର ଶକ୍ତି, ସାହସ, ସାମର୍ଥ୍ୟ, ଆତ୍ମବିଶ୍ୱାସ ସବୁକିଛି ତୁମେ ଥିଲ । ତୁମେ ଶୀଘ୍ର ମତେ ତୁମ ପାଖକୁ ନେଇଯାଅ, ନ ହେଲେ ମୋ ପାଖକୁ ଫେରିଆସ । କାନ୍ଦି କାନ୍ଦି ଅନୀତା ବେହୋସ ହୋଇଗଲା । ଅନୀତାର ଶାଶୂଘର ଲୋକ ତାକୁ ଘରକୁ ନେଇଯାଇଥିଲେ ଡାକ୍ତରଖାନାରୁ । ପୁଅର ଅନ୍ତିମ ସଂସ୍କାର ପାଇଁ ଯୋଗାଡ଼ କଲେ । କିଛି ଘଣ୍ଟାର ବିଳମ୍ବ ପରେ ଅନୀତାର ହୋସ୍ ଆସିଲା । ପୁଣିଥରେ ହୋସ୍‌କୁ ଆସିଲା ପରେ ବାଉଳି ଚାଉଳି ଆରମ୍ଭ କରିଦେଲା । ମତେ ଛାଡ଼ିଦିଅ ମୁଁ ମୋ ସ୍ୱାମୀଙ୍କ ପାଖକୁ ଯିବି । ଗାଁ'ର କିଛି ବୟୋଜ୍ୟେଷ୍ଠ ସ୍ତ୍ରୀ ଲୋକମାନେ ଅନୀତାକୁ ନେଇଗଲେ ନଈକୂଳ ତୁଠ ପାଖକୁ । ଆରମ୍ଭ ହୋଇଗଲା ସଧବାରୁ ବିଧବା ବେଶ କରିବାର କାମ । ଭାଙ୍ଗିଗଲା ତା' ହାତର ଶଙ୍ଖା, ପୋଛିଦେଲେ ତା' ମଥାର ସିନ୍ଦୂର, ଧୋଇଗଲା ନଈ ପାଣିରେ ତା' ପାଦର ଅଳତା । ପିନ୍ଧାଇଦେଲେ ତାକୁ ଧଳାଶାଢ଼ୀ, ଆଖିର ଲୁହ ତାର ପାଦ ସ୍ପର୍ଶ କରୁଥିଲା । ଅନୀତାର ଏ କରୁଣ ଦୁଃଖରେ ଆଜି ନଈ, ପାଣି, ପବନ, ଗଛଲତା, କୀଟପତଙ୍ଗ ଯେମିତି କାନ୍ଦୁଥାନ୍ତି । ଆଜିଠାରୁ ତା' ମୁହଁ ହୋଇଗଲା ଅଶୁଭ । ଆକାଶ ଆଡ଼କୁ ମୁହଁ କରି ଚାହିଁ ଅନୀତା ଭାବୁଥିଲା, ଏତେ ବଡ଼ ଏ ଆକାଶ; ହେଲେ ମତେ ମୋ ମୁହଁ ଲୁଚାଇବାକୁ

ଜାଗା ଟିକେ ମିଳନ୍ତାନି । ଏଇ ନଈ ବାଲି ପରି ଥିଲା ମୋର ଆଶା ଅସରନ୍ତି । ଶ୍ରାବଣର ବର୍ଷା ଧାରାରେ ସିନା ନଈରେ ବନ୍ୟା ଆସୁଥିଲା; କିନ୍ତୁ ଏବେ ନଈରେ ବନ୍ୟା ଆସିବ ମୋ ଆଖିର ଲୁହରେ । ଏ ଦୁଃଖ ସହିବା ପୂର୍ବରୁ ମୁଁ ମରି କାହିଁକି ଗଲିନି । ଅବଶ ଶରୀର ଧରି ଅନୀତା ଘରକୁ ଫେରିଲା । ଗୋଟେ ଅନ୍ଧାରିଆ କୋଠରିରେ ସ୍ୱାମୀ ପାଇଁ ତାର ଦୀପ ଜଳାହୋଇଥିଲା । ଅନୀତା କୋଠରିର ଗୋଟିଏ କଣରେ ବସି ଦୀପଟିକୁ ସେମିତି ଚାହିଁ ରହିଥିଲା । ଜଣାନାହିଁ କେତେ ଦିନ ହେଲା ସିଏ ସେଠି ସେମ୍ତି ବସିଛି । ଜଣାନାହିଁ କେତେଦିନ ହେଲାଣି ସିଏ ସୂର୍ଯ୍ୟ ଉଦୟ ହେବା ଦେଖିନି । ମୁଣ୍ଡର ଚୁଟି ଜଟା ପାଲଟିଗଲାଣି ତା'ର । ମୁହଁ ରେଖା ଯେମିତି ତା'ର ବୟସକୁ ଦଶ ପନ୍ଦର ବର୍ଷ ବଢ଼ାଇସାରିଛି । ଖାଲି ସ୍ୱାମୀର ସ୍ମୃତିକୁ ମନେପକାଇ ଚୁପି ଚୁପି କାନ୍ଦୁଥାଏ ।

କିଛି ଦିନ ମାସ ବିତିଗଲା ପରେ ଅନୀତାର ଭାଉଜ ତାକୁ କହିଲେ, କେତେଦିନ ଆଉ ଏମିତି କଷ୍ଟ ଦଉଥିବ ନିଜକୁ । ତୁମ ଜୀବନ ତ ଅନ୍ଧାର ହୋଇସାରିଛି । ଏଇ ରଙ୍ଗହୀନ ନିଃସହାୟ ଜୀବନରେ ଯେତେଦିନ ଯାଏ ପ୍ରାଣ ଅଛି, ସେତିକି ଦିନ ତ ତୁମକୁ ବଞ୍ଚିବାକୁ ପଡ଼ିବ । ତୁମେ ପୁଣି ଥରେ ନୃତ୍ୟ ଶିଖାଇବା ଆରମ୍ଭ କର । କୁନି କୁନି ପିଲାମାନଙ୍କ ଗହଣରେ ନୃତ୍ୟ ଶିଖାଉ ଶିଖାଉ ଦିନ ତ କମ୍ ସେ କମ୍ କଟିଯିବ । ପ୍ରଥମେ ଅନୀତା ଭାଉଜଙ୍କର ଏ ପ୍ରସ୍ତାବରେ ଅରାଜି ହୋଇଥିଲା । କିଛିଦିନ ବିତିଗଲା । ଆଖିରୁ ଲୁହ ମଧ୍ୟ ଶୁଖିଗଲା । ଭାବିଲା ଭାଉଜ କହିଥିବା କଥା । ପୁଣି ଥରେ ଏ ଅଲୋଡ଼ା ଜୀବନ ଯଦି କାହାର କାମରେ ଆସେ । ତା'ହେଲେ ମତେ କରିବା ଉଚିତ ସେହି କାମ ।

ସେ ସେଦିନ ବୁଲିବାକୁ ଯାଇଥିଲା କଳା କେନ୍ଦ୍ର । ଆଉ ସେଠି ତାକୁ ବହୁତ ଭଲ ଲାଗିଥିଲା କୁନି କୁନି ଛୁଆଙ୍କ ଗହଣରେ । କିଛିକ୍ଷଣ ପାଇଁ ଭୁଲିଯାଇଥିଲା ନିଜକୁ । କଳା କେନ୍ଦ୍ରରୁ ଫେରିଲା ପରେ ସେ ନିଷ୍ପତ୍ତି ନେଇଥିଲା ଯେ ପ୍ରତିଦିନ ସେ ନୃତ୍ୟ ଶିଖାଇବା ପାଇଁ କଳା କେନ୍ଦ୍ରକୁ ଯିବ ।

ଧୀରେ ଧୀରେ ଅନୀତା ଭୁଲିଗଲା ନିଜର ଦୁଃଖକୁ, ସ୍ୱାମୀର ଅନୁପସ୍ଥିତିକୁ । ଅନୀତା ଏବେ ନୃତ୍ୟ ଶିଖାଇ ପଇସା ରୋଜଗାର କରୁଥିଲା । କିନ୍ତୁ ଖର୍ଚ୍ଚ କରିବା ପାଇଁ ତା' ପାଖରେ କେହି ନ ଥିଲେ । ଇଚ୍ଛା ଥିଲେ ବି ନିଜ ପାଇଁ ଖର୍ଚ୍ଚ କରିବାକୁ ସେ କରିପାରୁ ନ ଥିଲା । ଗୋଟେ ବିଧବାର କ'ଣ ବା ଦରକାର । ଧଳା ଶାଢ଼ୀ ବ୍ୟତୀତ ତା' ଦେହରେ କୌଣସି ଆଭୂଷଣ ପିନ୍ଧିବା ମନା । ତା' ଜୀବନର ରାସ୍ତା ଥିଲା ଅଙ୍କାବଙ୍କା । ଖସିଗଲା ପାଦ ତା'ର ଭୁଲ୍ ରାସ୍ତାକୁ । ଥରେ ଯିଏ ଭୁଲ୍ କରେ ତାକୁ ଠିକ୍ କରିବାକୁ ଯାଇ ସିଏ ଆଉ ହଜାରେ ଭୁଲ୍ କରେ । ସେହି ଗାଁ'ର କିଛି ଯୁବକମାନଙ୍କୁ ନେଇ ଅନୀତା ଲିପ୍ତ ରହିଲା ଅନୈତିକ କାମରେ । ଯୁବକମାନଙ୍କୁ ଦରକାର ଥିଲା ଟଙ୍କାର । ଆଉ ଅନୀତାର ଦରକାର ଥିଲା ଯୌବନର ଭୋକ । ନିଜର ଯୌବନର ଭୋକ ମେଣ୍ଟାଇବା ପାଇଁ ଗାଁ'ର ସେହି ଯୁବକମାନଙ୍କୁ ସିଏ ଯେମିତି ତା'ର ପୋଷା ମେଣ୍ଢା କରି ରଖିଥିଲା । ନ ଥିଲେ ତାକୁ କେହି ବାରଣ କରିବାକୁ । ଦିନକୁ ଦିନ ପାଦ ତାର ଖସି ଚାଲିଲା ତଳକୁ ତଳକୁ ।

ଦିନେ କଳା କେନ୍ଦ୍ରକୁ ଯାଉଥିବାବେଳେ ତାର ଆଖି ପଡ଼ିଲା ମିଷ୍ଟର ସିଂଙ୍କ ଆଡ଼େ । ମିଷ୍ଟର ସିଂ ଗୋଟେ ପାନ ଦୋକାନ ପାଖରେ ଠିଆ ହୋଇଥିଲେ । ଅନୀତା ମନରେ ସବୁ ପୁରୁଣା ସ୍ମୃତି ତା' ଆଖି ଆଗରେ ଚକାଭଉଁରୀ ଖେଳୁଥିଲେ; କିନ୍ତୁ ମିଷ୍ଟର ସିଂ ତ ପାନ ଖାଆନ୍ତିନି । ପାନ ଦୋକାନ ପାଖରେ କ'ଣ କରୁଥିଲେ । କଳା କେନ୍ଦ୍ରରୁ ଫେରିଲାବେଳେ ଅନୀତା ପାନ ଦୋକାନୀକୁ ଯାଇ ପଚାରିଲା, ସେ ବାବୁ ଜଣକ ଏଠି ଠିଆ ହୋଇ କ'ଣ କଥା ହେଉଥିଲେ ? ସେ ବାବୁ ! ବାବୁ ଜଣକ କୋଉ ଅନୀତାର ଠିକଣା ପଚାରୁଥିଲେ । ହଁ, କହୁଥିଲେ ସିଏ ନାଚ ଶିଖୁଥିଲା । ମୁଁ ତ ଜାଣିନି ସେମିତି କେହି ଅନୀତାର ଠିକଣା । ତେଣୁ ଠିକଣା କଉଠୁ ଦେଇଥା'ନ୍ତି । ବାବୁ ଜଣକ କିନ୍ତୁ ଭାରି ବ୍ୟସ୍ତ ହୋଇ ପଚାରୁଥିଲେ । ଅନୀତା ଦୋକାନୀ ଜଣକୁ କହିଲା, ହଉ ହଉ ଠିକ୍ ଅଛି । କହି ଘରକୁ ଫେରିଲା । ରାତିସାରା ଅନୀତା ଆଖିକୁ ନିଦ ନାହିଁ । କ'ଣ ପାଇଁ ଏତେବର୍ଷର ବ୍ୟବଧାନ ପରେ ମିଷ୍ଟର ସିଂ ଫେରିଛନ୍ତି । ସତରେ କ'ଣ ମତେ ଦେଖାକରିବା ପାଇଁ ଫେରିଛନ୍ତି । ଖଟରେ ଶୋଇ ଖାଲି କଡ଼ ଲେଉଟାଉଥିଲା ଅନୀତା । ତା'ର ବ୍ୟାକୁଳ ମନ ତା'ର ସକାଳୁ ସକାଳୁ ନିଜର ନିତ୍ୟ କର୍ମସାରି ବାହାରିପଡ଼ିଲା ମିଷ୍ଟର ସିଂଙ୍କୁ ଦେଖାକରିବା ପାଇଁ । ବଙ୍ଗଳାରେ ପହଞ୍ଚି ଡୋର୍ ବେଲ୍ ବଜାଇଲା ଅନୀତା । ଭିତରୁ ଶବ୍ଦ ଶୁଭିଲା କିଏ କିଏ ? କବାଟ ଖୋଲିଲେ ମିଷ୍ଟର ସିଂ । ଆଶ୍ଚର୍ଯ୍ୟ ହୋଇ ପଚାରିଲେ ଅନୀତା ତୁମେ ? ଆସ ଆସ ଭିତରକୁ ଆସ । ମୁଁ ତୁମର ଠିକଣା ଦୀର୍ଘ ଗୋଟିଏ ସପ୍ତାହ ହେଲା ଖୋଜୁଥିଲି । କିନ୍ତୁ ତୁମେ ହଠାତ୍ ମୋ ଠିକଣା କୋଉଠୁ ପାଇଲ ? ଇଚ୍ଛା ଥିଲେ ସବୁକିଛି ପାଇ ହୁଏ ମିଷ୍ଟର ସିଂ । କେମିତି ମୁଁ

ମନେପଡ଼ିଲି ଆପଣଙ୍କ ପାଞ୍ଚ ଛଅ ବର୍ଷ ପରେ । ନାଇଁ ଅନୀତା ମୁଁ ବମ୍ବେ ପଳାଇଥିଲି । ନାଚର ମତେ ଗୋଟେ ବହୁତ ବଡ଼ କଣ୍ଟ୍ରାକ୍ଟ ମିଳିଥିଲା । ଗଲାବେଳେ ତୁମ ସାଙ୍ଗରେ ଦେଖାହୋଇପାରିଲାନି । କେତେ ଶୀଘ୍ର ମତେ ଯିବାକୁ ପଡ଼ିଥିଲା ସେ କଥା କେବଳ ମୁଁ ଜାଣିଛି । ମନ ଭାରି ଖରାପ ଲାଗୁଥିଲା । ତୁମଠାରୁ ଦୂରେଇଲା ପରେ ମୁଁ ବୁଝିପାରିଲି, ଆମ ଦୁହିଁଙ୍କ ଭିତରେ ଥିବା ଭଲପାଇବା । ସବୁଦିନ ସବୁବେଳେ ତୁମ ପାଦର ନୂପୁର ଶବ୍ଦ ମୋ ଧ୍ୟାନ ଭାଙ୍ଗିଛି । ଏମିତି କୌଣସି ଦିନ ମୋର ନ ଥିଲା ଯୋଉଦିନ ତୁମେ ମୋର ମନେପଡ଼ିନ । ମୁଁ ସବୁ ଛାଡ଼ି ଫେରିଆସିଛି ଅନୀତା ତୁମ ପାଖକୁ ସବୁଦିନ ପାଇଁ । ମୁଁ ତୁମକୁ ନିଜର କରିବାକୁ ଚାହେଁ ଅନୀତା । ସବୁକିଛି ଶୁଣିସାରିଲା ପରେ ଅନୀତା ମିଷ୍ଟର ସିଂଙ୍କ ମୁହଁରୁ ଆରମ୍ଭ କଲା କହିବା । ମୁଁ ମଧ୍ୟ ଆପଣଙ୍କର ଠିକଣା ବହୁତ ଖୋଜିଥିଲି । କିନ୍ତୁ ପାଇ ନଥିଲି । ମନରେ ଅବସୋସ ଥିଲା ମୁଁ ମୋ ପ୍ରେମକୁ ଆପଣଙ୍କ ସାମ୍ନାରେ ପ୍ରକାଶ କରିପାରି ନ ଥିଲି । କିନ୍ତୁ ଭଗବାନଙ୍କର ବିଡ଼ମ୍ବନା ଥିଲା କିଛି ଅଲଗା । ମୁଁ ଆପଣଙ୍କୁ ବହୁତ ଅପେକ୍ଷା କଲି ନା ଆପଣ ଫେରିଲେ ନା ଆପଣଙ୍କର ଠିକଣା ମୁଁ ପାଇଲି । ମନରେ ବିଶ୍ୱାସ ବି ନ ଥିଲା ଆପଣ ମୋ ପ୍ରେମକୁ ବୁଝିପାରିଛନ୍ତି ବୋଲି । ତେଣୁ ଘର ଲୋକଙ୍କ ଇଚ୍ଛାରେ ମୁଁ ଅନ୍ୟତ୍ର ବିବାହ କରିନେଲି; କିନ୍ତୁ ମୋ ଭାଗ୍ୟ ମୋ ସାଙ୍ଗରେ ଖେଳ ଖେଳିଲା । ଭଗବାନ୍ ଠିକ୍ ମୋ ବିବାହର ପ୍ରଥମ ବାର୍ଷିକ ଦିନ ମୋଠାରୁ ମୋ ସ୍ୱାମୀଙ୍କୁ ଛଡ଼ାଇନେଲେ । ଆଉ ମୁଁ ଏକା ହୋଇ ରହିଗଲି । ନାଇଁ ଅନୀତା ଭଗବାନ୍ ଗୋଟେ ପଟରୁ ନେଇଗଲେ, ଆଉ ଗୋଟେ ଫେରେଇଦିଅନ୍ତି । ସେଇଥିପାଇଁ ମତେ ତୁମ ପାଖକୁ ପଠାଇଛନ୍ତି । ଆପଣ ଏ କ'ଣ କହିବାକୁ ଚାହୁଁଛନ୍ତି, ମୁଁ କିଛି ବୁଝିପାରୁନି । ଅନୀତା ମୁଁ ତୁମକୁ ବିବାହ କରିବାକୁ ଚାହେଁ । ସାରାଜୀବନ ତୁମକୁ ନିଜର କରିବାକୁ ଚାହେଁ । ଆପଣ ସେମିତି କୁହନ୍ତୁନି ମିଷ୍ଟର ସିଂ । ମୁଁ ବର୍ତ୍ତମାନ ବିଧବା, ସ୍ୱାମୀ ହୀନା । ପୁରୁଷମାନଙ୍କର ଦ୍ୱିତୀୟ ବିବାହ ହୋଇଥାଏ; କିନ୍ତୁ ବିଧବାର ପୁନଃବିବାହ ହୋଇ ନ ଥାଏ । ବିଧବା କେବଳ ଏ ସମାଜ ପାଇଁ କଳଙ୍କ । ଧନ୍ୟବାଦ ଆପଣଙ୍କୁ । ଆପଣ ଏତେ ଦୂରକୁ ଗଲାପରେ ବି ମତେ ମନେରଖିଛନ୍ତି । ଆପଣ ବର୍ତ୍ତମାନ ମୋ ପ୍ରେମକୁ ସ୍ୱୀକୃତି ଦେବାକୁ ଚାହୁଁଛନ୍ତି । ମୁଁ ଆଉ ଉପଯୁକ୍ତ ହୋଇ ରହିନାହିଁ ଆପଣଙ୍କୁ ବିବାହ କରିବାକୁ । ଆପଣ ମୋ ପ୍ରେମକୁ ବୁଝିବାକୁ ବହୁତ ଡେରି କରିଦେଲେ । ସବୁକଥା ଅନୀତା ମୁହଁରୁ ଶୁଣିସାରିଲା ପରେ ମିଷ୍ଟର ସିଂ କହିବା ଆରମ୍ଭ କରିଥିଲେ ନିଜ ମନର କଥା । ମୁଁ ଜାଣି ନଥିଲି ତୁମେ ବର୍ତ୍ତମାନ ବିଧବା ବୋଲି ଶୁଣିକି ବହୁତ କଷ୍ଟ ହେଲା । ତଥାପି ମୁଁ ତୁମକୁ ନିଜର କରିବାକୁ ଚାହେଁ । ତୁମେ ଜାଣିନ ଅନୀତା ତୁମ ବିନା ମୋ ଜୀବନ ସଂଜ୍ଞାହୀନ, ମୂଲ୍ୟହୀନ । ତୁମ ପାଖରୁ ଓହରେଇଗଲା ପରେ ମୁଁ ବୁଝିପାରିଥିଲି ତୁମର ପ୍ରେମକୁ । ତୁମର ନୂପୁରର ରୁଣୁଝୁଣୁ ଶବ୍ଦ ସବୁବେଳେ ମୋ ଧ୍ୟାନ ଭାଙ୍ଗିଥିଲା । ଏମିତି କୌଣସି ଦିନ ନାହିଁ ମୋ ଜୀବନର ଯୋଉଦିନ ତୁମେ ମୋର ମନେପଡ଼ିନ । ଦେଖ ମତେ ମୁଁ ଆଜିଯାଏ ବିବାହ କରିନାହିଁ ଅନୀତା କେବଳ ତୁମରି ପାଇଁ । ଜୀବନର ଶେଷନିଃଶ୍ୱାସ ପର୍ଯ୍ୟନ୍ତ ମୁଁ ତୁମ ସାଙ୍ଗରେ ରହିବାକୁ ଚାହେଁ ଅନୀତା । ମୁଁ ତୁମକୁ ବିବାହ କରି ସାରାଜୀବନ ପାଇଁ ନିଜର କରିବାକୁ ଚାହେଁ । ଆଉ ଏ ସମାଜ ? ସମାଜ କ'ଣ ଆପଣଙ୍କୁ ଅନୁମତି ଦେବ ମତେ ବିବାହ କରି ସ୍ତ୍ରୀ ରୂପେ ଗ୍ରହଣ କରିବାକୁ । ଆମେ ଏ ସମାଜଠାରୁ ବହୁତ ଦୂରକୁ ଚାଲିଯିବା ଯୋଉଠି ଆମକୁ କେହି ଚିହ୍ନି ନ ଥିବେ । ଯୋଉଠି କେବଳ ତୁମେ ଥିବ ଆଉ ମୁଁ ଥିବି । ମୁଁ କଥା ଦେଉଛି ସାରାଜୀବନ ତୁମ ଆଖିରେ ଲୁହ ଟିକେ ଆସିବାକୁ ବି ମୁଁ ଦେବିନି ଅନୀତା । ତୁମକୁ ଦୁଇଦିନ ସମୟ ଦେଉଛି, ତୁମେ ମୋ ପ୍ରସ୍ତାବକୁ ଭାବିଚିନ୍ତି ନିଷ୍ପତ୍ତି ଜଣାଇବ । ଅନୀତା ଫେରିଆସିଥିଲା ନିଜ ଘରକୁ । ମନେ ମନେ ବହୁତ ଖୁସି ହେଉଥିଲା ମିଷ୍ଟର ସିଂଙ୍କ ମୁହଁରୁ ପ୍ରେମ ନିବେଦନ ପାଇ । ନାଉରୀ ନ ଥିବା ନାଆକୁ ଯେମିତି କୂଳ ମିଳିଯାଇଥିଲା । ତା' ରଙ୍ଗହୀନ ଜୀବନରେ ଯେମିତି ଫଗୁଣ ରଙ୍ଗର ବର୍ଷା କରିଚାଲିଛି । ଅନୀତା ଜାଣିସାରିଥିଲା ମିଷ୍ଟର ସିଂଙ୍କ ଜୀବନରେ ତା' ସ୍ଥାନ ବିଶେଷ ଅନ୍ୟତମ । ତା' ମନ ତାକୁ ବାରମ୍ବାର କହୁଥିଲା ଯେମିତି ଆଜିଠାରୁ ତୁ ସଧବା । ସ୍ୱାମୀ ପରିଚୟରେ ପରିଚିତା ହେବୁ । ସିନ୍ଦୂର, ଶଙ୍ଖା, ଅଳତା, ନାଲି ପାଟଶାଢ଼ୀ ପିନ୍ଧି ପକା । ତା' ପରଦିନ ସକାଳୁ ନୂଆ ସୂର୍ଯ୍ୟ ଉଦୟ ହେଲା । ଅନୀତା ଜୀବନରେ ନୂଆ ଆଶାର କିରଣ ଯେମିତି ବିଞ୍ଛିହୋଇପଡୁଥିଲା । ମିଷ୍ଟର ସିଂ ଦେଇଥିବା ଦୁଇଦିନ ସମୟକୁ ଅନୀତା ଅପେକ୍ଷା କରିପାରିଲାନି । ସିଏ ଯାଇ ମିଷ୍ଟର ସିଂଙ୍କୁ ଏ ବିବାହ ପାଇଁ ସମ୍ମତି ଜଣାଇଲା । ଦୁହେଁ ନିଷ୍ପତ୍ତି ନେଲେ ମନ୍ଦିରରେ ବିବାହ କରିବା ପାଇଁ । ଅନୀତାକୁ ତା' ଜୀବନ ଦୁଇ ଦୁଇ ବିବାହ କରିବାକୁ ସୁଯୋଗ ଦେଇଥିବାରୁ ସିଏ ବହୁତ ଖୁସି ହୋଇ ବାହାଘରର

ଜିନିଷପତ୍ର କିଣାକିଣିରେ ଅନୀତା ଭାରି ବ୍ୟସ୍ତ । ବାହାଘର ତାର ଆଉ ସପ୍ତାହେ ଡେରି ରହିଲା । ତା'ପରେ ସିଏ ତା' ସ୍ୱାମୀ ସାଙ୍ଗରେ ସବୁଦିନ ପାଇଁ ଚାଲିଯିବ ବମ୍ବେ । ଗାଁ ମାଟି, ପାଣି, ପବନକୁ ସେ ଯେମିତି ମନଭରି ଉପଭୋଗ କରୁଥିଲା । ପାଖ ମନ୍ଦିରକୁ ଯାଇ ଅନୀତା ଠାକୁରଙ୍କୁ ଧନ୍ୟବାଦ ଜଣାଇଲା ।

ତା' ବାଟସାରା ଖାଲି ଫୁଲ ବିଛାହୋଇଯାଇଥିଲା । ପୁଣି ଥରେ ସିଏ ସଂସାର କରିବ, ପୁଣି ଥରେ ବୋହୂ ବେଶ ସାଜିବ । ତା' ଆଖିର ନିଦ ଯେମିତି ଉଡ଼ିଯାଇଥିଲା । ସାତ ଦିନର ଦୂରତା ତାକୁ ସାତଯୁଗ ପରି ଲାଗୁଥିଲା । ପୁଣି ଲୁଚି ଲୁଚି ସମାଜ ଆଖିରୁ ଏଇ ବାହାଘର ଯୋଗାଡ଼ ଚାଲିଥିଲା । ତେଣୁ ସିଏ ଚାହୁଁଥିଲେ ମଧ ମିଷ୍ଟର ସିଂଙ୍କୁ ଭେଟିବାକୁ ଯାଇପାରୁ ନ ଥିଲା । ମନ ଚାହୁଁଥିଲା ଗାଁ'ସାରା ନାଚି ନାଚି ସମସ୍ତଙ୍କୁ ଯାଇ କହିଦେବାକୁ ସିଏ ପୁଣିଥରେ ବିବାହ କରିବାକୁ ଯାଉଛି । ହେଲେ ପୁଣି ତା' ମନର ଡର ତାକୁ ବାଧ କରୁଥିଲା ପଛଘୁଞ୍ଚା ଦବାପାଇଁ । ତା' ମନର ମଣିଷ ମିଷ୍ଟର ସିଂଙ୍କ ପାଇଁ କେତେ ରାତି ସିଏ ଅଭିସାରିକା ସାଜିଥିଲା । କେତେ ବିରହ ଯନ୍ତ୍ରଣା ପାଇଥିଲା । ଜହ୍ନରାତିର ଶୀତଳ ଜ୍ୟୋସ୍ନା ତା' ଦେହ ମନକୁ କେତେ ଥର ଜାଳିଥିଲା । ଆଜି ସେ ପ୍ରତୀକ୍ଷାର ଅନ୍ତ ଘଟିବ । ବାହାଘର ରହିଲା ଆଉ ଦୁଇ ଦିନ ବାକି । ସବୁଦିନ ପାଇଁ ସିଏ ନିଜର କରିନେବ ମିଷ୍ଟର ସିଂଙ୍କୁ ।

ସେଦିନ ସକାଳୁ ସକାଳୁ ମିଷ୍ଟର ସିଂଙ୍କୁ ନିଦୁଆ ଆଖିରେ ଅନୀତା ଦେଖି ଚମକିପଡ଼ିଥିଲା । ଏତେ ସକାଳୁ ମିଷ୍ଟର ସିଂ କାହିଁକି ଆସିଛନ୍ତି । ବୋଧେ ମତେ ମନେପକାଇ ଦେବାକୁ ଆସିଛନ୍ତି ଯେ ବାହାଘର କାଲି ଆମର । ଆଉ ତା'ପରେ ସବୁଦିନ ପାଇଁ ମୁଁ ତାଙ୍କର ଆଉ ସେ ମୋର ହୋଇଯିବେ । ମିଷ୍ଟର ସିଂଙ୍କ ମୁଣ୍ଡରେ ଥିଲା ଚିନ୍ତାର ରେଖା । ଅନୀତା ପଚାରିଲା କ'ଣ ହେଲା, ଆପଣ ଏତେ ସକାଳୁ ଆସିଛନ୍ତି, ଆଉ ଚିନ୍ତିତ ମଧ ଦିଶୁଛନ୍ତି । ଅନୀତା ମୁହଁରୁ ପ୍ରଶ୍ନ ଶୁଣି ମିଷ୍ଟର ସିଂ ରାଗରେ ଭାରି କଣ୍ଠରେ କହିଲେ, ତୁମ ଜୀବନର ସବୁତକ ଅଡୁଆ ଗଣ୍ଠି ଖୋଲି କହିଲ ମତେ ହେଲେ ଆଉ କିଛି ଅଡୁଆ ଗଣ୍ଠି ବାକି ରଖିଦେଲ କାହିଁକି ? କଉ କଥା ଆପଣ କହୁଛନ୍ତି, ମୁଁ କିଛି ବୁଝିପାରୁନି । ତୁମେ ଠିକ୍ ବୁଝିଛ । ନ ବୁଝିବାର ଅଭିନୟ ବନ୍ଦ କର । ତୁମେ ଖାଲି ଜଣେ ବିଧବା ନୁହେଁ ବରଂ ତୁମେ ଜଣେ ବେଶ୍ୟା । ପ୍ରଥମେ ତ ମୁଁ ଏ କଥାକୁ ବିଶ୍ୱାସ କରିପାରି ନଥିଲି । ମୋ ମନର ମାନସୀ କେବେ ବି ଏତେ ନୀଚ କାମ କରି ନ ଥିବ । ଇଏ ପବନରେ ଉଡୁଥିବା କଥା ନା ସତ୍ୟ । କଥାର ସତ୍ୟତା ଖୋଜି ବାହାର କଲାପରେ ମତେ ମୋ ଉପରେ ଘୃଣା ଆସୁଛି । କୁହ ଅନୀତା, ଏ କଥା କ'ଣ ମିଛ ?

ଅନୀତା କହିଲା, ମୁଁ ଯାହା କରିଛି ସିଏ ଭୁଲ୍ କି ଠିକ୍ ମୁଁ କହିପାରିବିନି । କିନ୍ତୁ ଏତିକି କହିବି ମୁଁ ଆପଣଙ୍କୁ ବହୁତ ଭଲପାଏ ମିଷ୍ଟର ସିଂ । ମିଷ୍ଟର ସିଂ କହିଲେ, ତୁମେ ଯଦି ଥରଟିଏ କହିଦେଇଥାନ୍ତ କି ତୁମେ ଖାଲି ବିଧବା ନୁହଁ ବରଂ ଜଣେ ବେଶ୍ୟା, ତା'ହେଲେ ମୁଁ କେବେ ବି ତୁମକୁ ନେଇ ଏତେ ଆଗକୁ ଯାଇ ନ ଥାନ୍ତି । ଗୋଟେ ବିଧବାକୁ ବିବାହ କରି ପୁଣିଥରେ ସଂସାର ଗଢ଼ି ହୁଏ; କିନ୍ତୁ ବେଶ୍ୟାକୁ ନୁହେଁ । ତୁମେ ମୋ ବିଶ୍ୱାସରେ ବିଷ ମିଶାଇଛ ଅନୀତା । ତୁମେ ଜଣେ ଛଳନାମୟୀ ନାରୀ । ମୁଁ ତୁମକୁ ଘୃଣା କରେ ଅନୀତା । ନାଇଁ ମିଷ୍ଟର ସିଂ, ଆପଣ ସେମିତି ଜମା କୁହନ୍ତୁନି । ମୁଁ ଜାଣିଛି, ମୁଁ କିଛିଟା ଭୁଲ୍ କରିଦେଇଛି । କିନ୍ତୁ ସେହି ଭୁଲ୍ ପାଇଁ ଆପଣ କ'ଣ ମତେ ଏତେ ବଡ଼ ଶାସ୍ତି ଦେବେ । ଅନୀତା ନିଜ ପ୍ରେମ ନିବେଦନ କରି ମିଷ୍ଟର ସିଂଙ୍କ ପାଦ ତଳେ ଲୋଟିପଡ଼ିଲା । ସିଏ ଜାଣିଥିଲା, ସିଏ ଜଣେ ବେଶ୍ୟା, ସିଏ ଉଚ୍ଛିଷ୍ଟା । ତଥାପି ଚାହୁଁଥିଲା ମିଷ୍ଟର ସିଂ ତାକୁ ସ୍ତ୍ରୀ ରୂପରେ ସ୍ୱୀକାର କରନ୍ତୁ । ଆପଣ ଜାଣିନାହାନ୍ତି, ମୁଁ ଆପଣଙ୍କ ପାଇଁ କେତେ ରାତି ଅଭିସାରିକା ସାଜିଛି । କେତେ ବିରହର ଯନ୍ତ୍ରଣା ସହିଛି । ଆପଣ ମତେ ସାରାଜୀବନ ପାଇଁ ନିଜର କରିବାକୁ ଚାହୁଁନାହାନ୍ତି ଠିକ୍ ଅଛି । ମତେ କିନ୍ତୁ ଆପଣ ଗୋଟିଏ ରାତି ପାଇଁ ନିଜର କରିନିଅନ୍ତୁ । ମିଷ୍ଟର ସିଂ ଚୁପ୍‌ଚାପ୍ ସେ ସ୍ଥାନ ଛାଡ଼ି ପଳାଇଯିବାକୁ ଚାହିଁଛନ୍ତି । ଅନୀତା ତା'ର କାନ୍ଦ କାନ୍ଦ ସ୍ୱରରେ କହୁଥିଲା, ମିଷ୍ଟର ସିଂ ! ଦୟାକରି ଆପଣ ମତେ ଛାଡ଼ିଯାଆନ୍ତୁନି । କିନ୍ତୁ ମିଷ୍ଟର ସିଂଙ୍କ ହୃଦୟକୁ ଅନୀତାର ଦୁଃଖ ଭରା କାନ୍ଦ ତରଳାଇ ପାରିଲାନି । ସେଦିନ ମିଷ୍ଟର ସିଂ ଅନୀତାକୁ ସବୁଦିନ ପାଇଁ ଛାଡ଼ି ଚାଲିଗଲେ । ଅନୀତାର ଜୀବନରେ ପୁଣି ଥରେ ଆଶାର କିରଣ ବିଞ୍ଛି ହୋଇଥିଲା । ହେଲେ ତା' ଜୀବନରେ ପୁଣିଥରେ ଗ୍ରହଣ ଲାଗିଗଲା ତା' ଖୁସିରେ । ସିଏ ପୁଣି ଥରେ ଅଭିସାରିକା ସାଜି ରହିଗଲା । ଜାଣିନି ମିଷ୍ଟର ସିଂ ତା' ଜୀବନରେ ଆଉ ଫେରିବେ କି ନାହିଁ; ତଥାପି ଅଭିସାରିକା ସାଜି ମିଷ୍ଟର ସିଂଙ୍କ ଫେରିବା ବାଟକୁ ଚାହିଁରହିଛି ସେ । ଏତେ ପାଖରେ ଖୁସି ପାଇ ପୁଣି ଥରେ ସିଏ ସବୁକିଛି ହରାଇବସିଲା ।

*– ସେକ୍ଟର – ୧୭, ଏଫ୍, ଘାଜିଆବାଦ, ଉତ୍ତରପ୍ରଦେଶ*

# ଇନ୍ଦ୍ରଧନୁର ଭିନ୍ନ ରଙ୍ଗ

- ସୁବ୍ରତ ରଥ

ସେଦିନର ଇନ୍ଦ୍ରଧନୁର ରଙ୍ଗ ଓ ଆଜିର ଇନ୍ଦ୍ରଧନୁର ରଙ୍ଗ ଭିତରେ କିଛି ପାର୍ଥକ୍ୟ ଅନୁଭବ କରୁଥିଲେ ସୁଜିତବାବୁ । ପିଲାଦିନେ ଯେତେବେଳେ ମା' ପ୍ରଥମ କରି ତାଙ୍କୁ ଇନ୍ଦ୍ରଧନୁ ଦେଖାଇଥିଲେ ସେଦିନ ତାଙ୍କ ମନରେ ଏକ ଅଦ୍ଭୁତ ଶିହରଣ ଖେଳିଯାଇଥିଲା । ସେହିଦିନଠାରୁ ଇନ୍ଦ୍ରଧନୁକୁ ଦେଖି ସେ ନୂଆ ସପନ ଓ ନୂଆ ଉନ୍ମାଦନାରେ ହଜିଗଲେ । କେତେ କ'ଣ ରଙ୍ଗିନ୍ ଭାବନାରେ ମଜ୍‌ଗୁଲ ହୋଇ ସେ ଜୀବନକୁ ଗଢ଼ି ତୋଳିଲେ । ବାପା, ମା', ଭାଇଭଉଣୀଙ୍କର ଅନାବିଳ ସ୍ନେହରେ ସେ ଜୀବନର ପ୍ରତ୍ୟେକଟି ପାହାଚରେ ଇନ୍ଦ୍ରଧନୁର ରଙ୍ଗରେ ରଙ୍ଗାୟିତ ହୋଇ ଗତି କରିଚାଲିଲେ ।

ଜୀବନଠାରୁ ଯାହା କିଛି ଆଶା କରିଥିଲେ ପ୍ରାୟ ସବୁ କିଛି ପାଇଲେ । ଦର୍ଶନଶାସ୍ତ୍ରରେ ସ୍ନାତକୋତ୍ତର ଉପାଧି ହାସଲ କରି ସେ ନିଜ ଗାଁ କଲେଜରେ ପ୍ରଫେସର ହେଲେ । କାନ୍ତାଙ୍କୁ ବିବାହ କରି ସେ ଜୀବନରେ ନୂଆ ସ୍ୱପ୍ନର ସମ୍ଭାର ସୃଷ୍ଟି କଲେ । ଅନୁରାଗ ଓ ଅନୁଷ୍ଟୁପ ଦୁଇ ପୁଅଙ୍କୁ  କୋଳରେ ଧରି ସୁଜିତ୍ ଦେଖୁଥିଲେ ଏକ ଲମ୍ବା ରାସ୍ତା । ସେ ରାସ୍ତାରେ ତାଙ୍କୁ ଅବିଶ୍ରାନ୍ତ ଭାବରେ ଚାଲିବାକୁ ପଡ଼ିବ । ଜୀବନର ଆହ୍ୱାନକୁ ସାମ୍‌ନା କରି ତାଙ୍କୁ ପିଲାମାନଙ୍କର ଭବିଷ୍ୟତ ଗଢ଼ିବାକୁ ପଡ଼ିବ । ପରିଶେଷରେ ଶାନ୍ତାଙ୍କର ସମସ୍ତ ଅଳିଅର୍ଦ୍ଦଳି ମୁଣ୍ଡପାତି ସହିବାକୁ ପଡ଼ିବ ।

ଆନନ୍ଦର ସାଗରରେ ହଜି ସେଇ କ୍ଷୁଦ୍ର ପରିବାରର ଦିନଗୁଡ଼ିକ ଗଡ଼ି ଚାଲିଲା । ଅନୁରାଗ ଓ ଅନୁଷ୍ଟୁପ୍ ବଡ଼ ହୋଇ ସ୍ନାତକୋତ୍ତର ଉପାଧି ହାସଲ କଲେ । ମେଧାବୀ ଛାତ୍ର ହିସାବରେ ସେମାନେ ବାପା ଓ ମା'ଙ୍କର ଗୌରବ ବଜାୟ ରଖିଲେ । ଉଭୟେ ପଦାର୍ଥ ବିଜ୍ଞାନରେ ଉଚ୍ଚତର ଗବେଷଣା ପାଇଁ ଆମେରିକାର ଏକ ବିଶ୍ୱବିଦ୍ୟାଳୟରେ ବୈଜ୍ଞାନିକ ହିସାବରେ ନିଯୁକ୍ତି ପାଇଲେ ।

ଦୁଇ ପୁଅଙ୍କର ବାହାଘର ମଧ୍ୟ ସୁଜିତବାବୁ ବହୁତ ଆଡ଼ମ୍ବରପୂର୍ଣ୍ଣ ଭାବେ ସମ୍ପନ୍ନ କଲେ । ଯେଉଁଦିନ ଦୁଇ ପୁଅ ସେମାନଙ୍କର ପତ୍ନୀଦ୍ୱୟଙ୍କୁ ଧରି ଆମେରିକା ଯାତ୍ରା କଲେ ସେଦିନ ସୁଜିତ୍‌ବାବୁ ନିରବରେ ଆଖିରୁ ଲୁହ ଗଡ଼ାଉଥିଲେ । ସତରେ ଏତେ ବଡ଼ ଦୁନିଆଁରେ କେତେ ଏକୁଟିଆ ସେ ! ଶାନ୍ତା ତାଗିଦ୍ କଲେ– ପିଲାମାନଙ୍କର ଆନନ୍ଦରେ ଖୁସି ନ ହୋଇ ତୁମେ ଯଦି ଦୁଃଖରେ ଭାଙ୍ଗିପଡ଼ିବ ତେବେ ପିଲାମାନଙ୍କର  ଅନିଷ୍ଟ ହେବ । ସୁଜିତବାବୁ ନିଜକୁ ବୁଝାଇଲେ । ମନର କୋହକୁ ଛାତି ଭିତରେ ମିଳାଇଦେଇ ମୁକ୍ତ ଆକାଶକୁ ଅନାଇଲେ । ଆକାଶରେ ତାରା ଆଉ ଜହ୍ନ । ପ୍ରକୃତିର ସୌନ୍ଦର୍ଯ୍ୟରେ ହଜିଯାଇ ରାତ୍ରିରେ ନିଦ୍ରାଗଲେ ।

ସୁଜିତ୍‌ବାବୁ ଆଜି ଅବସର ନେଇଛନ୍ତି । ଦୀର୍ଘ ୩୭ ବର୍ଷର ଚାକିରି ପରେ ବ୍ୟାଙ୍କ କାର୍ଯ୍ୟରୁ ଅବ୍ୟାହତି ନେଇ ତାଙ୍କର ଅତିପ୍ରିୟ ପାର୍କରେ ବସିଛନ୍ତି । ପ୍ରବଳ ବର୍ଷା ପରେ ସୁଲୁସୁଲିଆ ପବନ ବହୁଅଛି । ମନରେ ଶୀତଳତା ପ୍ରବେଶ କରୁଛି । ସନ୍ଧ୍ୟା ହେବାକୁ ଅନେକ ସମୟ ବାକି ଅଛି । ପକ୍ଷୀମାନଙ୍କର କାକଳି ଶୁଭିଯାଉଛି । ଏହି ସମୟରେ ସୁଜିତ୍‌ବାବୁଙ୍କର ନଜର ପଡ଼ିଗଲା । ପୂର୍ବାକାଶର ବାଦଲ ଉପରେ ଲାଖି ରହିଥିବା  ସୁନ୍ଦର ଇନ୍ଦ୍ରଧନୁ ଉପରେ ।

ମା'ଙ୍କର କଥା ବହୁତ ମନେପଡ଼ିଲା । ଆଖିରୁ ଅବିଶ୍ରାନ୍ତ ଭାବେ ଲୁହ ଗଡ଼ିଚାଲିଲା । ଏତେବଡ଼ ଦୁନିଆଁରେ ସେ ଜଣେ କ୍ଲାନ୍ତ, ଶ୍ରାନ୍ତ ଓ ଦୀନ ପଥିକ । ସବୁ ଥାଇ ବି ଲାଗୁଥିଲା ସତେଯେପରି ପାଖରେ କିଛି ନାହିଁ । ବ୍ୟାଙ୍କର ଟଙ୍କା, ଘରେ ଚାକର ଓ ଗାଡ଼ି; ତଥାପି କିଛିରେ ଖୁସି ହୋଇପାରୁନାହାନ୍ତି ସେ । ସେଦିନ ମା' ଦେଖାଇଥିଲେ ଇନ୍ଦ୍ରଧନୁ । ଆଜି ସେ ନିଜେ ଦେଖୁଛନ୍ତି । ସେଦିନର ଇନ୍ଦ୍ରଧନୁର ରଙ୍ଗ ଓ ଆଜିର ଇନ୍ଦ୍ରଧନୁର ରଙ୍ଗ ଭିତରେ କେତେ ପାର୍ଥକ୍ୟ ସତରେ !

ଅତିକ୍ରାନ୍ତ ବୟସରେ ସେ ଇନ୍ଦ୍ରଧନୁକୁ ଏକାନ୍ତ ନିଜର କରିବାକୁ ପ୍ରୟାସ କରୁଥିଲେ । କିନ୍ତୁ ହାୟ, ନ ଥିଲା ପିଲାଦିନର ସେ ଚଞ୍ଚଳତା ଓ ଯୌବନର ସେ ଉଦ୍ଦାମତା । ଇନ୍ଦ୍ରଧନୁକୁ ଏକ ପ୍ରଶ୍ନବାଚୀ ଦୃଷ୍ଟି ଫିଙ୍ଗି ଦେଇଥିଲେ ସୁଜିତ୍ । କାହାପାଇଁ ତୁମେ ଇନ୍ଦ୍ରଧନୁ ? ଇନ୍ଦ୍ରଧନୁକୁ ସମ୍ବୋଧନ କରି ଗାଇ ଉଠିଥିଲେ–

ହେ ମୋର ପ୍ରିୟ ଇନ୍ଦ୍ରଧନୁ, ତୁମକୁ
ମୋର ପ୍ରାଣଭରା ପ୍ରଣାମ ।
ଆଜିର ଯୁବକ ଓ ଯୁବତୀମାନଙ୍କୁ ଦିଅ ସଦ୍‌ଜ୍ଞାନ ।
ମନ ଓ ବୁଦ୍ଧିକୁ ତାଙ୍କର କର ପ୍ରଖର
ଉଚ୍ଚ ମନା ହୋଇ ଟେକ ରଖନ୍ତୁ ସେମାନେ ଦେଶ ଓ ଜାତିର ।

ଆଖିର ଲୁହକୁ ପୋଛି ଦେଉଥିଲେ ସୁଜିତ୍‌ବାବୁ । ଆଜିର ଇନ୍ଦ୍ରଧନୁରେ ସେ ଦେଖିଥିଲେ ବିଭୁ ପ୍ରେମର ଇଙ୍ଗିତ । ମନ ତାଙ୍କର ପ୍ରଭୁ ଚରଣାରବିନ୍ଦରେ ହଜିଯାଉଥିଲା । ବାପା ଓ ମା'ଙ୍କର ସ୍ମୃତି ମାନସପଟରେ ଭାସିଯାଉଥିଲା । ମନେପଡ଼ିଯାଉଥିଲା ସେମାନଙ୍କର ସାଙ୍ଗରେ କଟାଇଥିବା ଦିନଗୁଡ଼ିକ ।

ଏଇ ସମୟରେ କାନ୍ତାଙ୍କର ଫୋନ୍ ଆସିଲା । କାନ୍ତା କହିଲେ– ଘରକୁ ଆସ । ଅନୁରାଗ ଓ ଅନୁଷ୍ଟୁପ ଫୋନ୍ କରିଛନ୍ତି । ତୁମକୁ ଖୋଜୁଛନ୍ତି । ସୁଜିତ୍‌ବାବୁ ଟିକେ ହସିଦେଲେ । ଇନ୍ଦ୍ରଧନୁକୁ ପ୍ରଣାମ କରି ସୁଲୁସୁଲିଆ ପବନ ଭିତରେ ଚାଲିଲେ । ଇନ୍ଦ୍ରଧନୁ ମନରେ ସୃଷ୍ଟି କରୁଥିଲା ବିଭୁପ୍ରେମର ଅଦ୍ଭୁତ ଶିହରଣ । ପ୍ରଭୁଙ୍କ ଉଦ୍ଦେଶ୍ୟରେ ସୁଜିତ୍‌ବାବୁ ଗାଇ ଉଠିଥିଲେ–

ହେ ପ୍ରଭୁ ତୁମେ ମୋର ଆଶ୍ରୟଦାତା, ପାଳନ କର୍ତ୍ତା ।
ଇନ୍ଦ୍ରଧନୁର ପ୍ରତ୍ୟେକ ରଙ୍ଗରେ ରହିଛି ତୁମର ବାର୍ତ୍ତା ।
ସେ ରଙ୍ଗକୁ ମଥାରେ ବୋଳି କାଟିବି ମୋ ବାକି ଜୀବନ
ତୁମେ ମୋର ଶେଷ ଆଶ୍ରୟ, ତୁମ ରୂପ ସଦା ଦେଖୁଥାଉ ମୋ ନୟନ ।

*- ଭି.ଆଇ.ଏମ୍. - ୨୭୨, ଶୈଳଶ୍ରୀ ବିହାର,*
*ଭୁବନେଶ୍ୱର।*


ROUT CLASSES
CBSE XII
2018 RESULT
For Mathematics
Akankshya Baisakh
DAV PUBLIC SCHOOL, CDA, Cuttack
MATH SCORE 98/100
Sidhartha
DAV, Chandrasekharpur, BBSR
MATH SCORE 96/100
Amit Pradhan
DAV Public School, CDA, Cuttack
MATH SCORE 95/100
Madhusmita Agasti
DAV PUBLIC SCHOOL, CDA, Cuttack
MATH SCORE 94/100
Nitu Mohapatra
MATH SCORE 91/100
Sarthak Satapathy
Mother's Public School, BBSR
MATH SCORE 90/100
Triparna Mishra
Delhi Public School
MATH SCORE 89/100
Bidyut
DAV Public School, Unit-8, BBSR
MATH SCORE 89/100
Namrata Jena
MATH SCORE 83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ୍ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ